# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଜୁନ୍ ୮/୨୦୨୨ (୧୬ ପୃଷ୍ଠା) | Rayagada, Wednesday, June 8/2022 | Page 16 | ₹ 7.00 | ★

୧୨ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ଲାଲୁଙ୍କ ପ୍ରକୋଷ୍ଠରେ ନିଆଁ**

ଝାଡ଼ଖଣ୍ଡ ପାଲାମୁ ଜିଲାରେ ସର୍କିଟ ହାଉସର ଏକ ପ୍ରକୋଷ୍ଠରେ ମଙ୍ଗଳବାର ସକାଳେ ଶଟ୍ ସର୍କିଟ୍‌ରୁ ନିଆଁ ଲାଗିଯାଇଥିଲା। ଉକ୍ତ ପ୍ରକୋଷ୍ଠରେ ଥିବା ଆର୍‌ଜେଡି ଅଧକ୍ଷ ଲାଲୁ ଯାଦବ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖୁବ୍‌ଶୀଘ୍ର ନିଆଁକୁ ଲିଭାଯାଇଥିଲା। ସକାଳ ୮ଟା ବେଳେ ଲାଲୁ ଜଳଖିଆ କରୁଥିବାବେଳେ କାନ୍ଥରେ ଲାଗିଥିବା ଫ୍ୟାନ୍‌ରେ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ଉକ୍ତ ରୁମ୍‌ର ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯିବା ସହ ନିଆଁ ଲିଭାଯାଇଥିଲା ବୋଲି ପାଲାମୁ ଡେପୁଟି କମିଶନର ଶଶୀରଞ୍ଜନ କହିଛନ୍ତି। ପରେ ଉକ୍ତ ଫ୍ୟାନ୍‌କୁ ହଟାଇ ଦିଆଯାଇଥିଲା।

## ସଂକ୍ଷେପରେ

### ଉପାସନା ସ୍ଥଳ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୭।୬ (ଆଇଏଏନ୍ଏସ୍):** ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ର କେତେକ ଧାରାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଆଇନ ବିରୋଧରେ ୮ ପିଟିଶନ ଦାଏର ହେଲାଣି। ନିକଟରେ ଅବସରପ୍ରାପ୍ତ ସେନା ଅଧିକାରୀ ଅନିଲ କବୋତ୍ର ଦାଖଲ କରିଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି, ବର୍ବର ଆକ୍ରମଣକାରୀଙ୍କ ବେଆଇନ କାର୍ଯ୍ୟକୁ ଆଇନସମ୍ମତ କରିବା ଲାଗି ୧୯୪୭ ଅଗଷ୍ଟ ୧୫କୁ ପଛୁଆ ଭାବେ କଟ୍-ଅଫ୍ ତାରିଖ ଧାର୍ଯ୍ୟ କରାଯାଇଥିଲା। ଉକ୍ତ ଆଇନ ଧର୍ମନିରପେକ୍ଷ ନୀତିର ଉଲ୍ଲଂଘନ କରୁଛି। ଉପାସନା ସ୍ଥଳୀ ଆଇନର ଧାରା ୨, ୩ ଏବଂ ୪ର ସାମ୍ବିଧାନିକ ବୈଧତାକୁ ସେ ଚ୍ୟାଲେଞ୍ଜ କରିଛନ୍ତି। ଧର୍ମରେ ବିଶ୍ୱାସ ରଖିବା, ଗ୍ରହଣ କରିବା ଓ ପ୍ରଚାର କରିବା ଅଧିକାର ହିନ୍ଦୁ, ଜୈନ, ବୌଦ୍ଧ, ଶିଖ୍ ସମସ୍ତଙ୍କର ରହିଛି। ସେମାନଙ୍କ ଅଧିକାର ଛଡ଼ାଇ ନେଉଥିବା ଆଇନ ପ୍ରଣୟନ ନ କରିବାକୁ ସମ୍ବିଧାନର ଅନୁଚ୍ଛେଦ ୧୩ରେ ବାରଣ କରାଯାଇଥିବା କବୋତ୍ର ତାଙ୍କ ପିଟିଶନରେ ଦର୍ଶାଇଛନ୍ତି। ତାଙ୍କ ବ୍ୟତୀତ ଆଇନଜୀବୀ, ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ, ଆଡଭୋକେଟ ରୁଦ୍ରବିକ୍ରମ ସିଂ, ଧର୍ମୀୟ ନେତା ସ୍ୱାମୀ ଜିତେନ୍ଦ୍ରାନନ୍ଦ ସରସ୍ୱତୀ ପ୍ରମୁଖ ଉପାସନା ସ୍ଥଳ ଆଇନକୁ ଚ୍ୟାଲେଞ୍ଜ କରିଛନ୍ତି।

### ମୂସେୱାଲା ହତ୍ୟା ମାମଲା
### ସେଲ୍ଫି ନେଇଥିବା ବ୍ୟକ୍ତିଙ୍କ ସମେତ ୮ ଗିରଫ

**ଚଣ୍ଡିଗଡ଼,୭।୬ :** ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲା ହତ୍ୟା ଘଟଣାରେ ତାଙ୍କ ପ୍ରଶଂସକ ପରିଚୟ ଦେଇ ସେଲ୍ଫି ନେଇଥିବା ବ୍ୟକ୍ତିଙ୍କ ସମେତ ୮ ଜଣଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ସେମାନେ ହେଲେ ହରିୟାଣା ସିର୍ସା ଅଞ୍ଚଳର ସନ୍ଦୀପ ସିଂ ଓରଫ କେକ୍‌ଡ଼ା, ଭଠିଣ୍ଡାର ମନପ୍ରୀତ୍ ସିଂ ଓରଫ ମନ୍ନା, ଫରିଦକୋଟ୍‌ର ମନପ୍ରୀତ୍ ଭାଉ, ଅମୃତସରର ସରାଜ ମିଣ୍ଟୁ, ପ୍ରଭଦୀପ ସିଦ୍ଧୁ ଓରଫ ପଚ୍ଚି, ମୋନୁ ଡାଗର, ପୱନ ବିଷ୍ଣୋଇ ଏବଂ ନସିବ୍। ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ଲଜିଷ୍ଟିକ୍ ସହାୟତା ଯୋଗାଇବା ସହ ଦୀର୍ଘଦିନ ଧରି ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ପୋଲିସ କହିଛି। ଗତ ମାସ ୨୯ ତାରିଖ ଅପରାହ୍ନ ୪ଟା ୩୦ରେ ସିଦ୍ଧୁ ତାଙ୍କ ପଡ଼ୋଶୀ ଗୁର୍‌ୱିନ୍ଦର ସିଂ ଏବଂ ଗୁର୍‌ପ୍ରୀତ୍ ସିଂଙ୍କ ସହ ଘରୁ ବାହାରିଥିଲେ। ସେ ତାଙ୍କ ମହିନ୍ଦ୍ରା ଥର୍ ଚଳାଇ ଯାଉଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ ଜଣ ଶୁଟରଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ କହିଛି।

### ପୀଡ଼ିତାଙ୍କ ଫଟୋ ଭିଡିଓ ଶେୟାର କରିଥିବା ବିଧାୟକଙ୍କ ନାଁରେ ମାମଲା

**ହାଇଦ୍ରାବାଦ,୭।୬:** ହାଇଦ୍ରାବାଦ୍ ଗ୍ୟାଙ୍ଗ୍ ରେପ୍ ମାମଲାରେ ପୀଡ଼ିତାଙ୍କ ଫଟୋ ଓ ଭିଡିଓ ପ୍ରଘଟ କରିବା ନେଇ ଭାଜପା ବିଧାୟକ ଏମ୍. ରଘୁନନ୍ଦନ ରାଓଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଗତ ୪ ତାରିଖରେ ବିଧାୟକ ଜଣଙ୍କ ଏକ ସମ୍ବାଦିକ ସମ୍ମିଳନୀ ଜରିଆରେ ପୀଡ଼ିତାଙ୍କ ଫଟୋ ଓ ଭିଡିଓ ଗଣମାଧ୍ୟମରେ ଦେଖାଇ ଥିଲେ। ଧାରା ୨୨୮-ଏ ଅନ୍ତର୍ଗତ ବିଧୟକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମେ' ୨୮ରେ ଏକ ପାର୍ଟିରୁ ପୀଡ଼ିତା ଫେରୁଥିବାବେଳେ ତାଙ୍କୁ ଘରେ ଛାଡ଼ିଦେବା କହି କାର୍ ଭିତରେ ୩ ନାବାଳକଙ୍କ ସମେତ ୫ ଜଣ ବଳାତ୍କାର କରିଥିଲେ।

# ଭାଜପାର ଲକ୍ଷ୍ମଣରେଖା

## ଧର୍ମ ଉପରେ ବିବାଦୀୟ କଥା ନ କହିବାକୁ ନେତାଙ୍କୁ ନିର୍ଦ୍ଦେଶ

- କେବଳ ସ୍ୱୀକୃତିପ୍ରାପ୍ତ ମୁଖପାତ୍ର ଟିଭି ବିତର୍କରେ ଭାଗ ନେବେ
- ବିବାଦୀୟ ମନ୍ତବ୍ୟକୁ ନିନ୍ଦା କଲେଣି ୧୫ ରାଷ୍ଟ୍ର




ନୂଆଦିଲ୍ଲୀ, ୭।୬

ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲ ପ୍ରଫେଟ୍ ମହମ୍ମଦଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଥମୁନି। ଗୋଟିଏ ପରେ ଗୋଟିଏ ଇସ୍‌ଲାମୀୟ ଦେଶ ଏହାକୁ ନିନ୍ଦା କରିବା ସହ ଭାରତ ଉପରେ କୂଟନୈତିକ ସ୍ତରରେ ଚାପ ପକାଉଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ସମାଲୋଚନା ପରେ ଶାସକ ଭାଜପା ଏବେ ନିଜ ନେତାଙ୍କ ପାଇଁ ଲକ୍ଷ୍ମଣରେଖା ଟାଣିଛି। ଏଣିକି ଭାଜପା ମିଡିଆ ସେଲ୍‌ରୁ ଅନୁମତି ନେଇ ଦଳୀୟ ନେତା ତଥା ମୁଖପାତ୍ର ଟିଭି ବିତର୍କରେ ଭାଗ ନେଇପାରିବେ ବୋଲି ଦଳ ନିଷ୍ପତ୍ତି ନେଇଛି। କୌଣସି ଧର୍ମକୁ ସମାଲୋଚନା କଲାଭଳି କିମ୍ବା ଧର୍ମୀୟ ଭାବନାକୁ ଆଘାତ ଦେବାଭଳି ମନ୍ତବ୍ୟ ସେମାନେ ଦେଇପାରିବେ ନାହିଁ ବୋଲି ଚେତାଇ ଦିଆଯାଇଛି। ମିଡିଆ ପ୍ୟାନେଲରେ ଆଲୋଚନାବେଳେ ସେମାନେ ଭାଷାଗତ ସଂଯମତା ରକ୍ଷା କରିବା ସହ ଉତ୍‌କ୍ଷିପ୍ତ ହୋଇ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟରୁ ବିରତ ରହିବାକୁ ମୁଖପାତ୍ରମାନଙ୍କୁ ସତର୍କ କରାଯାଇଛି। ଏଥିସହ କୌଣସି ବିଷୟ ଉପରେ ଆଲୋଚନାରେ ଭାଗନେବା ପୂର୍ବରୁ ଦଳୀୟ ମୁଖପାତ୍ରମାନେ ନିଜକୁ ପ୍ରସ୍ତୁତ କରିବେ ଏବଂ ଚ୍ୟାନେଲକୁ ଯିବାପୂର୍ବରୁ ନିଜ ସୀମା ଭିତରେ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। କେବଳ ଶୋ'ର ଏଜେଣ୍ଡା ଉପରେ ନିଜ ମତ କେନ୍ଦ୍ରୀଭୂତ ରଖିବେ। କେହି ଏପରି କରିବାକୁ ଉସୁକାଇଲେ ମଧ୍ୟ ଟ୍ରାପ୍‌ରେ ନ ଫସି ଭାବିଚିନ୍ତି ମତ ରଖିବାକୁ କୁହାଯାଇଛି। ସରକାରଙ୍କ ଜନମଙ୍ଗଳକାରୀ କାର୍ଯ୍ୟ ଉପରେ ଧ୍ୟାନ ଦେଇ ତାହାକୁ ଲୋକଙ୍କ ସମ୍ମୁଖରେ ରଖିବାକୁ ଭାଜପା ନେତାଙ୍କୁ ହାଇକମାଣ୍ଡଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଭାଜପାର ଦୁଇ ପୂର୍ବତନ ମୁଖପାତ୍ରଙ୍କ ବୟାନକୁ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିବା ଜାରି ରଖିଛନ୍ତି। ଏ ପର୍ଯ୍ୟନ୍ତ ଇରାକ୍, ଲିବ୍ୟା, ଇରାନ୍, କୁଏଟ୍, କାତାର, ସାଉଦି ଆରବ, ଓମାନ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଜୋର୍ଡାନ, ଆଫଗାନିସ୍ତାନ, ପାକିସ୍ତାନ, ବାହାରିନ୍, ମାଳଦ୍ୱୀପ, ତୁର୍କୀ, ଇଣ୍ଡୋନେସିଆ ଆଦି ୧୫ ମୁସ୍‌ଲିମ ରାଷ୍ଟ୍ର ସରକାରୀ ଭାବେ ପ୍ରଫେଟ ମହମ୍ମଦଙ୍କ ଉପରେ ମନ୍ତବ୍ୟକୁ ନେଇ ଭାରତ ବିରୋଧରେ ବିକ୍ଷୋଭ କରିଛନ୍ତି। ଏଥିସହ ଏହି ଦେଶଗୁଡ଼ିକ ଭାରତ ସରକାରଙ୍କ ପକ୍ଷରୁ କ୍ଷମା ଦାବି କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଉପରୋକ୍ତ ଦୁଇ ଭାଜପା ନେତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗତ ମେ ୨୬ରେ ଏକ ଟିଭି ବିତର୍କରେ ଭାଗ ନେଇ ନୂପୁର ଶର୍ମା ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏଥିସହ ନବୀନ ଜିନ୍ଦଲ ମଧ୍ୟ ଏକ ବିବାଦୀୟ ଟୁଇଟ୍ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଚାପ ପଡ଼ିବା ପରେ ଭାଜପା ରବିବାର ନୂପୁରଙ୍କୁ ନିଲମ୍ବନ କରିବା ସହ ନବୀନଙ୍କୁ ଦଳରୁ ବହିଷ୍କୃତ କରିଛି। ଏଥିସହ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକର ସମନର ଜବାବ ଦିଆଯାଇ ନୂପୁର ଓ ନବୀନଙ୍କ ମନ୍ତବ୍ୟ ଭାରତ ସରକାରଙ୍କ ଚିନ୍ତାଧାରାକୁ ପ୍ରତିଫଳିତ କରେନାହିଁ ବୋଲି କୁହାଯାଇଛି।

## ସତ୍ୟେନ୍ଦ୍ର, ସମ୍ପର୍କୀୟଙ୍କ ଘରୁ ୨.୮୨ କୋଟି ଟଙ୍କା, ୧.୮ କିଲୋ ସୁନା ଜବତ



ନୂଆଦିଲ୍ଲୀ,୭।୬

ମନି ଲଣ୍ଡରିଂ ମାମଲାରେ ଗିରଫ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ତାଙ୍କ ସହଯୋଗୀମାନଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ନଗଦ ୨.୮୨ କୋଟି ଟଙ୍କା ଏବଂ ୧.୮ କିଲୋଗ୍ରାମ ଓଜନର ସୁନା ଜବତ କରିଛନ୍ତି। ସୋମବାର ସେମାନଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ରାମ ପ୍ରକାଶ ଜେୱେଲର୍ସ ଲିଃ ପରିସରରୁ ୨.୨୩ କୋଟି ଟଙ୍କା ଜବତ ହୋଇଛି। ମନ୍ତ୍ରୀଙ୍କ ସମ୍ପର୍କୀୟ ବୈଭବ ଜୈନ, ଅଙ୍କୁଶ ଜୈନ ଏବଂ ନବୀନ ଜୈନ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ରହିଛନ୍ତି। ସେମାନେ ମନିଲଣ୍ଡରିଂ ମାମଲାରେ ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସହାୟତା କରିଥିଲେ ବୋଲି ଇଡି କହିଛି। ଗତ ମାସ ୩୦ରେ ଗିରଫ ହୋଇଥିବା ସତ୍ୟେନ୍ଦ୍ର ଏବେ ଇଡି ହାଜତରେ ଅଛନ୍ତି। ସେ ତାଙ୍କ ସ୍ତ୍ରୀ, ଝିଅ, ବନ୍ଧୁ ଓ ସହଯୋଗୀଙ୍କ ସହାୟତାରେ ହାୱାଲା କାରବାର ମାଧ୍ୟମରେ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲଣ୍ଡରିଂ କରିଥିବା ଅଭିଯୋଗ ହୋଇଥିଲା।

## ନୂପୁର ଶର୍ମାଙ୍କୁ ସମନ

**ବଢ଼ିଲା ସୁରକ୍ଷା ବ୍ୟବସ୍ଥା**



ଭାଜପାରୁ ନିଲମ୍ବନ ହେବାର ୨ ଦିନ ପରେ ନୂପୁର ଶର୍ମାଙ୍କୁ ମହାରାଷ୍ଟ୍ରର ମୁମ୍ବା ପୋଲିସ ମଙ୍ଗଳବାର ସମନ କରିଛି। ବିବାଦୀୟ ମନ୍ତବ୍ୟ ଉପରେ ବୟାନ ରେକର୍ଡ କରିବା ପାଇଁ ଆସନ୍ତା ୨୨ ତାରିଖରେ ନୂପୁରଙ୍କୁ ହାଜର ହେବାକୁ ଏଥିରେ କୁହାଯାଇଛି। ବିବାଦୀୟ ମନ୍ତବ୍ୟ ଦେବା ପରେ ବାରମ୍ବାର ହତ୍ୟା ଧମକ ପାଉଥିବା ନୂପୁରଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ନୂପୁରଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ସୁରକ୍ଷା ଯୋଗାଯାଇଥିବା ଦିଲ୍ଲୀ ପୋଲିସ କହିଛି। ତାଙ୍କୁ ଧମକ ମିଳୁଥିବା ନେଇ ନୂପୁର ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହାସହ ତାଙ୍କ ଘର ଠିକଣା ପ୍ରକାଶ ନ କରିବାକୁ ସେ ମିଡିଆକୁ ଅନୁରୋଧ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଏହାର ତଦନ୍ତ କରୁଛି।

## କାନପୁର ହିଂସା: ଭାଜପା ନେତା ଗିରଫ


ହର୍ଷିତ୍ ଶ୍ରୀବାସ୍ତବ

ନୂପୁର ଶର୍ମାଙ୍କ ମନ୍ତବ୍ୟକୁ କେନ୍ଦ୍ରକରି ଉତ୍ତରପ୍ରଦେଶ କାନପୁର ସହର ପରେଡ୍ ଚୌକରେ ଶୁକ୍ରବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ହିଂସାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ କାନପୁର ପୋଲିସ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ହର୍ଷିତ୍ ଶ୍ରୀବାସ୍ତବଙ୍କୁ ଗିରଫ କରିଛି। ଏଥିସହ ପିଏଫ୍‌ଆଇ ସଂଗଠନର ୩ ସଦସ୍ୟଙ୍କୁ ମଧ୍ୟ ଗିରଫ କରାଯାଇଛି। ଘଟଣାରେ ମୋଟ ଗିରଫଦାରି ସଂଖ୍ୟା ୫୦ରେ ପହଞ୍ଚିଛି। ପୂର୍ବରୁ ହିଂସାକାଣ୍ଡର ମାଷ୍ଟରମାଇଣ୍ଡ ଏମ୍ଏମ୍ଏ ଜୌହର ଫ୍ୟାନ୍ସ ଆସୋସିଏଶନର ଅଧକ୍ଷ ହୟାତ୍ ଜାଫର ହାସ୍‌ମୀଙ୍କୁ ପୋଲିସ ଗିରଫ କରିଥିଲା।

## ଗୋଆରେ ବିଦେଶିନୀଙ୍କୁ ବଳାତ୍କାର

ପଣଜୀ,୭।୬

ସ୍ୱାମୀଙ୍କ ସହ ଗୋଆ ବୁଲିବାକୁ ଆସିଥିବା ବ୍ରିଟିଶ ମହିଳାଙ୍କ ସହ ବଳାତ୍କାର। ଉତ୍ତର ଗୋଆରେ ଥିବା ସ୍ୱିଟ୍ ୱାଟ ବିଚ୍‌ରେ ୩୨ ବର୍ଷୀୟାଙ୍କ ସହ ବଳାତ୍କାର ହୋଇଥିବା ଅଭିଯୋଗ ସ୍ଥାନୀୟ ପୋଲିସ ଷ୍ଟେଶନରେ ହୋଇଛି। ତେବେ ଏ ଘଟଣାରେ ସମ୍ପୃକ୍ତ ଥିବା ଜଣେ ୩୨ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। ମହିଳା ଜଣଙ୍କ ସମୁଦ୍ରକୂଳରେ ବିଶ୍ରାମ ନେଉଥିବା ବେଳେ ଜଣେ ଯୁବକ ଆସି ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ।

## ସିଡିଏସ୍ ନିଯୁକ୍ତି ଲାଗି ବଦଳିଲା ନିୟମ

**ଲ୍ୟୁଟ୍‌ନାଣ୍ଟ ଜେନେରାଲ, ଏୟାର ମାର୍ଶାଲ, ଭାଇସ୍ ଆଡ୍‌ମିରାଲ ଯୋଗ୍ୟ ହୋଇପାରିବେ**

ନୂଆଦିଲ୍ଲୀ,୭।୬

ଦେଶର ପରବର୍ତ୍ତୀ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ଲାଗି କେନ୍ଦ୍ର ସରକାର ପ୍ରତିରକ୍ଷା ନିୟମାବଳୀରେ ସଂଶୋଧନ କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୬୨ ବର୍ଷରୁ କମ୍ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ, ଏୟାର ମାର୍ଶାଲ ଏବଂ ଭାଇସ ଆଡମିରାଲ ଏହି ପଦବୀ ଲାଗି ଯୋଗ୍ୟ ବିବେଚିତ ହୋଇପାରିବେ। ସଂଶୋଧିତ ନିୟମ ଅନୁଯାୟୀ ସ୍ଥଳସେନା, ବାୟୁସେନା ଓ ନୌସେନାର କାର୍ଯ୍ୟରତ ମୁଖ୍ୟମାନଙ୍କ ସମେତ ଉପରୋକ୍ତ ଅଧିକାରୀମାନଙ୍କୁ ସୈନ୍ୟବାହିନୀର ସର୍ବୋଚ୍ଚ ପଦବୀରେ ନିଯୁକ୍ତି ପାଇଁ ବିଚାରକୁ ନିଆଯାଇପାରିବ।

ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୮ରେ ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ଏହି ପଦବୀ ଖାଲି ପଡ଼ିଛି। ଉକ୍ତ ପଦବୀ ପୂରଣ ଲାଗି ସରକାର ସୋମବାର ବାୟୁସେନା, ସ୍ଥଳସେନା ଓ ନୌସେନା ପାଇଁ ଅଲଗା ବିଜ୍ଞପ୍ତି ଜାରି କରିଛନ୍ତି। ସାର୍ବଜନିକ ସ୍ୱାର୍ଥ ଦୃଷ୍ଟିରୁ ଜରୁରୀ ଅନୁଭବ କଲେ, କେନ୍ଦ୍ର ସରକାର ୬୨ ବର୍ଷ ହୋଇ ନ ଥିବା ଉପରୋକ୍ତ ଯେକୌଣସି ଅଧିକାରୀଙ୍କୁ ସିଡିଏସ୍ ନିଯୁକ୍ତ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ସରକାର ଆବଶ୍ୟକ ମନେକଲେ ସିଡିଏସ୍‌ଙ୍କ ସର୍ବାଧିକ ବୟସ ୬୫ ବର୍ଷ ପରେ ମଧ୍ୟ ବଢ଼ାଇପାରିବେ। ସେନାର ୩ ବାହିନୀର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଓ ଦେଶର ସାମରିକ ଶକ୍ତି ବୃଦ୍ଧି କରିବା ପାଇଁ ଜେନେରାଲ ରାୱତ ୨୦୨୦ ଜାନୁୟାରୀ ୧ରେ ପ୍ରଥମ ସିଡିଏସ୍ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।


ଆସାମ- ମେଘାଳୟ ସୀମାର ଗାମେରୀମୁରା ଗ୍ରାମରେ ବୈଖୋ ଉତ୍ସବ ଅବସରରେ ରଭା ସମ୍ପ୍ରଦାୟର ମହିଳାମାନେ ପାରମ୍ପରିକ ପୋଷାକରେ ପୁରୁଷଙ୍କ ସହ ଏକ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

## ସଲମାନଙ୍କୁ ମିଳିନି ହତ୍ୟା ଧମକ

ମୁମ୍ବାଇ,୭।୬

ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କୁ କୌଣସି ହତ୍ୟା ଧମକ ମିଳିନାହିଁ। ସୋମବାର ସନ୍ଧ୍ୟାରେ ହତ୍ୟା ଧମକ ସଂକ୍ରାନ୍ତରେ ମୁମ୍ବାଇ ପୋଲିସ ସଲମାନଙ୍କ ବୟାନ୍ ରେକର୍ଡ କରିଥିଲା। ତେବେ ବାପା ସଲିମ କିମ୍ବା ତାଙ୍କୁ କୌଣସି ପ୍ରକାର ହତ୍ୟା ଧମକ ମିଳି ନ ଥିବା ସଲମାନ ନିଜେ ପୋଲିସ ଆଗରେ କହିଛନ୍ତି। ପଞ୍ଜାବୀ ସିଙ୍ଗର ତଥା କଂଗ୍ରେସ ନେତା ସିଦ୍ଧୁ ମୂସେ ୱାଲାଙ୍କ ହତ୍ୟା ମାମଲାରେ ଗିରଫ ହୋଇଥିବା ଲରେନ୍ସ ବିଷ୍ଣୋଇଙ୍କୁ ଏ ସଂକ୍ରାନ୍ତରେ ପଚରା ଯାଇଥିବାବେଳେ ସେ କିଛି ଜାଣି ନ ଥିବା କହିଥିଲେ। ପ୍ରତ୍ୟେକ ଦିନ ମର୍ନିଙ୍ଗ୍‌ୱାର୍କ ସାରି ସଲମାନ ଆସି ବସୁଥିବା ବେଞ୍ଚରେ ଏକ ବେନାମୀ ଚିଠି ତାଙ୍କ ସୁରକ୍ଷାକର୍ମୀଙ୍କ ହସ୍ତଗତ ହୋଇଥିଲା। ତେବେ ଉକ୍ତ ଚିଠିରେ ସଲିମ ଏବଂ ସଲମାନ ଖାନ୍‌ଙ୍କୁ ଜୀବନରୁ ମାରିଦେବା କଥା ଲେଖାଥିବା ଗଣମାଧ୍ୟମରେ ଏକାଧିକ ଖବର ପ୍ରକାଶ ପାଇଥିଲା।

## ପଳାତକ ଗୁପ୍ତା ବ୍ରଦର୍ସ ଗିରଫ

ଜୋହାନ୍ସବର୍ଗ/ଦୁବାଇ, ୭।୬


ରାଜେଶ ଗୁପ୍ତା ଓ ଅତୁଲ ଗୁପ୍ତା

ଦକ୍ଷିଣ ଆଫ୍ରିକାର ସବୁଠୁ ବଡ଼ ଉଦ୍ୟୋଗପତି ତଥା ଭାରତୀୟ ବଂଶୋଦ୍ଭବ ରାଜେଶ(୫୧) ଏବଂ ଅତୁଲ ଗୁପ୍ତା(୫୩)ଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଦୁବାଇ ପୋଲିସ ମଙ୍ଗଳବାର ଗିରଫ କରିଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକୋବ ଜୁମାଙ୍କ ସହ ଗୁପ୍ତା ବ୍ରଦର୍ସ ବ୍ୟାପକ ଦୁର୍ନୀତି, ମନି ଲଣ୍ଡରିଂ ସମେତ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ଏଥିଯୋଗୁ ଜାକୋବ ଜୁମାଙ୍କୁ ରାଷ୍ଟ୍ରପତି ପଦ ହରାଇବାକୁ ପଡ଼ିଥିଲା। ପରେ ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଗୁପ୍ତା ବ୍ରଦର୍ସ ଦକ୍ଷିଣ ଆଫ୍ରିକା ପୋଲିସର ମୋଷ୍ଟୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ।

ଉତ୍ତରପ୍ରଦେଶରେ ଜନ୍ମିତ ଗୁପ୍ତା ବ୍ରଦର୍ସ ଦକ୍ଷିଣ ଆଫ୍ରିକା ଯାଇ ସେଠାରେ ବହୁ କୋଟି ସମ୍ପତ୍ତିର ମାଲିକ ହୋଇପାରିଥିଲେ। ଗୁପ୍ତା ବ୍ରଦର୍ସ ଦକ୍ଷିଣ ଆଫ୍ରିକାର ଶାସନକୁ ମଧ୍ୟ ନିଜ ହିସାବରେ ନିୟନ୍ତ୍ରଣ କରିବାରେ ଲାଗିଲେ। ତତ୍କାଳୀନ ରାଷ୍ଟ୍ରପତି ଜାକୁବ ଜୁମାଙ୍କ ସହ ଗୁପ୍ତା ବ୍ରଦର୍ସଙ୍କ ଘନିଷ୍ଠତା ବଢ଼ିଥିଲା। ସେମାନେ ରାଷ୍ଟ୍ରପତିଙ୍କ ନିକଟତମ ବ୍ୟକ୍ତି ଭାବେ ପରିଚୟ ଦେଇ ଅନେକ ଠକେଇ କରିବା ସହ ବ୍ୟାପକ ଅର୍ଥଲୁଟ୍ କରିଥିବା ନେଇ ୨୦୧୬ରେ ଅଭିଯୋଗ ଆସିଥିଲା। ବିରୋଧ ଯୋଗୁ ଜାକୋବ୍ ଜୁମାଙ୍କୁ ୨୦୧୮ରେ ରାଷ୍ଟ୍ରପତି ପଦରୁ ହଟାଇ ଦିଆଯାଇଥିଲା। ପରେ ଗୁପ୍ତାବ୍ରଦର୍ସ ଦୁବାଇ ପଳାଇଥିଲେ।

## ଭାରତରେ ୧୫୦% ବଢ଼ିଛି ମଧୁମେହ

**ନୂଆ ଗାଇଡ୍‌ଲାଇନ ଜାରି କଲା ଆଇସିଏମ୍ଆର୍**

ନୂଆଦିଲ୍ଲୀ,୭।୬



ବିଶ୍ୱର ଦ୍ୱିତୀୟ ସର୍ବାଧିକ ମଧୁମେହ ଆକ୍ରାନ୍ତ ବୟସ୍କ ବ୍ୟକ୍ତି ଭାରତରେ ରହିଛନ୍ତି। ପ୍ରତି ୬ ମଧୁମେହ ରୋଗୀଙ୍କ ମଧ୍ୟରେ ଜଣେ ଭାରତୀୟ ବୋଲି ଜଣାପଡ଼ିଛି। ଗତ ୩ ଦଶନ୍ଧି ମଧ୍ୟରେ ଦେଶରେ ଡାଇବେଟିସ୍ ରୋଗୀ ସଂଖ୍ୟା ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଦେଶର କେତେକ ଅଞ୍ଚଳରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଟାଇପ୍-୧ ଡାଇବେଟିସ୍ ଥିବା ଲୋକଙ୍କ ଉତ୍ତମ ଚିକିତ୍ସା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ନୂଆ ଗାଇଡ୍‌ଲାଇନ ଜାରି କରିଛି। କୋଭିଡ୍ ଯୋଗୁ ମଧୁମେହ ରୋଗୀ ଗୁରୁତର ପ୍ରଭାବିତ ହୋଇଛନ୍ତି। ସେମାନେ କୋଭିଡ୍‌ରେ ଅଧିକ ଗୁରୁତର ହେବା ସହ ମୃତ୍ୟୁହାର ମଧ୍ୟ ଅଧିକ ରହିଥିଲା। ଏବେ କମ୍ ବୟସ୍କଙ୍କଠାରେ ଟାଇପ୍-୨ ଡାଇବେଟିସ୍ ଚିହ୍ନଟ ହେବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଆଇସିଏମ୍ଆର୍ କହିଛି। ଉଭୟ ସହର ଓ ଗ୍ରାମାଞ୍ଚଳରେ ୨୫ରୁ ୩୪ ବର୍ଷ ବୟସ ବର୍ଗର ଲୋକଙ୍କଠାରେ ମଧୁମେହ ଦେଖାଦେଉଛି। ବିଶ୍ୱରେ ୨୦ ବର୍ଷରୁ କମ୍ ୧୧ ଲକ୍ଷ ଟାଇପ୍-୧ ଡାଇବେଟିସ ଆକ୍ରାନ୍ତ ଏବଂ ପ୍ରତିବର୍ଷ ଏହି ସଂଖ୍ୟା ୧.୩ ଲକ୍ଷ ବଢ଼ୁଛି।

ଆଇସିଏମ୍ଆର୍ ଗାଇଡଲାଇନ ଅନୁଯାୟୀ ଟାଇପ୍-୧ ଡାଇବେଟିସକୁ ନିୟନ୍ତ୍ରଣରେ ରଖିବାରେ ଜୀବନଶୈଳୀ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିସହ ଗ୍ଲିସେମିଆ ଉପରେ ପଥ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପର ପ୍ରଭାବକୁ ମଧ୍ୟ ବୁଝିବାକୁ ହେବ। ରକ୍ତଚାପ, ଓଜନ, ଲିପିଡ୍ ସ୍ତରକୁ ଉପଯୁକ୍ତ ସ୍ତରରେ ରଖିବା ସହ ପିଲାଙ୍କ ସ୍ୱାସ୍ଥ୍ୟ ବୃଦ୍ଧି ଓ ବିକାଶ ପାଇଁ ପର୍ଯ୍ୟାପ୍ତ ପୁଷ୍ଟିସାର ବ୍ୟବସ୍ଥା କରିବା ଆବଶ୍ୟକ। ଦକ୍ଷିଣ ଓ ଉତ୍ତର ଭାରତୀୟଙ୍କ ଖାଦ୍ୟରେ ଶ୍ୱେତସାର ପରିମାଣ ଅଧିକ ରହିଥାଏ। ନିୟମିତ ଶାରୀରିକ ପରିଶ୍ରମ ବଢ଼ାଇଲେ ମେଦବହୁଳତା ଏବଂ ହୃଦ୍‌ରୋଗ ଆଶଙ୍କା କମିବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ସାଧାରଣତଃ ଡାଇବେଟିସ ଚିହ୍ନଟ ହେବା ପରେ ପିଲା ଓ ବୟସ୍କମାନେ ଇନ୍‌ସୁଲିନ୍ ଆବଶ୍ୟକ କରିଥାନ୍ତି ଓ ଏହାକୁ ସାରା ଜୀବନ ବ୍ୟବହାର କରିଥାନ୍ତି। ସେଗୁଡ଼ିକର ବ୍ୟବହାର ବେଳେ ସାବଧାନତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ଡାଇବେଟିସ୍ ଔଷଧ ଓ ଇନ୍‌ସୁଲିନ୍ ନେବା ପୂର୍ବରୁ ଡାକ୍ତର, ପରାମର୍ଶଦାତା, ପୋଷଣବିଦ୍‌ଙ୍କ ପରାମର୍ଶ ନେବା ଆବଶ୍ୟକ। ଇନ୍‌ସୁଲିନ୍‌ର ପାର୍ଶ୍ୱ ପ୍ରତିକ୍ରିୟା ରହିଛି। ଏଥିଯୋଗୁ ହାଇପୋଗ୍ଲିସେମିଆ, ଓଜନ ବଢ଼ିବା ଓ ସଂକ୍ରମଣ ହୋଇଥାଏ। ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇସିଏମ୍ଆର୍ କହିଛି।

# ଧରିତ୍ରୀ
DHARITRI

ବୁଧବାର, ଜୁନ୍ ୮/୨୦୨୨ (୧୬ ପୃଷ୍ଠା) | Wednesday, June 8/2022 | Page 16 | ପୃଷ୍ଠା-୧




**ଅବନୀ ଲେଖାରାଙ୍କୁ ସ୍ୱର୍ଣ୍ଣ ପଦକ**

ପାରା ଶୁଟିଂ ବିଶ୍ୱକପ୍ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍.ଏସ୍-୧ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ଅବନୀ ଲେଖାରା।

୧୪

୧୦

**ସତ ହେଲା ଗୁଜବ**

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀଙ୍କୁ ନୋଟ୍‌ବୁକ୍ ଫେମ୍ ଜାହିର ଇକ୍‌ବାଲ ପ୍ରେମ କରୁଥିବା ସୋସିଆଲ ମିଡିଆ ପୋଷ୍ଟ ଜରିଆରେ କହିଛନ୍ତି।



# ଭଲ ମଣିଷ ପାଗଳ

**ତଥାଗତ ସତପଥୀ**

ସରକାରୀ ବ୍ୟବସ୍ଥା ଭିତରେ ରହି ବ୍ୟବସ୍ଥାକୁ ବିରୋଧ କରି ଦାଣ୍ଡରେ ରହିବା ବହୁ କଷ୍ଟକର। କାରଣ ଆଜିର ସମୟରେ ବଡ଼ବଡ଼ିଆଙ୍କ ବିରୋଧରେ ମୁହଁ ଖୋଲିଲେ ପରିଣତି କେତେ ଭୟଙ୍କର ହୋଇଥାଏ ସେହି ବିଷୟରେ ସମସ୍ତେ ଜାଣନ୍ତି। ବିଶେଷକରି ପୋଲିସ ପ୍ରଶାସନକୁ ସମାଲୋଚନା କଲେ ଆପଣଙ୍କ ସ୍ଥିତି ଅସମ୍ଭାଳ ଓ ଭୟଙ୍କର ହୋଇଯିବ। ଓଡ଼ିଶା ସମେତ ଭାରତର ସବୁ ରାଜ୍ୟରେ ସମାନ ଅବସ୍ଥା। ଆମ ରାଜ୍ୟରେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇଥିବା ଜଣେ ଚାକିରିଆଙ୍କୁ ବ୍ୟବସ୍ଥା କିଭଳି ପାଗଳ ଆଖ୍ୟା ଦେଇଛି, ତାହା ଏବେ ହାସ୍ୟାସ୍ପଦ ମନେହେଉଛି।

ଗତ ସପ୍ତାହରେ ପୁରୀ ଜିଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଉଭୟ ପୁରୀ ପୋଲିସ ଓ ଜିଲା ଅବକାରୀ ଅଧୀକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ରାଜ୍ୟ ପ୍ରଶାସନ ଓ ଶାସନରେ ହଇଚଇ ସୃଷ୍ଟି ହୋଇଥିଲା। ସଞ୍ଜୟ ଅଭିଯୋଗ କରିଥିଲେ ଯେ, ଅବକାରୀ ବିଭାଗ ଚଢ଼ାଉ କରୁଛି। ମାତ୍ର ପୁରୀ ପୋଲିସ ନିଶା ବେପାରୀଙ୍କଠାରୁ ଅର୍ଥ ନେଇ ସେମାନଙ୍କୁ ଛାଡ଼ି ଦେଉଛି। ସଞ୍ଜୟଙ୍କ ଏହି ମତ ଯେ ସମ୍ପୂର୍ଣ୍ଣ ସତ୍ୟ, ସେ ସମ୍ପର୍କରେ କୌଣସି ସାଧାରଣ ନାଗରିକର ସନ୍ଦେହ ରହିବା ଉଚିତ ନୁହେଁ। ସଞ୍ଜୟ ଆହୁରି ମଧ୍ୟ କହିଥିଲେ, ନିଶା ବେପାରୀମାନେ ଅବକାରୀ ବିଭାଗକୁ ଡରୁ ନାହାନ୍ତି। ଅବକାରୀ ବିଭାଗରେ ପୋଲିସର ହସ୍ତକ୍ଷେପ ବଢ଼ୁଛି। ପୁରୀ ଅବକାରୀ ଅଧୀକ୍ଷକ ମଧ୍ୟ କୌଣସି କଥାକୁ ଗୁରୁତ୍ୱର ସହ ନେଉନାହାନ୍ତି କିମ୍ବା ପୋଲିସର ହସ୍ତକ୍ଷେପକୁ ବିରୋଧ କରୁନାହାନ୍ତି। ଏସବୁ ବିଷୟକୁ ନେଇ ସଞ୍ଜୟ ଅବକାରୀ କମିଶନରଙ୍କୁ ଚିଠି ଲେଖିଥିଲେ। ଘଟଣା ପ୍ରଘଟ ହେବା ପରେ ସଞ୍ଜୟଙ୍କୁ କିଭଳି ପାଗଳ ପ୍ରମାଣିତ କରିହେବ ସେଥିନେଇ ପୋଲିସ ସ୍ତରରେ ଯୋଜନା କରାଯାଇଥିବା ଘଟଣାପ୍ରବାହକୁ ଦେଖିଲେ ବୁଝିବା କଷ୍ଟକର ନୁହେଁ। ପୁରୀ ଅବକାରୀ ଅଧୀକ୍ଷକ ଏହି ଘଟଣା ଉପରେ ଯେଭଳି ମତ ରଖିଛନ୍ତି ତାହା ସାଧାରଣରେ ଗ୍ରହଣଯୋଗ୍ୟ ହୋଇ ନ ପାରେ। କାରଣ ନିଜ ପ୍ରତିକ୍ରିୟାରେ ଅବକାରୀ ଅଧୀକ୍ଷକ କହିଛନ୍ତି, ସଞ୍ଜୟ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଔଷଧ ଖାଉଥିବା ତାଙ୍କ ଭଉଣୀ ଓ ସ୍ତ୍ରୀ ପୂର୍ବରୁ ତାଙ୍କୁ କହିଥିଲେ। କିନ୍ତୁ ଅବକାରୀ ଅଧୀକ୍ଷକଙ୍କୁ ପଚାରିବାରୁ ସେ ସଞ୍ଜୟଙ୍କ ବାସ୍ତବ ମାନସିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିପାରିବେ ନାହିଁ ବୋଲି କହିଛନ୍ତି। ଏଥିରୁ ବୁଝିବା କଷ୍ଟକର ନୁହେଁ ଯେ, ବିଭାଗୀୟ ଅଧିକାରୀ ଏବେ ଲାଗିପଡ଼ି ସଞ୍ଜୟଙ୍କୁ ମାନସିକ ରୋଗଗ୍ରସ୍ତ ପ୍ରମାଣିତ କରିପାରିଲେ ଚାକିରି ବଞ୍ଚାଇବେ। ତାଙ୍କର ଏହି ଉଦ୍ୟମ ସହିତ ପୁରୀ ଜିଲା ପୋଲିସର ସବୁ ଶକ୍ତି ନିଶ୍ଚିତ ଭାବେ ଲାଗିପଡ଼ିଥିବ। ଉଭୟ ବିଭାଗର ପ୍ରବଳ ଚାପରେ ବୋଧଗମ୍ୟ ମଣିଷ ମଧ୍ୟ ଭୟଭୀତ ହୋଇଯିବ। ସଞ୍ଜୟ ଜଣେ କନିଷ୍ଠ ସରକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମାନସିକ ଭାରସାମ୍ୟକୁ ଦୋହଲାଇ ଦେବା ସକାଶେ ଏହିଭଳି ଚାପ ଯଥେଷ୍ଟରୁ କାହିଁ ଅଧିକ।

> **ଏବେ ଦୁର୍ନୀତି ପଦାରେ ପକାଇ ଦେଇଥିବାରୁ ପୁରୀ ପୋଲିସ ଓ ଅବକାରୀ ଅଧିକାରୀମାନେ ମାଡ଼ିବସି ସଞ୍ଜୟ ପଣ୍ଡାଙ୍କୁ ପାଗଳ କରିଦେବାକୁ ସବୁ ଖଞ୍ଜ କରିଛନ୍ତି।**

ଅନ୍ୟପକ୍ଷରେ ସଞ୍ଜୟ ପ୍ରଶ୍ନ କରିଛନ୍ତି, ସେ ଯଦି ପାଗଳ ବୋଲି ପୂର୍ବରୁ ଜଣାପଡ଼ିଥିଲା, ତେବେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ହୋଇ ନ ଥିଲା। ଅବକାରୀ ଅଧୀକ୍ଷକ ନିଜକୁ ବଞ୍ଚାଇବାକୁ ଯାଇ ତାଙ୍କୁ ପାଗଳ ଆଖ୍ୟା ଦେଇଛନ୍ତି ବୋଲି ସଞ୍ଜୟ ଯେଉଁ ଯୁକ୍ତି ବାଢ଼ିଥିଲେ, ତାହା ଅତ୍ୟନ୍ତ ବିଶ୍ୱାସଯୋଗ୍ୟ। ତେବେ ଅତି କୌତୂହଳର ବିଷୟ ଯେ, ଯେଉଁ ସଞ୍ଜୟ ଗତ ୪ ଦିନ ଧରି ନିଜ ବିଭାଗର ଉପରିସ୍ଥ ଅଫିସର ଓ ପୋଲିସ ବିଷୟରେ ବିଷୋଦ୍‌ଗାର କରୁଥିଲେ ଅଚାନକ ୭ ଜୁନ୍‌ରେ ମତ ପରିବର୍ତ୍ତନ କରିଦେଇଛନ୍ତି। ଏକ ଭିଡିଓ ଜାରି କରି ସେ କହିଛନ୍ତି, ତାଙ୍କୁ ୨୦୨୦ ଅକ୍ଟୋବରରେ କୋଭିଡ୍ ହୋଇଥିଲା। ସେଥିପାଇଁ ତାଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଯାଇଛି। ସେ ଆରୋଗ୍ୟ ହେବା ପାଇଁ ଯେଉଁ ଔଷଧ ଖାଉଥିଲେ ତାହା ମାସେ ହେବ ମିଳୁ ନ ଥିବାରୁ ମାନସିକ ସ୍ଥିତି ଆହୁରି ବିଗିଡ଼ିଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଭଲ ଓ ପୁରୀ ପୋଲିସ ସବୁ କାର୍ଯ୍ୟରେ ସହଯୋଗ କରନ୍ତି ବୋଲି ସଞ୍ଜୟ କହିବା ପରେ ପୁରୀବାସୀ ହସିବା କଥା।

ପୁରୀ ପୋଲିସ ହୁଅନ୍ତୁ ବା ଦେଶର ଯେକୌଣସି ପ୍ରାନ୍ତର ଏହି ଆଇନଶୃଙ୍ଖଳା ରକ୍ଷାକାରୀ ବାହିନୀର ଚରିତ୍ର ବିଷୟରେ ଜନସାଧାରଣ ଭଲ ଭାବେ ଅବଗତ। ସମସ୍ତେ ଜାଣନ୍ତି, ଅନେକ ଢାବା ଓ ରେଷ୍ଟୁରାଣ୍ଟରେ 'ପୋଲିସ ମିଲ୍' ପ୍ରସ୍ତୁତ କରାଯାଇ ରଖାଯାଇଥାଏ। ପଚାଶଢ଼ା ପନିପରିବା, ପୁଷ୍ଟି, ଚର୍ବି ଏପରିକି ଅଇଁଠା ଓ ବଳିଥିବା ଖାଦ୍ୟକୁ ମିଶାଯାଇ ପ୍ରସ୍ତୁତ ହୋଇଥିବା ବିରିୟାନୀ ସେମାନଙ୍କୁ ଯୋଗାଇ ଦିଆଯାଏ। ସେଥିପାଇଁ ସାଧାରଣରେ କୁହାଯାଇଥାଏ ଯେ, ଥାନାରେ ବିରିୟାନୀ ଖାଅ ନାହିଁ। ପୋଲିସ ପ୍ରତି ଏଭଳି ଘୃଣାଭାବ ପାଇଁ ପୋଲିସ ନିଜେ ଦାୟୀ। ଏହା ସତ୍ୟ ଯେ ଉପରିସ୍ଥ ଅଧିକାରୀଙ୍କ ଆଶୀର୍ବାଦ ନ ଥିଲେ ତଳ ସ୍ତରର କର୍ମଚାରୀ ଉଦ୍ଦୁରମଣ୍ଡା ହୋଇ ବଟି ଆଦାୟଠାରୁ ଆରମ୍ଭକରି ଯାବତୀୟ ବେଆଇନ କାର୍ଯ୍ୟ କେବେ କରିପାରନ୍ତେ ନାହିଁ।

ଏବେ ଦୁର୍ନୀତି ପଦାରେ ପକାଇ ଦେଇଥିବାରୁ ପୁରୀ ପୋଲିସ ଓ ଅବକାରୀ ଅଧିକାରୀମାନେ ମାଡ଼ିବସି ସଞ୍ଜୟ ପଣ୍ଡାଙ୍କୁ ପାଗଳ କରିଦେବାକୁ ସବୁ ଖଞ୍ଜ କରିଛନ୍ତି। ୪ ଦିନ ତଳର ସଞ୍ଜୟଙ୍କ ମତ ଓ ଏବର ପ୍ରତିକ୍ରିୟାକୁ ମିଶ୍ରଣ କରି ଦେଖିଲେ ଜଣେ ଅତି ସାଧାରଣ ବ୍ୟକ୍ତି ଭଲ ଭାବେ ଜାଣିପାରିବେ ବ୍ୟବସ୍ଥା ଚାହିଁଲେ ସଚ୍ଚୋଟ କର୍ମଚାରୀଙ୍କୁ କିଭଳି ପାଗଳ କରିଦେଇପାରେ। ପରବର୍ତ୍ତୀ ସମୟରେ ବିଭାଗୀୟ ଚାପରେ ତାଙ୍କୁ ସମ୍ପୂର୍ଣ୍ଣ ପାଗଳ ବୋଲି ପ୍ରମାଣିତ କରିଦିଆଯାଇ ଚାକିରିରୁ ହୁଏତ ବିଦା ମଧ୍ୟ କରିଦିଆଯାଇପାରେ। ଆଜିର ସମୟରେ ସେହି ପରିଚିତ ଢଗ 'ଖଜୁରି ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ'ର ପ୍ରାସଙ୍ଗିକତା ସ୍ପଷ୍ଟ ବୁଝାପଡ଼ିଯାଉଛି।

**ବିଶ୍ୱ ଶ୍ରେଷ୍ଠ ବନ୍ଧୁତ୍ୱ ଦିବସ**




# ମତ ବଦଳାଇଲେ ସଞ୍ଜୟ

## 'ମାନସିକ ଭାରସାମ୍ୟ ହରାଇ ପ୍ରତିକ୍ରିୟା ଦେଇଛି'

**ପୁରୀ ଅଫିସ,୭।୬**

- **ଚିକିତ୍ସା ପାଇଁ ୧୫ ଦିନିଆ ଛୁଟିରେ ଗଲେ**
- **ଭିଡିଓରେ ହେଉଥିବା ପ୍ରମ୍ପଟିଂକୁ ନେଇ ସନ୍ଦେହ**



ପୁରୀ ପୋଲିସ ଏବଂ ଅବକାରୀ ବିଭାଗ ଅଧୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ମଙ୍ଗଳବାର ନିଜ ମତ ବଦଳାଇଛନ୍ତି। ସଞ୍ଜୟ ନିଜ ଭୁଲ ସ୍ୱୀକାର କରିବା ସହ ମାନସିକ ଓ ଶାରୀରିକ ଅସୁସ୍ଥତା କାରଣ ଦର୍ଶାଇ ୧୫ଦିନିଆ ଛୁଟି ଆବେଦନ କରିଛନ୍ତି। ତେବେ ଅସୁସ୍ଥତା କାରଣରୁ ପଣ୍ଡାଙ୍କୁ ତୁରନ୍ତ ଛୁଟି ମଞ୍ଜୁର କରାଯାଇଛି। ସେ ପୁରୀ ଛାଡ଼ି ଭୁବନେଶ୍ୱର ଚିକିତ୍ସା ପାଇଁ ଯାଇଛନ୍ତି। ଛୁଟି ଆବେଦନ ସହ ମାନସିକ ରୋଗୀ ହୋଇଥିବା ପ୍ରମାଣପତ୍ର ମଧ୍ୟ ସେ ଦାଖଲ କରିଛନ୍ତି ବୋଲି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା କହିଛନ୍ତି। ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଇନ୍‌ସପେକ୍ଟର ସଞ୍ଜୟ ଗୁରୁତର ଅଭିଯୋଗ ଆଣିବା ପରେ ପ୍ରଶାସନିକସ୍ତରରେ ତାଙ୍କ କାର୍ଯ୍ୟ ରେକର୍ଡ ଯାଞ୍ଚ କରାଯାଇଥିଲା। ଆଉ ଏହାର ୨୪ଘଣ୍ଟା ମଧ୍ୟରେ ସଞ୍ଜୟ ନିଜେ କହିଥିବା କଥାକୁ ଭୁଲ୍ ବୋଲି କହି ନିଜର ମାନସିକ ସ୍ଥିତି ଠିକ୍ ନ ଥିବା କହିବା ସହଜରେ

☞ପୃଷ୍ଠା-୨

# ସ୍ନାନବେଦୀକୁ ଯାଇପାରିବେ ଭକ୍ତ, ଛୁଇଁବା ମନା

**ପୁରୀ ଅଫିସ,୭।୬**



- **ରାତି ୯ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ସୁବିଧା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଥିବାବେଳେ ସ୍ନାନଯାତ୍ରା ପ୍ରଥମେ ଥିବାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମଙ୍ଗଳବାର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ନାନଯାତ୍ରାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିକାନ୍ତି ଓ ବ୍ୟବସ୍ଥାବଳୀକୁ ଅନୁମୋଦନ କରାଯାଇଛି। ଚଳିତଥର ସ୍ନାନଯାତ୍ରାକୁ ଭକ୍ତଙ୍କୁ ପ୍ରବେଶ ଅନୁମତି ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭକ୍ତମାନେ ସ୍ନାନବେଦୀକୁ ଯାଇ

☞ପୃଷ୍ଠା-୨

# ୧୧ ହଜାର ଶିକ୍ଷକ ପାଇବେ ନିଯୁକ୍ତି

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

> **ହାଇସ୍କୁଲ ରୂପାନ୍ତରଣ ପରେ ପ୍ରାଥମିକ ସ୍କୁଲ କଥା ବିଚାର କରାଯିବ: ଗଣଶିକ୍ଷା ମନ୍ତ୍ରୀ**

ରାଜ୍ୟର ହାଇସ୍କୁଲଗୁଡ଼ିକରେ ୧୧ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଜୁନ୍ ଶେଷ ସୁଦ୍ଧା ଏହି ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୧ ହଜାର ଶିକ୍ଷକଙ୍କ ନିଯୁକ୍ତି ପାଇଁ କିଛି ମାସ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ନେଇ ପ୍ରକ୍ରିୟା ଶେଷ ହୋଇଛି। ଚଳିତ ମାସ ଭିତରେ ସେମାନଙ୍କୁ ନିଯୁକ୍ତି ଦିଆଯିବ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏଥିସହ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୧୭ଶହ ଶିକ୍ଷକଙ୍କୁ ନିଯୁକ୍ତି ଦେବା ନେଇ ପୂର୍ବରୁ ବିଜ୍ଞପ୍ତି ବାହାରିଥିଲା ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୧୬ ତାରିଖରେ ୬ହଜାର ଶିକ୍ଷକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ, ଯାହା କି ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଇତିହାସ ଥିଲା। ଏହା ପୂର୍ବରୁ ଗୋଟିଏ ଦିନରେ ଏତେ ସଂଖ୍ୟକ ଶିକ୍ଷକଙ୍କୁ କେବେ ନିଯୁକ୍ତି ଦିଆଯାଇ ନ ଥିଲା। ଡିସେମ୍ବର ୧୬ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏତେ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ପାଇଁ ମାତ୍ର ୪୭ଦିନ ଲାଗିଥିଲା। ୬ହଜାର ଶିକ୍ଷକଙ୍କ ମଧ୍ୟରେ ୨,୨୩୬ଜଣ କଳା, ୧୭୭୯ ବିଜ୍ଞାନ, ୮୨୯ ହିନ୍ଦୀ, ୭୯୬ ସଂସ୍କୃତ ଏବଂ ପିଇଟି ଓ ୩ଜଣ ତେଲୁଗୁ ଶିକ୍ଷକ ରହିଥିଲେ। ଏବେ ରାଜ୍ୟ ସରକାର ଆଉ ଏକ ଇତିହାସ ସୃଷ୍ଟି କରିବାକୁ ଯାଉଛନ୍ତି। ପୁଣି ଗୋଟିଏ ଦିନରେ ସର୍ବାଧିକ ୧୧ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଅନ୍ୟପକ୍ଷରେ ରାଜ୍ୟରେ ହାଇସ୍କୁଲ ରୂପାନ୍ତରଣ ହେଉଥିବାବେଳେ ଆଗକୁ ପ୍ରାଥମିକ ସ୍କୁଲ ଉପରେ ମଧ୍ୟ ସରକାର ପଦକ୍ଷେପ ନେବେ ବୋଲି ଚିନ୍ତା କରିଛନ୍ତି। ଏ ନେଇ ମନ୍ତ୍ରୀ ଦାଶ କହିଛନ୍ତି, ରାଜ୍ୟରେ ପ୍ରାୟ ୮ହଜାର ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୫ହଜାର ସ୍କୁଲକୁ ରୂପାନ୍ତରଣ କରାଯାଉଛି। ବାକି ୩ହଜାର ହାଇସ୍କୁଲର ରୂପାନ୍ତରଣ ବ୍ୟବସ୍ଥା କରାଯିବ। ସ୍କୁଲ ରୂପାନ୍ତରଣ ହେଲେ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ତେଣୁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ତେବେ ହାଇସ୍କୁଲଗୁଡ଼ିକୁ ରୂପାନ୍ତରଣ କରିବା ପରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ କଥା ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀରେ ରାଜ୍ୟର ୮,୧୦୨ ଜଣ ଶିକ୍ଷା ସହାୟକଙ୍କୁ ସରକାର ନିୟମିତ କରିଥିଲେ। ୨୦୧୫ ଜାନୁୟାରୀରେ ସେମାନେ ନିଯୁକ୍ତି ପାଇଥିଲେ।






# ଟ୍ରାଏଲ ଔଷଧରେ ସୁସ୍ଥ ହେଲେ କ୍ୟାନ୍‌ସର ରୋଗୀ

**ୱାଶିଂଟନ୍, ୭।୬**

> **ଚିକିତ୍ସା ବିଜ୍ଞାନରେ ବଡ଼ ସଫଳତା**
>
> **୧୮ ରୋଗୀଙ୍କଠାରେ ପରୀକ୍ଷଣ ହୋଇଥିଲା**



ସାଧାରଣତଃ କ୍ୟାନ୍‌ସରରେ ପୀଡ଼ିତ ରୋଗୀ ଜଟିଳ ଓ ଦୀର୍ଘସ୍ଥାୟୀ ଚିକିତ୍ସା ଲୋଡ଼ିଥାନ୍ତି। ଅଧିକାଂଶ କ୍ଷେତ୍ରରେ ଚିକିତ୍ସା ସତ୍ତ୍ୱେ କର୍କଟ ରୋଗୀ ଏଥିରୁ ଆରୋଗ୍ୟ ହୋଇପାରି ନ ଥାନ୍ତି। ଅଦ୍ୟାବଧି ଏହି ରୋଗକୁ ଶତପ୍ରତିଶତ ଭଲ କରିପାରୁଥିବା ଭଳି ଔଷଧ କିମ୍ବା ଚିକିତ୍ସା ପଦ୍ଧତି ବାହାରି ପାରି ନ ଥିବାବେଳେ ଏବେ ଡାକ୍ତରବିଜ୍ଞାନୀଙ୍କୁ ଏକ ବଡ଼ ଧରଣର ସଫଳତା ମିଳିଛି। ମଳାଶୟ କର୍କଟରେ ପୀଡ଼ିତ ୧୮ ରୋଗୀଙ୍କ ଉପରେ ପରୀକ୍ଷଣ କରାଯାଇଥିବା ଏକ ଔଷଧ ସଫଳତାର ସହ କାମ କରିଛି। ୬ ମାସ ଧରି ଟ୍ରାଏଲ ପରେ ସେମାନଙ୍କ ଶରୀରରେ ଥିବା ଟ୍ୟୁମର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ନେଇ 'ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ୍'ରେ ରିପୋର୍ଟ ପ୍ରକାଶ ପାଇଛି। ଫଳରେ କ୍ୟାନ୍‌ସର ରୋଗୀଙ୍କ ଚିକିତ୍ସାକୁ ନେଇ ଏକ ନୂତନ ଆଶା ସଞ୍ଚାର ହୋଇଛି।

ରିପୋର୍ଟ ଅନୁସାରେ, ଆମେରିକାରେ ୧୮ ରେକ୍ଟାଲ କ୍ୟାନ୍‌ସର ରୋଗୀଙ୍କଠାରେ 'ଡୋଷ୍ଟାରଲିମାବ୍' ନାମକ ଏକ ଡ୍ରଗ୍‌ର କ୍ଲିନିକାଲ ଟ୍ରାଏଲ କରାଯାଇଥିଲା। ୩ ସପ୍ତାହରେ ଥରେ ୬ ମାସ ପାଇଁ ସମ୍ପୃକ୍ତ କର୍କଟ ପୀଡ଼ିତଙ୍କୁ ଏହି ଔଷଧ ଦିଆଯାଇଥିଲା। ସମସ୍ତ ପୀଡ଼ିତ କ୍ୟାନ୍‌ସର ସମାନ ଷ୍ଟେଜ୍‌ରେ ଥିଲେ। କେବଳ ସେମାନଙ୍କ ମଳାଶୟରେ ହିଁ କର୍କଟ ସୀମିତ ଥିଲା। 'ଡୋଷ୍ଟାରଲିମାବ୍' ଶରୀରରେ ଆଣ୍ଟିବଡି ଭାବେ କାର୍ଯ୍ୟ କରିଥାଏ। ଆଶ୍ଚର୍ଯ୍ୟଜନକ ଭାବେ ଡ୍ରଗ୍ ନେଇଥିବା ସମସ୍ତ କର୍କଟ ରୋଗୀଙ୍କ ଟ୍ୟୁମର ଗାଏବ ହୋଇଯାଇଥିବା ଜଣାଯାଇଛି। ଏପରି ଘଟଣା ଚିକିତ୍ସା ବିଜ୍ଞାନ ଇତିହାସରେ ପ୍ରଥମ ବୋଲି ନ୍ୟୁୟର୍କ ମେମୋରିଆଲ ସ୍ଲୋନ୍ କେଟେରିଂ କ୍ୟାନ୍‌ସର ସେଣ୍ଟରର ଡା. ଲୁଇସ୍ ଏ. ଡିଆଜ୍ ଜେ. କହିଛନ୍ତି। ଏହା ପୂର୍ବରୁ ଟ୍ରାଏଲରେ ଭାଗ ନେଇଥିବା ସମସ୍ତ କର୍କଟ ରୋଗୀ କେମୋଥେରାପି, ରେଡିଏଶନ ନେବା ସହ ସେମାନଙ୍କ ସର୍ଜରି ମଧ୍ୟ ହୋଇଥିଲା। ଏଥିଯୋଗୁ ସେମାନଙ୍କ ଅନ୍ତଃନଳୀ, ମୂତ୍ରାଶୟ ଏପରିକି ଯୌନାଙ୍ଗରେ ସଂକ୍ରମଣ ହୋଇଯାଇଥିଲା। ପରେ ସେମାନଙ୍କ ଉପରେ 'ଡୋଷ୍ଟାରଲିମାବ୍' ଡ୍ରଗ୍ ଟ୍ରାଏଲ କରାଯାଇଥିଲା। ହେଲେ ଏହି ଡ୍ରଗ୍ ନେବାପରେ କ୍ୟାନ୍‌ସର ଟ୍ୟୁମର ପାଇଁ ଆଉ ଚିକିତ୍ସିତ ହେବାକୁ ପଡ଼ିବ ନାହିଁ ବୋଲି ଜାଣି ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି।

ଏହି କ୍ଲିନିକାଲ ଟ୍ରାଏଲର ଫଳାଫଳକୁ ନେଇ କ୍ୟାନ୍‌ସର ଚିକିତ୍ସା ଦିଗରେ ଏକ ନୂଆ ଆଶା ଉଜ୍ଜୀବିତ ହୋଇଛି। ଡ୍ରଗ୍ ଯୋଗୁ ସେତେ ଆଖିଦୃଶିଆ ଶାରୀରିକ ଜଟିଳତା ଦେଖା ନ ଯିବା ଆଉ ଏକ ବଡ଼ ଉପଲବ୍ଧି ବୋଲି କାଲିଫର୍ନିଆ ୟୁନିଭର୍ସିଟିର କୋଲୋରେକ୍ଟାଲ କ୍ୟାନ୍‌ସର ସ୍ପେଶାଲିଷ୍ଟ ଡ. ଆଲନ୍ ପି. ଭେନୁକ୍ କହିଛନ୍ତି। ତେବେ ଏହା କେବଳ ରେକ୍ଟାଲ ବା ମଳାଶୟ କର୍କଟରେ ପୀଡ଼ିତଙ୍କଠାରେ ଟ୍ରାଏଲ କରାଯାଇଥିବାରୁ ଅନ୍ୟ କ୍ୟାନ୍‌ସର ରୋଗୀଙ୍କ ପାଇଁ କେତେ ଫଳପ୍ରଦ ହେବ ତାହା ଉପରେ ଅଧିକ ଗବେଷଣା ଓ ପରୀକ୍ଷଣର ଆବଶ୍ୟକତା ରହିଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି।

**ଆଜିର ମନ୍ତବ୍ୟ**

"ସୀମାର ପୂର୍ବସ୍ଥିତିରେ ପରିବର୍ତ୍ତନ ଆଣିବାକୁ କାହାର ଏକପାଖିଆ ଉଦ୍ୟମକୁ ଭାରତ କଦାପି ସ୍ୱୀକାର କରିବ ନାହିଁ।

–ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟିଲି କଞ୍ଚା ପାଞ୍ଚଣ**
**ଥାଳିପଟ ମୁହଁ ଶୁଖିଯାଇଛି**
**ଏ ଯେଉଁ କଟୁ ବଚନ।**

କିଏ ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। କଟୁ ବଚନ ଶୁଣିବା ଦ୍ୱାରା ତନୁମନ ଆଘାତପ୍ରାପ୍ତ ହେବା ସହ ମୁହଁରେ ବିଷଣ୍ଣ ଭାବ ପ୍ରକାଶ ପାଇଥାଏ। କଟୁ ବଚନ ଶୁଣି ମୁହଁ ଶୁଖାଇ ବସିଥିବା ତରୁଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ୍ଥ ଧଇଲି କି ବାଡ଼ ଧଇଲି**
**କପାଳେ ଥିଲାକୁ ପୁଅ ପାଇଲି।**

ପୁଅ ଝିଅ ଉଭୟେ ସମାନ ହୋଇଥିବା ସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଧୋକା ଦେଇପାରେ ମୌସୁମୀ

## ବିଗୁଡୁଛି ଆକଳନ

■ ବର୍ଷାକୁ ଚାହିଁ ଚାଷୀ ହତାଶ
■ କେରଳରେ ମୌସୁମୀ ଦୁର୍ବଳ

ଭୁବନେଶ୍ୱର,୭।୬(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ଓଡ଼ିଶାକୁ କେବେ ପ୍ରବେଶ କରିବ ଓ କେତେ ବର୍ଷା ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ଅଖିମୁଠି ଅନୁକୂଳ କରି ଚାଷୀ ମୌସୁମୀକୁ ଚାହିଁ ରହିଛନ୍ତି। ବର୍ଷା ହେଲେ ଚାଷ କାର୍ଯ୍ୟ ଆରମ୍ଭ ହେବ। ତେବେ ପାଣିପାଗର ପୂର୍ବାନୁମାନ ଯାହା କହୁଛି, ଆସନ୍ତା ୧୨ ତାରିଖ ସୁଦ୍ଧା ଓଡ଼ିଶାକୁ ମୌସୁମୀ ପ୍ରବେଶ କରିବାର କୌଣସି ସୂଚନା ଦେଖାଯାଉ ନାହିଁ। ରାଜ୍ୟରେ ତାତି ବଢ଼ି ଚାଲିଥିବା ବେଳେ ବର୍ଷା ମଧ୍ୟ ହ୍ରାସ ପାଇବାରେ ଲାଗିଛି।

ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଗତ କିଛି ବର୍ଷ ହେବ ରାଜ୍ୟରେ ମାର୍ଚ୍ଚ ଓ ଏପ୍ରିଲରେ ସ୍ୱାଭାବିକଠାରୁ ୩ରୁ ୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବଢ଼ିଯାଉଛି। ୨୦୧୬ ମାର୍ଚ୍ଚ ୩୧ରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ପୂର୍ବ ରେକର୍ଡକୁ ଭାଙ୍ଗି ୪୨.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ୨୦୨୧ ମାର୍ଚ୍ଚ ୩୧ରେ ଭୁବନେଶ୍ୱର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ତାପମାତ୍ରାଠାରୁ ୮ ଡିଗ୍ରୀ ସେଲ୍‌ସିୟସ ଅଧିକ। ସେହିପରି ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ପାରଦ ଉପରମୁହାଁ ରହୁଛି। ବର୍ଷକରେ ମାତ୍ର ୨ ମାସ ଛାଡ଼ିଦେଲେ ୧୦ ମାସ ଶୁଖିଲା ରହୁଛି। ବର୍ଷା ପରିମାଣ କମୁଥିବାରୁ ରାଜ୍ୟର ଅଧିକାଂଶ ନଦୀ ବର୍ଷା ଋତୁରେ ମଧ୍ୟ ଶୁଖିଲା ପଡୁଛି। ଆଷାଢ଼ ଓ ଶ୍ରାବଣରେ ପ୍ରବଳ ବର୍ଷା ହୁଏ। ତାହା ଏବେ ସ୍ୱପ୍ନ ହେବାକୁ ବସିଲାଣି। କେତେବେଳେ ପ୍ରବଳ ବର୍ଷା ହେଉଛି ତ କେତେବେଳେ ଟୋପାଏ ହେଉ ନାହିଁ। ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାରେ କେତେ ବର୍ଷା ହେବ, ସେ ନେଇ ଏକ ମିଶ୍ରିତ ଆକଳନ କରାଯାଇଛି। ମୌସୁମୀ ଋତୁରେ ରାଜ୍ୟର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। କିଛି ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ। କିନ୍ତୁ ଆଉ କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଦୁର୍ବଳ ମୌସୁମୀକୁ ଦେଖିଲେ ଏହି ଆକଳନ କେତେ ସତ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ। କେରଳରେ ୩ ଦିନ ପୂର୍ବରୁ ଅର୍ଥାତ୍ ମେ' ୨୯ରେ ମୌସୁମୀ ପ୍ରବେଶ କରିଥିବା ପାଣିପାଗ ବିଭାଗ ଘୋଷଣା କରିଥିଲା। ତେବେ କେରଳରେ ଏହା ଦୁର୍ବଳ ସ୍ଥିତିରେ ରହିଛି। ପାଗ ଅନୁକୂଳ ହେଉ ନ ଥିବାରୁ ମୌସୁମୀ ଆଗକୁ ବଢ଼ିପାରୁ ନାହିଁ। ଆସନ୍ତା ୧୨ ତାରିଖ ପୂର୍ବରୁ ଓଡ଼ିଶାକୁ ମୌସୁମୀ ପ୍ରବେଶ କରିବା ସମ୍ଭାବନା କ୍ଷୀଣ। ଆସନ୍ତା ୧୧ ତାରିଖ ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ କହିଛି। ତେବେ ୧୨ ତାରିଖରେ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି। ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ମୌସୁମୀ ବର୍ଷା ହୋଇପାରେ। ୧୭ ତାରିଖ ସୁଦ୍ଧା ରାଜ୍ୟର ଅଧିକାଂଶ ଭାଗକୁ ମୌସୁମୀ ପ୍ରବେଶ କରିବ। ମୌସୁମୀ ପ୍ରବେଶ କଲେ ମଧ୍ୟ ହାଲୁକା ବର୍ଷା ହେବ। ଜୁନ୍ ୨୫ରୁ ବର୍ଷା ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରାଯାଉଛି। ମୌସୁମୀ ବାୟୁ ସାଧାରଣତଃ ଓଡ଼ିଶାରେ ଜୁନ୍ ୧୦ରୁ ୧୨ ମଧ୍ୟରେ ପ୍ରବେଶ କରିଥାଏ। ଚଳିତ ବର୍ଷ ଆଗୁଆ ପ୍ରବେଶ କରିବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ପାଗ ଅନୁକୂଳ ହୋଇ ନାହିଁ। ଅନ୍ୟପକ୍ଷରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ପାରଦ ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ନୂଆପଡ଼ାରେ ୪୨.୪, ସୁନ୍ଦରଗଡ଼ରେ ୪୨, ଝାରସୁଗୁଡ଼ାରେ ୪୧.୬, ବାରିପଦାରେ ୪୦, ସମ୍ବଲପୁରରେ ୪୧, ହୀରାକୁଦରେ ୩୯.୬, ଫୁଲବାଣୀରେ ୩୯.୭, ମାଲକାନଗିରିରେ ୩୯, ନୟାଗଡ଼ ୪୦, ଯାଜପୁର ୪୦, ବରଗଡ଼ ୩୯.୫ ଏବଂ ଦେବଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ମତ ବଦଳାଇଲେ...

ସାଧାରଣରେ ଗ୍ରହଣୀୟ ହୋଇପାରିନାହିଁ। ମଙ୍ଗଳବାର ସକାଳୁ ୨ଟି ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ଇନ୍‌ସପେକ୍ଟର ସଞ୍ଜୟ କହିଛନ୍ତି ଯେ, ମୋ ଦ୍ୱାରା ଏକ ଅପ୍ରୀତିକର ଘଟଣା ଘଟିଛି। କରୋନା ସମୟରେ ମୋର ଶାରୀରିକ ଓ ମାନସିକ ସ୍ଥିତି ଖରାପ ଥିଲା। ମୁଁ ଦେଇଥିବା ମନ୍ତବ୍ୟ ମୋ ମାନସିକ ଅସୁସ୍ଥତାର ପ୍ରତିଫଳନ। ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଓ ପୁରୀ ପୋଲିସ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି। ୨୦୨୦ ଅକ୍ଟୋବରରୁ ଡାକ୍ତର ନୀଳମାଧବ ରଥଙ୍କ ପାଖରେ ଚିକିତ୍ସିତ ଥିଲି। ଗତ ମାସେ ହେବ ଔଷଧ ନ ମିଳିବାରୁ ମୁଁ ଖାଇପାରି ନ ଥିଲି। ତେଣୁ ମାନସିକ ଅସୁସ୍ଥତା ଯୋଗୁ ମୋ ପାଟିରୁ ଭୁଲ କଥା ବାହାରି ଯାଇଛି। ପୁରୀ ପୋଲିସ, ଅବକାରୀ ବିଭାଗର ସବୁ ଅଧିକାରୀଙ୍କୁ ସମ୍ମାନ କରେ। ମୋର ମାନସିକତା ଯୋଗୁ ମୁଁ ଏଭଳି ଦୁର୍ବ୍ୟବହାର କରିଛି। ଆଉ ଏକ ଭିଡିଓରେ ସଞ୍ଜୟଙ୍କ ସ୍ତ୍ରୀ ଏଲିନା କହିଛନ୍ତି ଯେ, କୋଭିଡ୍ ସମୟରୁ ସ୍ୱାମୀ ଗୁରୁତର ଥିଲେ। ଏହାପରେ ସେ ଡିପ୍ରେଶନ୍ ଭିତରକୁ ଚାଲିଯାଇଥିଲେ। ତାଙ୍କର ନିଦ ମଧ୍ୟ ସମ୍ପୂର୍ଣ୍ଣ ରୂପେ କମିଯାଇଥିଲା। ଲଗାତର ୧୫ ଦିନ ସେ ଶୋଇ ନ ଥିଲେ। ସେବେଠାରୁ ତାଙ୍କ ମାନସିକ ଚିକିତ୍ସା କରାଯାଉଥିଲା। ବର୍ଷେ ହେଲା ସେ ମେଡିସିନ୍ ଖାଉଥିବାବେଳେ ଗତ ମାର୍ଚ୍ଚରୁ ମେଡିସିନ୍ ଖାଇ ନ ଥିଲେ। ତେଣୁ ଏଭଳି ମନଇଚ୍ଛା ପ୍ରତିକ୍ରିୟା ରଖିଛନ୍ତି। ତାଙ୍କୁ କ୍ଷମା କରାଯାଉ। ଅନ୍ୟପକ୍ଷରେ ସମ୍ପୃକ୍ତ ଦୁଇଟି ଭିଡିଓରେ କେହି ଜଣେ କ୍ୟାମେରାର ପଛପାର୍ଶ୍ୱରୁ ପ୍ରମ୍ପଟିଂ କରୁଥିବା ଜଣାପଡୁଛି। ପୋଲିସ ସହଯୋଗିତାରେ ଅବକାରୀ ବିଭାଗ କାର୍ଯ୍ୟ କରୁଛି ବୋଲି କହିବା ପାଇଁ ପଛ ପାର୍ଶ୍ୱରେ ଥିବା ବ୍ୟକ୍ତି ତାଙ୍କୁ କହୁଥିବା ଭିଡିଓରୁ ସ୍ପଷ୍ଟ ଭାବେ ଜଣାପଡୁଛି। ସଞ୍ଜୟ ଓ ତାଙ୍କ ସ୍ତ୍ରୀଙ୍କ ଭିଡିଓ ସୋସିଆଲ ମିଡିଆକୁ ଆସିବା ପରେ ପୋଲିସ ଓ ଅବକାରୀ ବିଭାଗର ଭୂମିକା ସନ୍ଦେହଘେରକୁ ଆସିଛି। କ୍ୟାମେରା ପଛରେ କିଏ ପ୍ରମ୍ପଟିଂ କରୁଥିଲେ ଓ କାହା ଚାପରେ ରହି ପଣ୍ଡା ଏଭଳି ପ୍ରତିକ୍ରିୟା ଦେଇଛନ୍ତି ତାହା ଏବେ ସନ୍ଦେହ ଘେରରେ। ଅନ୍ୟପକ୍ଷରେ ଅଧୀକ୍ଷକ ଜେନା କହିଛନ୍ତି ଯେ, ଇନ୍ସପେକ୍ଟର ପଣ୍ଡା ଜଣେ ମାନସିକ ରୋଗୀ। ତାଙ୍କୁ ଚାପ ଦିଆଯାଇନାହିଁ। ସେ ମାନସିକ ରୋଗୀ ହୋଇଥିବା ହେତୁ ତାଙ୍କ ଉପରେ ବିଭାଗ ତରଫରୁ କୌଣସି ଚାପ ପକାଯାଉନାହିଁ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉନାହିଁ। ସେ ସୁସ୍ଥ ମାନସିକ ସ୍ଥିତିକୁ ଫେରି କାର୍ଯ୍ୟକ୍ଷେତ୍ରରେ ଯୋଗଦେବେ। ଉଲ୍ଲେଖଯୋଗ୍ୟ ଯେ, ସୋମବାର ରାତ୍ର ୯ଟାରେ ସଞ୍ଜୟ ଅବକାରୀ କାର୍ଯ୍ୟାଳୟ ଛାଡ଼ି ଚାଲିଯାଇଥିଲେ। ପୋଲିସ ବିଭାଗର ଚାପରେ ସଞ୍ଜୟ ମନ୍ତବ୍ୟ ବଦଳାଇଥିବା ଆଲୋଚନା ହେଉଛି। ରଥଯାତ୍ରା ପୂର୍ବରୁ ପୋଲିସ ନିଜ ଛବି ସୁଧାରିବା ପାଇଁ ଏଭଳି କରିଥିବା ସାଧାରଣରେ ଅଭିଯୋଗ ହୋଇଛି।

## ସ୍ନାନବେଦୀକୁ ଯାଇପାରିବେ...



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା ବୈଠକରେ ଉପସ୍ଥିତ ଗଜପତି ମହାରାଜ ଓ ଅନ୍ୟ ଅଧିକାରୀମାନେ।

ତିନି ଘଣ୍ଟା ଦର୍ଶନ କରିବାର ସୁଯୋଗ ପାଇବେ ବୋଲି ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି। ମହାପ୍ରଭୁଙ୍କୁ ସ୍ନାନବେଦି ଉପରକୁ ଯାଇ ଦର୍ଶନ କରିପାରିବେ ମାତ୍ର ମହାପ୍ରଭୁଙ୍କୁ ସ୍ପର୍ଶ କରିପାରିବେ ନାହିଁ। ଭୋର ସାଢ଼େ ୪ଟାରେ ପହଣ୍ଡି ଆରମ୍ଭ ହେବ ଓ ସ୍ନାନଯାତ୍ରା ସରିବା ପରେ ପାଖାପାଖି ରାତ୍ର ୧୦ଟା ପରେ ମହାପ୍ରଭୁଙ୍କୁ ପହଣ୍ଡି କରି ରତ୍ନ ସିଂହାସନକୁ ନିଆଯିବ। ସ୍ନାନପୂର୍ଣ୍ଣିମାରେ ଥରୁଟିଏ ଭୋଗ ହୁଏ। ଏଣୁ ପର୍ଯ୍ୟାପ୍ତ ପରିମାଣର ମହାପ୍ରସାଦର ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ହୋଇଛି।

ଗତ ୨୨ ଓ ୨୫ ତାରିଖ ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ମୋହର ବାଜିଛି। ଆଦର୍ଶ ଗୁରୁକୁଳ ପାଇଁ ସୋସାଇଟି ଗଠନ ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ଛତିଶା ନିଯୋଗ ଓ ନୀତି ସବ୍‌କମିଟିରେ ପାରିତ ହୋଇଥିବା ସମସ୍ତ ନିଷ୍ପତ୍ତି ଉପରେ ମୋହର ଲାଗିଛି ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି। ୧୫ଦିନ ଧରି ଅନବସର ନୀତି ହେବ। ଆସନ୍ତା ୧୪ରେ ସ୍ନାନଯାତ୍ରା ହେବ। ରାତି ୯ଟା ପର୍ଯ୍ୟନ୍ତ ସାଧାରଣ ଲୋକେ ଦର୍ଶନ କରିବେ। ୯ଟାରୁ ୯ଟା ୩୦ ପର୍ଯ୍ୟନ୍ତ ସେବାୟତ ପରିବାର ଲୋକେ ଦର୍ଶନ କରିବେ। ବେଶ ଲାଗିବେଳେ ସେବାୟତଙ୍କ ବିଶୃଙ୍ଖଳା ଆଚରଣ ଉପରେ ରୋକ୍ ଲଗାଯିବ। ପ୍ରତିହାରୀ ଓ ଦଇତା ନିଯୋଗଙ୍କୁ ଦାୟିତ୍ୱ ଦିଆଯାଇଛି। ଅଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସ୍ନାନଯାତ୍ରା ହେବାକୁ ଥିବା ହେତୁ ଭୋର ୪ଟାରୁ ପହଣ୍ଡି ଆରମ୍ଭ ହୋଇ ୬ଟାରେ ଶେଷ ହେବ। ସକାଳ ୯ଟା ୩୦ରୁ ୧୧ଟା ୩୦ ମଧ୍ୟରେ ଜଳବିଜେ ଓ ୧୨ଟା ୧୫ରେ ଛେରାପହଁରା କରାଯିବ। ୧୨ଟା ୩୦ରୁ ୨ଟା ୩୦ ମଧ୍ୟରେ ହାତୀବେଶ ଶେଷ ହେବ। ସକାଳେ ପାରମାଣିକ ଟିକେଟ୍ ଦର୍ଶନ ବ୍ୟବସ୍ଥା କରାଯିବ। ପହଣ୍ଡି ବେଳେ ପାରମାଣିକ ଦର୍ଶନ ହେବ। ଏହାପରେ ଜଳଲାଗି ପରେ ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କ ନୀତିକାନ୍ତି ସମ୍ପାଦନ କରାଯିବ। ଭୋଗ ସରିବା ପରେ ଭକ୍ତମାନେ ସ୍ନାନମଣ୍ଡପ ଉପରେ ଜଳଲାଗି ଓ ହାତୀବେଶ ଦର୍ଶନ ପାଇଁ ୩ ଘଣ୍ଟାର ସୁଯୋଗ ପାଇବେ। ହେଲେ କେହି ବିଗ୍ରହଙ୍କୁ ସ୍ପର୍ଶ କରିପାରିବେ ନାହିଁ। ସେହିଭଳି ଦର୍ଶନ ପାଇଁ ପ୍ରଶାସନ ବ୍ୟାପକ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଳଲାଗି ଓ ହାତୀବେଶ ସମୟରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଯେଉଁଭଳି କୌଣସି ସେବାୟତ ଠିଆ ହୋଇ ଦର୍ଶନରେ ବାଧା ସୃଷ୍ଟି କରିବେ ନାହିଁ ସେଥିପ୍ରତି ଦୃଷ୍ଟିଦେବାକୁ ସେବାୟତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲାପାଳ ତଥା ଉପ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଏସ୍‌ପି କନ୍‌ୱର ବିଶାଲ ସିଂ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟ ଆଲୋଚନାରେ ନିମଜ୍ଜିତ କରାଇବ। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** – ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଅଟକି ରହିଯାଇଥିବାରୁ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ପୂର୍ବପରି କର୍ମକ୍ଷେତ୍ରରେ ଆଉ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ମନରେ ବହୁତ କ୍ଷୋଭ ଆଣିବ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** – ମନର କଥାକୁ ଅନ୍ୟମାନଙ୍କୁ ଜଣାଇଲେ ମଧ୍ୟ ସହାନୁଭୂତି ପାଇବା ଦୁର୍ଲଭ ହୋଇପଡିବ। ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ସବୁ କାମ ବିଗିଡି ଯାଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜି କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ।

**କର୍କଟ** – ପରିସ୍ଥିତି ବିଶେଷ ଅନୁକୂଳ ନ ହେବାରୁ ଉତ୍ସାହିତ ହୋଇପାରିବେ ନାହିଁ। ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଆଶା ପୂରଣ ନ ହେଲେ ମଧ୍ୟ କେତେକାଂଶରେ ଉପକୃତ ହେବା କାରଣରୁ ମନକୁ ବୁଝାଇନେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** – ଅନ୍ୟମାନଙ୍କୁ ବୁଝାଇ ଶୁଝାଇ କାମ ହାସଲ ପାଇଁ ଚେଷ୍ଟା କଲେ ହୁଏତ କେତେକାଂଶରେ ଉପକୃତ ହୋଇ ପାରିବେ। କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** – କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମଗୁଡିକୁ ସମ୍ପନ୍ନ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡି ପାରନ୍ତି। କୌଣସି ଲୋଭନୀୟ ପ୍ରତିଶ୍ରୁତି କିମ୍ବା ସାହାଯ୍ୟ କରିବା କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି।

**ତୁଳା** – ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମନା କରିପାରିବେ। ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ପଡୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢି ଯାଇପାରେ।

**ବିଛା** – କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଆଦର, ଗୌରବରେ ଅତୀତ ଦୁଃଖକୁ ପାସୋରି ଦେଇପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ଯୋଗଦେଲେ ପ୍ରଶଂସିତ ହେବେ। କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ।

**ଧନୁ** – ଆପଣଙ୍କର କୌଣସି କାମ ଅଟକିବ ନାହିଁ କିମ୍ବା ଯିଏ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରି ପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ଅଫିସ୍ କାମରେ ମଧ୍ୟାହ୍ନରେ ଟେନସନ୍ ବଢିପାରେ।

**ମକର** – ବନ୍ଧୁ ମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।


**କୁମ୍ଭ** – ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ଯୋଗୁ ମାନସିକ ସ୍ତରରେ ବିଚଳିତ ହେବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମୀନ** – ଆବଶ୍ୟକତାରୁ ଅଧିକ କହିବା ଅହିତକର ହୋଇପାରେ। ଯାହାକୁ ବିଶ୍ୱାସରେ ଗୋପନୀୟ କଥା କହିବେ ସେ ହିଁ ସବୁ ସମସ୍ୟା ସୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟି ଯିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।



# classifieds

**Everyday 0674-2580101, 2549302**



MATRIMONIAL

**BRIDE WANTED**

Kshatriya boy August-1993/5'9" Software Engineer Capgemini, Bangalore, Pune, vegetarian. 9668599723, 9040851751. D-71036

Handsome Khandayat boy 1992, 5'6" serving IFS "SUNASANSAR". 9937512659, 8249969649. D-652

**GROOM WANTED**

ବୟସ 35 Government Job କରୁଥିବା ସୁନ୍ଦରୀ divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8093886498. D-73702



real estate

**SALE**

**Bhubaneswar KIIT** ପାଖ **ODM Global School**କୁ ଲାଗି କରି **yellowzone** ଘରବାରି, **boundary plot** ନେଇ **immediate** ଘର କରନ୍ତୁ। **9437033320.** D-73250

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-643

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

Own gharabari plot sale, Hanspal, Andhilo, Bhubaneswar, 2000sqft. 9658609631. D-73813

**Sameday registration & possession plot near IIT Bhubaneswar @ 4.99lakh. 9777608369, 9777680369.** D-73259

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft. 1000/-. 8114929186. D-73915

ଭୁବନେଶ୍ୱର **Sum Hospital**ରୁ **2K.M.** ଦୂରତାରେ **BDA yellowzone plot** ଏବଂ ନୂଆଗାଁ ମଳିପଡ଼ା **100ft. wide road**କୁ ଲାଗି ମିଳୁଛି। **Owner- 9090963952.** D-73255

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-73910



construction

Construct your home @900/- with TATA ROD, Ultratech Cement. 7537874306. D-73812



to-let

**2BHK with garage near Tankapani Road, Siridisai Temple. Contact: 7008860369.** D-71643

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



healthcare

Full body massage in homely atmosphere all therapy. Mob.- 8114881641. D-73404

Newly open SPA positively health benefit with expert. Contact: 7749976301. D-73809

Newly open SPA positively health benefits by expert therapist. 8455987557. D-73611

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open full body massage ladies and gents. 7750077371. D-73911

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Newly open full body massage ladies and gents. 8327740003, 8093860513. D-73914

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

To notify the general public that my original 10th CBSE, 12th CHSE, birth certificates, B. Tech. degree certificates, marksheets, and other necessary documents have been lost. Finder: 7978738567, Bhagyashree Jena. D-682

କବଲା ହଜିଯାଇଛି- ମୁଁ ଶ୍ରୀ ଗୋପୀନାଥ ମିଶ୍ର, ପି: ନଟବର ମିଶ୍ର, ସା: ନୀଳକଣ୍ଠପୁର, ପୋ: କୁଣ୍ଡପାଟଣା, ଥାନା: ଧର୍ମଶାଳା, ଜି: ଯାଜପୁର ସର୍ବସାଧାରଣରେ ଜଣାଉଅଛି କି ୨୦୧୫ ମସିହା ଅକ୍ଟୋବର ମାସ ୧୦ ତାରିଖରେ ରହୁଥିବା ଘର ପରିବର୍ତ୍ତନ କରିଥିଲି। ନୀଳକଣ୍ଠପୁର ମୌଜା ଖାତା ନଂ.-୬୨୪/୪୪ ପ୍ଲଟ୍ ନଂ.-୧୪୭୨/୨୪୧୦ ଏରିଆ ୩ଡିସିମିଲ କବଲା ନଂ.-୨୬୭୭ ଘର ପରିବର୍ତ୍ତନ ଯୋଗୁ ହଜିଯାଇଛି। ଏବେ ସୁଦ୍ଧା ହଜିଯାଇଥିବା କବଲା ପାଇପାରି ନାହିଁ। ଧ-୬୮୧

**AFFIDAVIT**

I, Asutosh Behera changed my name to Ashutosh Behera vide affidavit dated 27.05.2022 sworn before the Court of Executive Magistrate, Bhubaneswar. D-678

By virtue of an affidavit sworn before Notary Public, Barbil, I declare that my actual and correct name is Poonam Agarwal W/o Narendra Kumar Agarwala, as mentioned in my Aadhaar card residing at Ward No. 5, near Saraswati Shishu Bidya Mandir, Barbil, Keonjhar, Odisha. Previously it was Poonam Agarwala. Both Poonam Agarwala and Poonam Agarwal is same person. D-684

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୬୧,୩୬,୯୩୮ | ୬୩,୨୧,୯୫୩ | ୫୦,୭୨,୩୭,୦୫୨ |
| ଭାରତ | ୪,୩୧,୮୫,୦୪୯ | ୫,୨୪,୭୦୮ | ୪,୨୬,୩୩,୩୬୫ |
| ଓଡ଼ିଶା | ୧୨,୮୮,୫୩୦ | ୯୧୨୬(+୫୩) | ୧୨,୭୯,୨୬୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ନରସିଂହପୁର ଜଙ୍ଗଲରେ ବୁଲୁଛି ଗୁଳିବିଦ୍ଧ ଦନ୍ତା

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଆଠଗଡ଼ ଡିଭିଜନରେ ଐତିହ୍ୟ ପ୍ରାଣୀ ହାତୀ ଯେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ତାହା ବାରମ୍ବାର ପ୍ରମାଣିତ ହୋଇଆସୁଛି। ଆଠଗଡ଼ ବନଖଣ୍ଡ ଅଧୀନସ୍ଥ ବଡ଼ମ୍ବା ରେଞ୍ଜରେ ଦୁଇଟି ସ୍ଥାନରେ ଗତ ୨ ଓ ୩ ତାରିଖରେ ଲଗାତର ଦୁଇଦିନରେ ଦୁଇଟି ହାତୀଙ୍କ କଙ୍କାଳକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ମାଟିତଳୁ ଖୋଳି ଉଦ୍ଧାର କରିଥିଲା। ଖାଲି ସେତିକି ନୁହେଁ, ଗତ ଫେବୃୟାରୀ ୮ରେ ମଧ୍ୟ ଅନୁରୂପ ଭାବେ ଏସ୍‌ଟିଏଫ୍ ନରସିଂହପୁର ୱେଷ୍ଟ ରେଞ୍ଜର ବାଲିକିଆରୀ ସଂରକ୍ଷିତ ଜଙ୍ଗଲରୁ ଆଉ ଏକ ହାତୀର ଗଳିତ ମୃତଦେହ ଜବତ କରିଥିଲା। ସେହିଭଳି ୨୦୨୧ରେ ଏକ ହାତୀକୁ ବ୍ୟବଚ୍ଛେଦ ନ କରି ଲୁଣ ପକାଇ ପୋତା ହେଉଥିବା ଭିଡିଓ ଭାଇରାଲ ହେବା ପରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏସବୁ ଘଟଣାକୁ ନେଇ ଆଠଗଡ଼ ବନଖଣ୍ଡ ବିବାଦରେ ଥିବା ବେଳେ ନରସିଂହପୁର ଜଙ୍ଗଲରେ ଏକ ଗୁଳିବିଦ୍ଧ ଦନ୍ତା ଘୂରି ବୁଲୁଥିବାର ଘଟଣା ସାମ୍ନାକୁ ଆସିଛି।

ସୂଚନାନୁସାରେ, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଏ ନେଇ ମଙ୍ଗଳବାର ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଅପରାହ୍ନ ୪ଟାରେ ବିଧାୟକ ମିଶ୍ର ଏକ ଆହତ ଦନ୍ତା ହାତୀ ବିଷୟରେ ପୋଷ୍ଟ କରିଥିଲେ ଏବଂ ତା'ର ୩ ଟି ଫଟୋ ମଧ୍ୟ ପୋଷ୍ଟ କରିଥିଲେ। ବିଧାୟକ ମିଶ୍ର ଏହି ହାତୀଟି ଗୁଳିବିଦ୍ଧ ହୋଇଥିବା କଥା ମଧ୍ୟ ଉଲ୍ଲେଖ କରିଥିଲେ। ସେ ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା ଜଙ୍ଗଲ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଆହତ ହାତୀ ବିଷୟରେ ଅବଗତ କରାଇଥିବା ଏବଂ ଯଥାଶୀଘ୍ର ନନ୍ଦନକାନନରୁ ବିଶେଷଜ୍ଞ ପ୍ରାଣୀ ଡାକ୍ତର ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଖାଲି ସେତିକି ନୁହେଁ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ମଧ୍ୟ ବିଧାୟକ ଅଫିସରମାନଙ୍କ ସ୍ତରରେ ଯାହା କିଛି ସମ୍ଭବ ହୋଇପାରିବ ସେ ସବୁ ସୁବିଧା ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ବଡ଼ମ୍ବା ବିଧାୟକଙ୍କର ଏହି ଫେସବୁକ ପୋଷ୍ଟ ପରେ ଘଟଣା ଏବେ ଚାରିଆଡ଼େ ବ୍ୟାପିଯାଇଛି। ଏଥିସହିତ ଆଠଗଡ଼ ବନଖଣ୍ଡ ପୁଣି ଲଜ୍ଜିତ ହୋଇଛି। ବାରମ୍ବାର ହାତୀ ଶିକାର ଘଟଣା ଆଠଗଡ଼ ବନଖଣ୍ଡର ନିଷ୍କ୍ରିୟତାକୁ



ପଦାରେ ପକାଉଛି। ଏ ନେଇ ପିସିସିଏଫ୍ ବନ୍ୟପ୍ରାଣୀ ଶଶୀ ପଲ କହିଛନ୍ତି, ହାତୀର ଚିକିତ୍ସା ପାଇଁ ଏକ ଟିମ୍ ଗଠନ କରାଯାଇଛି। ତେବେ ଗୁଳି ବାଜିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସେପଟେ ପିସିସିଏଫ୍ ବିଧାୟକଙ୍କ ପୋଷ୍ଟରେ ମଧ୍ୟ କମେଣ୍ଟ ଦେଇ ହାତୀର ଚିକିତ୍ସା ବିଷୟରେ ଅବଗତ କରାଇଛନ୍ତି। ସୋମବାରଠାରୁ ହାତୀର ଚିକିତ୍ସା ହେଉଛି। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣର ପ୍ରାଣୀ ଚିକିତ୍ସକଙ୍କୁ ଘଟଣାସ୍ଥଳକୁ ପଠାଯାଇଛି ଏବଂ ଅନୁଗୋଳ ଆର୍‌ସିସିଏଫ୍ ଏହାର ମନିଟରିଂ କରୁଛନ୍ତି ବୋଲି ପିସିସିଏଫ୍ କମେଣ୍ଟରେ ଲେଖିଛନ୍ତି। ସେପଟେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଣେ ବିଧାୟକ ସ୍ୱର ଉତ୍ତୋଳନ କରିଥିବାରୁ ଅନେକ ବନ୍ୟପ୍ରାଣୀ କର୍ମୀ ଏନେଇ ବିଧାୟକ ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଘଟଣାରେ ବିଧାୟକଙ୍କ ପୋଷ୍ଟର ଉଦ୍ଦେଶ୍ୟ ଯାହା କିଛି ବି ହେଉଥାଉ ନା କାହିଁକି, ରାଜ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଶୁଭେନ୍ଦୁ ଆହୁରି ମଧ୍ୟ କହିଛନ୍ତି, ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ବିଧାୟକ ବା ଅନ୍ୟ ଜନ ପ୍ରତିନିଧିମାନେ ଯେଉଁଭଳି ଭାବେ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି, ବନ୍ୟପ୍ରାଣୀଙ୍କ କ୍ଷେତ୍ରରେ ତାହା ରାଜ୍ୟରେ ଦେଖାଯାଏ ନାହିଁ। ବଡ଼ମ୍ବା ବିଧାୟକଙ୍କ ଏହି କାମ ଇତିହାସ ସୃଷ୍ଟି କଲା, ଯାହାକି ଅନ୍ୟ ରାଜନେତାଙ୍କ ଉପରେ ପ୍ରଭାବ ପକାଇବ। ବାରମ୍ବାର ହାତୀ ଅସୁରକ୍ଷିତ ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ବନ ବିଭାଗ ଚୁପ୍ ବସିଥିଲା। କିନ୍ତୁ ବିଧାୟକଙ୍କ ପୋଷ୍ଟରେ ପିସିସିଏଫ ଭୟ କରି କମେଣ୍ଟ ଦେବାକୁ ବାଧ୍ୟହେଲେ। ଏହାପରେ ଡିଏଫ୍‌ଓମାନେ ଆପେ ବାଟକୁ ଆସିଯିବେ ବୋଲି ଶୁଭେନ୍ଦୁ କହିଛନ୍ତି।

# ବାରବାଟୀରେ ଖେଳ ହେବ

## ମ୍ୟାଚ୍ ବାତିଲ ସମ୍ପର୍କିତ ପିଆଇଏଲ୍ ଖାରଜ

**କଟକ ଅଫିସ, ୭।୬**

ବାରବାଟୀ ଷ୍ଟାଡିୟମରେ ବ୍ୟାପକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ମ୍ୟାଚ୍ ବାତିଲ ନିମନ୍ତେ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲା(ପିଆଇଏଲ୍) ମଙ୍ଗଳବାର ଖାରଜ ହୋଇଛି। ଫଳରେ ଆସନ୍ତା ୧୨ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ହେବାର ପଥ ପରିଷ୍କାର ହୋଇଯାଇଛି। ବିଚାରପତି ସଂଗମ କୁମାର ସାହୁ ଏବଂ ମୁରାରୀ ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ଭର୍ଚୁଆଲରେ ଆଡ୍‌ଭୋକେଟ ଜେନେରାଲ(ଏଜି) ଯୋଗଦେଇ ଷ୍ଟାଡିୟମରେ ମ୍ୟାଚ୍ ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପରି କି ଶୃଙ୍ଖଳିତ ଏବଂ ସୁରକ୍ଷିତ ମ୍ୟାଚ୍ ଆୟୋଜନ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଏବଂ ପ୍ରଶାସନ ପ୍ରସ୍ତୁତ ବୋଲି ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ଏଜିଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଉକ୍ତ ଜନସ୍ୱାର୍ଥ ମାମଲାକୁ ଖାରଜ କରିଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତିକୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସ୍ୱାଗତ କରିଛନ୍ତି। ଉକ୍ତ ମାମଲା ପବ୍ଲିକ୍ ଇଣ୍ଟ୍ରେଷ୍ଟରେ ନ ଥିଲା ବରଂ ପର୍ସନାଲ୍ ଇଣ୍ଟ୍ରେଷ୍ଟ ଥିଲା ବୋଲି ସେ କହିଛନ୍ତି। କେତେଜଣ ବ୍ୟକ୍ତି ନିଜର ସ୍ୱାର୍ଥ ହାନି ହେବାରୁ ଏପରି କରିଥିଲେ ବୋଲି ବେହେରା କହିଛନ୍ତି। ସୂଚନାଯୋଗ୍ୟ, ବାରବାଟୀରେ ମ୍ୟାଚ୍ ବାତିଲ ପାଇଁ ଢେଙ୍କାନାଳ ଭୁବନ ଅଞ୍ଚଳର ସଞ୍ଜୟ ନାୟକ ଗତ ୧ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।




# ଏନ୍‌ଜିଟି ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ରାଜ୍ୟ ସରକାର

## ସୁକିନ୍ଦା ବିହନ ଫାର୍ମ ମାମଲାରେ ୧କୋଟି ଜରିମାନା ପ୍ରସଙ୍ଗ

- ଗୌରବ ଖାନ୍ନାଙ୍କୁ ଓକିଲ ନିଯୁକ୍ତି କଲା ଆଇନ ବିଭାଗ

**ଯାଜପୁର ଅଫିସ,୭।୬**

ଯାଜପୁର ଜିଲା ସୁକିନ୍ଦା ବିହନ ଫାର୍ମରେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ବ୍ୟବହାର ଅନୁମତି ନ ଥିବା ଦର୍ଶାଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପରିବେଶ କ୍ଷତିପୂରଣ ବାବଦକୁ ରାଜ୍ୟ ସରକାରଙ୍କୁ ୧କୋଟି ଟଙ୍କା ଜରିମାନା କରିଛନ୍ତି। ଏପରି କି ୨ମାସ ମଧ୍ୟରେ ଏହି ନିର୍ଦ୍ଦେଶର ପାଳନ କରିବା ସହ ରାଜ୍ୟ ସରକାର ଏକ ସତ୍ୟପାଠ ଦାଖଲ କରିବାକୁ ଗତ ୨୩ ତାରିଖରେ ଏନ୍‌ଜିଟି (୫୯/୨୦୨୧/ଇଜେଡ୍)ନମ୍ବର ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଥିଲେ। ତେବେ ଏନ୍‌ଜିଟିଙ୍କ ଏହି ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ସୁପ୍ରିମକୋର୍ଟରେ ଓକିଲ ଭାବେ ଗୌରବ ଖାନ୍ନାଙ୍କୁ ନିଯୁକ୍ତି ଦିଆଯାଇଛି। ଏସମ୍ପର୍କରେ ଆଇନ୍ ବିଭାଗ ପତ୍ର ସଂଖ୍ୟା ୬୪୮୨/୦୬.୦୬.୨୦୨୨ରେ ଖାନ୍ନାଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ତହସିଲ ଦାମୋଦରପୁର, ବୋତଲଣ୍ଡା ଓ କରଗୋଳା ମୌଜା ଅଞ୍ଚଳରେ ୩୭୭.୮୩ ଏକର ପତରା ଓ ଶାଳ ଜଙ୍ଗଲ କିସମ ଜମିରେ ପିଜୁଳି ବଗିଚା କରିବାକୁ ୯.୭୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ପିଜୁଳି ବଗିଚା କରାଯାଇଛି। ତେବେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ଧାରା-୨କୁ ଉଲ୍ଲଂଘନ କରି କୌଣସି ଅନୁମତି ନିଆଯାଇ ନ ଥିବା ଅଭିଯୋଗ କରି ସ୍ଥାନୀୟ ସାମାଜିକ କର୍ମୀ ତପନ କୁମାର ବରାଳ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଏହି ମାମଲାର ପରିଚାଳନା କରିଥିଲେ। ତେବେ ଉଦ୍ୟାନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୧୯୪୮ରେ ଏହି ଜମିକୁ କୃଷି ବିଭାଗକୁ ମିଳିଥିଲା। ୧୯୯୨ରେ ୩୨୭.୬ ହେକ୍ଟର ଜମି କୃଷି ବିଭାଗଠାରୁ ଉଦ୍ୟାନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେତେବେଳେ ସେଠାରେ କାଜୁ ବଗିଚା ହୋଇଥିଲା। ତେବେ ୧୯୯୯ ବାତ୍ୟାରେ କାଜୁ ବଗିଚା ସହ ଅନ୍ୟାନ୍ୟ ଗଛ ସବୁ ନଷ୍ଟ ହୋଇଯାଇଥିଲା। ଏହାପରେ ସେଠାରେ ବିହନ ଫାର୍ମ ଚାଲିଥିଲା। ଗତ ୬।୪।୨୦୨୧ରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ର ଟ୍ରଷ୍ଟବୋର୍ଡ ବୈଠକରେ ୧,୦୩,୪୦୦ ପିଜୁଳି ଗଛ ଲଗାଇବାକୁ ଅନୁମତି ମିଳିଥିଲା। ପିଜୁଳି ଲଗାଇବା ପୂର୍ବରୁ ଏଠାରେ ଛୋଟଛୋଟ ବୁଦା, କାଜୁ, ଖଜୁରି କିଛି ଗଛ ରହିଥିଲା, ଯାହାକି ସଫା କରି ପିଜୁଳି ଗଛ ସହ ୧୭ଟି ବୋରୱେଲ ଖନନ ହୋଇଛି। ଏହି କାର୍ଯ୍ୟକ୍ରମରେ ୫୦୦ଜଣ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ। ୫ବର୍ଷରେ ପ୍ରାୟ ୨.୫ କୋଟି ଟଙ୍କା ଲାଭ ଆଶା ରହିଛି। ଏହାବାଦ୍ କ୍ଷୁଦ୍ର ଶିଳ୍ପ ସମେତ ଫଳ ସଂରକ୍ଷଣ ଏବଂ ମେଗା ନର୍ସରି କରିବାକୁ ଯୋଜନା କରାଯାଇଛି। ହେଲେ ଏଥିରେ ଜଙ୍ଗଲ ଜମି ରହିଛି ବୋଲି ବିଭାଗ ପକ୍ଷରୁ ଜଣା ନ ଥିଲା। ଏଭଳି ସ୍ଥିତିରେ ଏକ ମହତ୍ ଉଦ୍ଦେଶ୍ୟ ନେଇ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଉଥିବା ନେଇ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଏନ୍‌ଜିଟି ୧କୋଟି ଟଙ୍କା କ୍ଷତିପୂରଣ ଦେବା ସହ ଜଙ୍ଗଲ ଜମିରେ ଲାଗିଥିବା ପିଜୁଳି ଗଛସବୁ ଉପାଡ଼ିବାକୁ ନିର୍ଦ୍ଦେଶ ଦେଇଛି। ତଦନ୍ତ କମିଟିର ରିପୋର୍ଟରେ ପିଜୁଳି ଚାରାରୋପଣ ପାଇଁ ୫୫୦.୬୩ ଏକର ଜମି ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ୨୦୭.୭୫ ଏକର ଜମି ହାଲ୍ ରେକର୍ଡରେ ବୋତଲଣ୍ଡା ମୌଜା ଅଧୀନରେ ରହିଥିବାବେଳେ ବାକି ଶାଳ ଜଙ୍ଗଲ ଜମି। କିନ୍ତୁ ଜଙ୍ଗଲ ପରିବର୍ତ୍ତନ ପାଇଁ କିମ୍ବା ଗଛ କାଟିବାକୁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିଲା। ସୁକିନ୍ଦା ତହସିଲଦାରଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ପ୍ରକାର ୬ଟି ବୃହତ ବୃକ୍ଷ ରହିଥିଲା। ଦାମୋଦରପୁର, ବୋତଲଣ୍ଡା ଏବଂ କରଗୋଳା ମୌଜାରେ କୌଣସି ଗଛ ରହି ନ ଥିଲା ଏବଂ ତାହା ପତିତ ଜମି। କଟକ ଡିଏଫ୍‌ଓଙ୍କ ରିପୋର୍ଟ ଅନୁସାରେ ମଧ୍ୟ ଗଛ କାଟିବାକୁ କୌଣସି ଅନୁମତି ନିଆଯାଇ ନ ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଥିଲା।



ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି- ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। -ଶ୍ରୀଅରବିନ୍ଦ

# ଅଲୋଡ଼ା ମାତାପିତା

କେନ୍ଦ୍ର ସରକାର ଦେଶର ସବୁ ଜିଲାରେ ବୃଦ୍ଧାଶ୍ରମ ସ୍ଥାପନ କରିବା ପାଇଁ ଯୋଜନା କରୁଛନ୍ତି । ସ୍ଥାନୀୟ ଏନ୍‌ଜିଓଗୁଡ଼ିକ ସହଯୋଗରେ ଏହା ନିର୍ମାଣ କରିବା ଲାଗି ୨୫୦ ଜିଲାକୁ ଚିହ୍ନଟ କରାଯାଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଦେଶରେ ବୃଦ୍ଧାବୃଦ୍ଧ ସଂଖ୍ୟା ବୃଦ୍ଧି ପାଇବା ସହ ସେମାନଙ୍କ ସମସ୍ୟା ବଢ଼ିଚାଲିଛି ଓ ଏହା ଉପରେ ସରକାର ଚିନ୍ତା କରୁଥିବା ଜଣାପଡୁଛି। ବୃଦ୍ଧାବୃଦ୍ଧଙ୍କ ସମସ୍ୟା ମୂଳରେ ଅନେକ କାରଣ ରହିଛି। ସାମାଜିକ ସ୍ତରରେ ମୁଖ୍ୟତଃ ପାରିବାରିକ କ୍ଷେତ୍ରରେ ସେମାନେ ଅବହେଳାର ଶିକାର ହେବା କାରଣରୁ ଏହା ଘଟୁଛି। ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଯିବା, ଯୁବପିଢ଼ି ରୋଜଗାର ସକାଶେ ସହରମୁହାଁ ହେବା ଯୋଗୁ ସେମାନଙ୍କ ଜନ୍ମଦାତା ମାତାପିତାଙ୍କ ସେବାଯତ୍ନରେ ବାଧା ଉପୁଜୁଛି। ଦେଖାଯାଏ ଅଧିକାଂଶ ମାତାପିତାଙ୍କୁ ପିଲାମାନେ ନେଇ ବୃଦ୍ଧାଶ୍ରମରେ ଫୋପାଡ଼ି ଦେଇ ଆସୁଛନ୍ତି। ଯେତେବେଳେ ବୃଦ୍ଧାଶ୍ରମ ବ୍ୟବସ୍ଥା ନ ଥିଲା ସେତେବେଳେ ସନ୍ତାନମାନେ ସେମାନଙ୍କ ମାତାପିତାଙ୍କୁ ନେଇ ବନାରସ ଭଳି ସହରରେ ତୀର୍ଥ କରିବା ଆଳରେ ହଜେଇ ଦେଇ ଆସୁଥିଲେ। ଏବେ ସେହିଭଳି ବୃଦ୍ଧ ମାତାପିତା ବୃଦ୍ଧାଶ୍ରମକୁ ସେମାନଙ୍କ ଶେଷ ଭରସା ବୋଲି ମନେ କରୁଛନ୍ତି। ବିଭିନ୍ନ ରାଜ୍ୟରେ ଏନ୍‌ଜିଓ, ଧର୍ମୀୟ କିମ୍ବା ସେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ବୃଦ୍ଧାଶ୍ରମଗୁଡ଼ିକ ଚାଲିଛି। ବଦାନ୍ୟ ବ୍ୟକ୍ତି ଏବଂ ସରକାର ମଧ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି। ସେଥିମଧ୍ୟରୁ ଭାରତର ବଡ଼ ସହରରେ ଥିବା ହାତଗଣତି କେତୋଟି ବୃଦ୍ଧାଶ୍ରମରେ ବୟୋବୃଦ୍ଧମାନେ ଉନ୍ନତ ସେବା ପାଉଛନ୍ତି ଓ ସେମାନଙ୍କୁ ଏଥିପାଇଁ ଦେୟ ଦେବାକୁ ପଡୁଛି। କିନ୍ତୁ ଗାଁ କିମ୍ବା ଛୋଟ ସହରରେ ଥିବା ଅନେକ ବୃଦ୍ଧାଶ୍ରମର ଅବସ୍ଥା ଶୋଚନୀୟ। ବହୁ ସମୟରେ ସେଠାରେ ଉତ୍ତମ ସେବାକୁ ନେଇ ପ୍ରଶ୍ନ ଉଠୁଛି। ତଥାପି ଏହି ଅବହେଳିତ ବର୍ଗଙ୍କ ସଂଖ୍ୟା ବଢ଼ିବା ଯୋଗୁ ସେହି ଅନୁସାରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ସହରାଞ୍ଚଳକୁ ଚାଲି ଆସିଥିବା ସନ୍ତାନମାନେ ମଧ୍ୟ ଗ୍ରାମରେ ଥିବା ସମ୍ପତ୍ତିକୁ ଦେଖି ଲୋଭ କରିଥାଆନ୍ତି। ଯଦି ମାତାପିତା ଜମିଜମାକୁ ଭାଗ କରିଦେଇଥିବେ ତେବେ ଉଭୟଙ୍କୁ କେହି ପଚାରିବେ ନାହିଁ। ଚତୁର ମାତାପିତା ଯଦି ଶେଷ ପର୍ଯ୍ୟନ୍ତ ବଣ୍ଟନ ନ କରି ସମସ୍ତ ସମ୍ପତ୍ତି ରଖୁଥିବେ ସବୁ ସନ୍ତାନ ତାଙ୍କୁ ଶଙ୍ଖୁଳୁଥିବେ।

ଆମେ ଶୁଣୁଥିଲୁ ଯେ, ପାଶ୍ଚାତ୍ୟ ଦେଶରେ ବୃଦ୍ଧାବୃଦ୍ଧଙ୍କୁ ସନ୍ତାନମାନେ ବୃଦ୍ଧାଶ୍ରମରେ ନେଇ ଛାଡ଼ିଦିଅନ୍ତି। ଭାରତୀୟମାନେ ସେହି ମାନସିକତାକୁ ନେଇ ସମାଲୋଚନା କରୁଥିଲେ। ଆମେ କହୁଥିଲୁ ଏକାନ୍ନବର୍ତ୍ତୀ ପରିବାରରେ ଏହିଭଳି ଦୁଃଖ ବୟସ୍କମାନଙ୍କୁ ସହିବାକୁ ପଡ଼େନାହିଁ। କିନ୍ତୁ ଆଜିର ଅର୍ଥନୈତିକ ପରିସ୍ଥିତିରେ ଯୌଥ ପରିବାର ରଖିବା ମଧ୍ୟ କଷ୍ଟକର। ଏବକାର ସ୍ଥିତିରେ ସମସ୍ତେ ଅଣୁ ପରିବାର ପାଲଟିଗଲେଣି। ମାତାପିତା ଯଦି ଅଧିକ ଦିନ କୌଣସି ଜଣଙ୍କ ପାଖରେ ରହୁଛନ୍ତି ତେବେ ଆର୍ଥିକ ସମସ୍ୟା ସୃଷ୍ଟି ହେଉଛି। ଏଇଥିପାଇଁ ମାତାପିତାଙ୍କୁ ସବୁବେଳେ ହତାଦର ନ କଲେ ମଧ୍ୟ ଗୋଟିଏ ସନ୍ତାନ ପାଖରୁ ଅନ୍ୟ ସନ୍ତାନ ପାଖକୁ ଯିବାକୁ ପଡ଼ିଥାଏ। ଅର୍ଥାତ୍ ସେମାନଙ୍କ ସ୍ଥାୟୀ ବାସସ୍ଥାନ ବୋଲି କିଛି ରହୁନାହିଁ। ବହୁ ସମୟରେ ମାତାପିତାଙ୍କୁ ପରସ୍ପରଠାରୁ ଅଲଗା କରି ପାଳିରେ ସନ୍ତାନମାନେ ରଖୁଛନ୍ତି। ଅନ୍ୟପଟେ ଯଦି ଗ୍ରାମରେ ଜମି ଅଛି, ତେବେ ସେମାନେ ପିଲାମାନଙ୍କ ସହିତ ରହିବାକୁ ପସନ୍ଦ କରନ୍ତି। ସେଭଳି ପରିସ୍ଥିତିରେ ମଧ୍ୟ ସନ୍ତାନମାନେ ମାତାପିତାଙ୍କୁ ଘରୁ ବାହାର କରିଦିଅନ୍ତି। କାରଣ ସେଠାରେ ଜମି ଓ ସମ୍ପତ୍ତିର ଲୋଭ ଯୁବପିଢ଼ିଙ୍କୁ ଗ୍ରାସ କରୁଛି। ସହରାଞ୍ଚଳକୁ ଚାଲି ଆସିଥିବା ସନ୍ତାନମାନେ ମଧ୍ୟ ଗ୍ରାମରେ ଥିବା ସମ୍ପତ୍ତିକୁ ଦେଖି ଲୋଭ କରିଥାଆନ୍ତି। ଯଦି ମାତାପିତା ଜମିଜମାକୁ ଭାଗ କରିଦେଇଥିବେ ତେବେ ଉଭୟଙ୍କୁ କେହି ପଚାରିବେ ନାହିଁ। ଚତୁର ମାତାପିତା ଯଦି ଶେଷ ପର୍ଯ୍ୟନ୍ତ ବଣ୍ଟନ ନ କରି ସମସ୍ତ ସମ୍ପତ୍ତି ରଖୁଥିବେ ସବୁ ସନ୍ତାନ ତାଙ୍କୁ ଶଙ୍ଖୁଳୁଥିବେ।

ବୃଦ୍ଧାଶ୍ରମର ବ୍ୟବସ୍ଥା ସରକାରୀ ସ୍ତରରେ କିମ୍ବା ସରକାରୀ ପାଣ୍ଠି ମାଧ୍ୟମରେ ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଲେ ସେଗୁଡ଼ିକ କେବଳ ଦୁର୍ନୀତିର କେନ୍ଦ୍ର ପାଲଟିବ। ଅନ୍ୟପକ୍ଷରେ ସମାଜରେ ଦେଖାଦେଉଥିବା ପରିବର୍ତ୍ତନର କୌଣସି ଚମତ୍କାର ସମାଧାନ ଦୃଶ୍ୟମାନ ହେଉ ନାହିଁ।

## ଚିରନ୍ତନୀ

କୁଞ୍ଚିତ ତବ ବକ୍ଷବାସରୁ
ଫୁଟିଦିଶୁ ଯଉବନ
ସ୍କନ୍ଧୁ କନକ ହାର ଝୁଲିପଡୁ
ଫଣୀ ସମ ସଚେତନ !

-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | | | | | | 5 | | 1 |
| | 7 | | | 3 | | 4 | 2 | |
| 1 | | | | | 2 | | 3 | |
| | 4 | | | | 9 | | 1 | |
| | | | 4 | | | | | 5 |
| 3 | 5 | | 2 | | | | | |
| 7 | | | | 9 | | | 4 | |
| | 1 | | 3 | | 8 | | | |
| | | | | | | 7 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 3 | 2 | 5 | 6 | 4 | 9 | 7 |
| 9 | 6 | 4 | 1 | 7 | 8 | 2 | 5 | 3 |
| 7 | 2 | 5 | 4 | 3 | 9 | 1 | 8 | 6 |
| 5 | 9 | 1 | 3 | 6 | 2 | 8 | 7 | 4 |
| 8 | 7 | 6 | 5 | 1 | 4 | 9 | 3 | 2 |
| 4 | 3 | 2 | 9 | 8 | 7 | 5 | 6 | 1 |
| 3 | 5 | 9 | 7 | 2 | 1 | 6 | 4 | 8 |
| 2 | 4 | 8 | 6 | 9 | 3 | 7 | 1 | 5 |
| 6 | 1 | 7 | 8 | 4 | 5 | 3 | 2 | 9 |

ଗତକାଲିର ଉତ୍ତର


# ୟୁପିଏସ୍‌ସି ପରୀକ୍ଷାରେ ଓଡ଼ିଆଙ୍କ ଦୁର୍ବଳତା



ସହଦେବ ସାହୁ

ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ୩ୟ, ୫ମ, ୮ମ ଓ ୧୦ମ ଶ୍ରେଣୀ ପିଲାଙ୍କ ଉପରେ କରିଥିବା ଅନୁଶୀଳନମୂଳକ ପରୀକ୍ଷାର ଫଳରୁ ସମ୍ପ୍ରତି ଦେଖାଇଛନ୍ତି ଯେ ଓଡ଼ିଆ ପିଲାମାନେ ଓଡ଼ିଆରେ ଦୁର୍ବଳ। ତାହାର ପ୍ରଭାବ ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ(ୟୁପିଏସ୍‌ସି)ର ସିଭିଲ ସର୍ଭିସେସ୍ ପରୀକ୍ଷାରେ ପଡୁଛି। ସାଙ୍ଗିଆ ଉଣ୍ଡି ଆମେ ପରୀକ୍ଷାଫଳରୁ ଓଡ଼ିଶା ପିଲା ଖୋଜୁ, ଓଡ଼ିଆଭାଷୀ ଖୋଜୁନା। 'ଓଡ଼ିଆ' ପିଲାଙ୍କ ବିଫଳତାର କାରଣ ଓଡ଼ିଆ ଭାଷାରେ ଦୁର୍ବଳତା। ଦେଶର ଲୋକସଂଖ୍ୟା ୧୩୫କୋଟିରୁ ଓଡ଼ିଶାର ସାଢ଼େଚାରି କୋଟି। ତେଣୁ ଦେଶଯାକର ୧୩୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପାଇଲେ ଅତି କମ୍‌ରେ ୫୨ ଜଣ ଓଡ଼ିଶାବାସୀ ପାଇବା କଥା; କେବଳ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ୩ଟି ସେବା ପାଇଁ ୪୦୦ଭିତରୁ ୧୪ ପାଇବା କଥା, କିନ୍ତୁ ପାଞ୍ଚ ସାତ ପାଇବା କଷ୍ଟ ହେଉଛି; ଏସବୁର କାରଣ ଓଡ଼ିଆ ଭାଷା ପ୍ରତି ସରକାରୀ ଉଦାସୀନତା। ଭାଷାଭିତ୍ତିକ ପ୍ରଦେଶ ହେବାର ୧୦୦ବର୍ଷ ପୂରିବ ଆଉ ୧୪ବର୍ଷରେ, ଆମ ପିଲାଏ ସେତେବେଳକୁ ଓଡ଼ିଆକୁ ମାତୃଭାଷା ବୋଲି ଲେଖିବେ ତ! ସରକାର ଲୋକଙ୍କ ଭାଷାରେ ଚାଲିବା ଦରକାର ବୋଲି ଏକ ଦଶନ୍ଧି ହେଲା ସବୁ ନିଯୁକ୍ତି ପରୀକ୍ଷାରେ ପ୍ରାଦେଶିକ ଓ ଆଞ୍ଚଳିକ ଭାଷାକୁ ବାଧ୍ୟ ଅଙ୍ଗ କରିପକାଇଛନ୍ତି। ସରକାରୀ ଭାଷା ଭାବରେ ଘୋଷଣାକରି ସେପରି ବ୍ୟବହାର ନ କରିବା ଯୋଗୁ ଭାଷା ଓ ଭାଷାସାହିତ୍ୟ ଶିକ୍ଷାରେ ଅବହେଳା ବଢୁଛି ଏବଂ ଅଧ୍ୟାପକ ଓ ପରୀକ୍ଷକମାନେ ଓଡ଼ିଆ ଲେଖା ଦେଖିଲେ ମାର୍କ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ଅର୍ଥାତ୍ ସରକାର ହିଁ ଓଡ଼ିଆ ଭାଷାରେ ଉତ୍କର୍ଷ ଆଣିବା ପାଇଁ ପରିବେଶ ତିଆରି କରୁନାହାନ୍ତି।

ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପରୀକ୍ଷା ୩ଟି ପର୍ଯ୍ୟାୟରେ ହୁଏ, ପ୍ରିଲିମିନାରି ଓ ମେନ୍‌ସ ପରୀକ୍ଷା ଏବଂ ପର୍ସନାଲିଟି ଟେଷ୍ଟ। ପ୍ରିଲିମିନାରି ପରୀକ୍ଷାରେ ଦୁଇଟି ପେପର, ୨ ଘଣ୍ଟାରେ ସାରିବାକୁ ୨୦୦ମାର୍କର ୧୦୦ଟି ପ୍ରଶ୍ନ ୧ମ ପ୍ରଶ୍ନପତ୍ରରେ ଥିବ ତ ୮୦ଟି ପ୍ରଶ୍ନ ୨ୟ ପତ୍ରରେ ଥିବ। ଦୁଇଟି ଯାକ ଘଟଣାଭିତ୍ତିକ (ଅବ୍‌ଜେକ୍ଟିଭ୍), ଜାଣିଥିଲେ (ମନରୁ ନୁହଁ) ଉତ୍ତର ଦିଅ, ଭୁଲ୍ ଉତ୍ତର ଦେଲେ ମାର୍କ ତ ମିଳିବ ନାହିଁ ବରଂ ଏକତୃତୀୟାଂଶ ମାର୍କ ଊଣା କରାଯିବ, ଅନ୍ୟ ଉତ୍ତରରେ ମିଳିଥିବା ମାର୍କରୁ କାଟିଦିଆଯିବ। ନ ଜାଣିଥିଲେ ପ୍ରଶ୍ନଟିକୁ ଛାଡ଼ି ଦେଇ ଅନ୍ୟ ପ୍ରଶ୍ନକୁ ଯିବା ଭଲ। ଛାଙ୍କିବା (କ୍ୱାଲିଫାଇଂ) ପାଇଁ ଏ ପରୀକ୍ଷା – ପେପର ୨ରେ ୧୦ମ ଶ୍ରେଣୀ ସ୍ତରୀୟ ବୁଦ୍ଧି ପରୀକ୍ଷା (ଆପ୍ଟିଚ୍ୟୁଡ୍ ଟେଷ୍ଟ), ସେଥିରେ ୮୦ଟି ପ୍ରଶ୍ନରେ ୨୦୦ ମାର୍କ ବହନ କରୁଛି। ଅତି କମ୍‌ରେ ୩୩% (୬୬) ମାର୍କ ନ ରଖିଲେ ପ୍ରାର୍ଥୀ ପରବର୍ତ୍ତୀ ପରୀକ୍ଷାରୁ ବଞ୍ଚିତ (ଫେଲ୍) ହେବ। ଯଦି ୬୬ ବା ଅଧିକ ପାଇଲା ତେବେ ୧ମ ପେପରର ମୂଲ୍ୟାୟନ ହେବ, ୧ମ ପେପରରେ ସାଧାରଣ ପାଠ ଓ ଜ୍ଞାନର ପରୀକ୍ଷା। ତହିଁରେ ଯେତେ ପାଅ ନା କାହିଁକି ପୂରଣ କରିବାକୁ ଥିବା (ଭାକାନ୍ସି) ଚାକିରି ସଂଖ୍ୟାର ପ୍ରାୟ ୧୩ ଗୁଣ ଭିତରେ ରହିଲେ ହିଁ ପ୍ରିଲିମିନାରି ପାସ୍ ବୋଲି ଧରାଯିବ, ମେନ୍‌ସ ପରୀକ୍ଷା ଦେବାକୁ ଅନୁମତି ମିଳିବ।



ଯଦି କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ସ୍ତରର ଚାହିଦା ଅନୁଯାୟୀ ୧୩୦୦ ଚାକିରି ଚାହାନ୍ତି ୟୁପିଏସ୍‌ସି ତାହାର ୧୨ କି ୧୩ ଗୁଣ ପ୍ରାର୍ଥୀକୁ ଅର୍ଥାତ୍ ୧୪,୩୦୦ ପାଖାପାଖି ପିଲାଙ୍କୁ ମେନ୍‌ସ ପରୀକ୍ଷା ଦେବାକୁ ଡାକିବ। ପ୍ରାରମ୍ଭିକ ପରୀକ୍ଷାର୍ଥୀ ଆଠ ନଅ ଲକ୍ଷ ହୋଇଥିଲେ ବି! ପ୍ରିଲିମିନାରିରେ ପିଲାର ପର୍ଯ୍ୟବେକ୍ଷଣଜନିତ ଜ୍ଞାନ, ସ୍କୁଲ କଲେଜରେ ପଢ଼ା ବହି ଛଡ଼ା ବିଶ୍ୱ ବିଷୟରେ ଅ ଠାରୁ କ୍ଷ ଯାଏ ଜ୍ଞାନର ପରୀକ୍ଷା। ଏହି କାରଣରୁ ୟୁପିଏସ୍‌ସି ପରୀକ୍ଷା ପାଇଁ +୨ ପରଠାରୁ ଦୁନିଆଯାକର ଖବର ରଖିବା ଓ ତା' ଉପରେ ମତାମତ ତିଆରି କରିବା ଆବଶ୍ୟକ; ଏଥିଲାଗି କ୍ରମବର୍ଦ୍ଧିଷ୍ଣୁ ବର୍ଣ୍ଣାନୁକ୍ରମିକ ଟିପାଖାତା (ନୋଟ୍ ବୁକ୍) +୨ବେଳଠୁ ୟୁପିଏସ୍‌ସି ପରୀକ୍ଷା ଯାଏ ତିଆରି କରିନେବା ଦରକାର, ଯେମିତି କମ୍ପ୍ୟୁଟରରେ ପେନ୍‌ଡ୍ରାଇଭ୍ ଭଳି ଦରକାର ପଡ଼ିଲେ ବା ମନେପକାଇବାକୁ ଯାହା ଚାହୁଁଛ ତା' ପାଇପାରିବ; ଯଦି କୌଣସିଟା ନାହିଁ ବିଶ୍ୱର ସବୁଠାରୁ ବଡ଼ ପାଠାଗାର ଇଣ୍ଟରନେଟ୍ ଭିତରେ ଖୋଜିନିଅ ଓ ତାକୁ ଟିପାଖାତାରେ ଲେଖିରଖ।

ଯଦି ପ୍ରାର୍ଥୀ ଫର୍ମ ପୂରଣ କଲାବେଳେ ସେ ସମ୍ବିଧାନର ୮ମ ସିଡ୍ୟୁଲରେ ସ୍ଥାନିତ ଭାରତୀୟ ଭାଷାରେ (ଆମ କ୍ଷେତ୍ରରେ ଓଡ଼ିଆରେ, ଏପରି କି ମୟୂରଭଞ୍ଜର ପିଲା ସାନ୍ତାଳୀ ବା ଅଲିଚିକିରେ) ଲେଖିବ ବୋଲି ଜଣାଇଥିବ ସେ ତାହା କରିପାରେ; ଇଂରାଜୀ ପେପର ଛଡ଼ା ଆଉ ସବୁ ପେପରକୁ ତା' ଭାଷାରେ ଲେଖିପାରେ। ତେଣୁ ଗାଁ ଗହଳର ଇଂରାଜୀ ଅନଭିଜ୍ଞ ପିଲା ସମ୍ବିଧାନ-ସମ୍ମତ ନିଜ ଭାଷାରେ ଉତ୍ତର ଦେଇପାରିବ: ଏ ପ୍ରକାର ଉତ୍ତରଖାତା ଦେଖି ଓଡ଼ିଆ ବା ସମ୍ପୃକ୍ତ ଭାଷାର ପରୀକ୍ଷକମାନେ ଗର୍ବ କରିବା କଥା। ସେମାନେ ଯଦି ଓଡ଼ିଆ ଭାଷାରେ ଲେଖାକୁ ନାପସନ୍ଦ କରିବେ ତ ଆମ ପିଲା ଫେଲ୍, ସେହି ଡରରେ ଆମ ପିଲାଏ ଇଂରାଜୀରେ ବାଧ୍ୟ ହୋଇ ଲେଖୁଛନ୍ତି। କିନ୍ତୁ ବହୁତ ହିନ୍ଦୀଭାଷୀ ଭାଷାର ଲାଭ ଉଠାଉଛନ୍ତି।

ପ୍ରିଲିମିନାରି ପାର ହେଲେ ପିଲା ଦେଖିବ ମେନ୍‌ସ ପରୀକ୍ଷା କଥା: ଏଥିରେ ୯ଟି ପେପର, ପ୍ରଥମ ୨ଟି ଏ ଓ ବି: ଇଂରାଜୀ ଓ ଭାରତୀୟ ଭାଷା (ଆମ କ୍ଷେତ୍ରରେ ଓଡ଼ିଆ, ମୟୂରଭଞ୍ଜର ଜଣେ ଭଲ ପଢୁଥିବା ଆଦିବାସୀ ପିଲା ସାନ୍ତାଳୀ ବା ଅଲିଚିକି ଅକ୍ଷରରେ ଉତ୍ତର ଲେଖିପାରିବ)। ମୋଟ ମାର୍କ ୩୦୦, ତହିଁରୁ ୧୦୦ ମାର୍କର ପ୍ରବନ୍ଧ, ୬୦ ମାର୍କର ପଢ଼ିବୁଝିବା (ରିଡିଂ କମ୍ପ୍ରେହେସନ୍), ୬୦ ମାର୍କର ସଂକ୍ଷିପ୍ତୀକରଣ (ପ୍ରେସି ରାଇଟିଂ), ୪୦ ମାର୍କର ୨ଟି ଅନୁଚ୍ଛେଦର ଅନୁବାଦ, ପ୍ରତ୍ୟେକ ୨୦ ମାର୍କବାଲା, ଗୋଟିଏ ଇଂଲିଶରୁ ଓଡ଼ିଆକୁ ଓ ଅନ୍ୟଟି ଓଡ଼ିଆରୁ ଇଂଲିଶକୁ, ୪୦ ମାର୍କର ଓଡ଼ିଆ ବ୍ୟାକରଣ: ଏ ସବୁ ହାଇସ୍କୁଲ ସ୍ତରର ପାଠ। କିନ୍ତୁ ଆମ ଓଡ଼ିଆ ପ୍ରଶ୍ନପତ୍ରର ପରୀକ୍ଷକ-ଅଧ୍ୟାପକମାନେ ବଡ଼ କୁଣ୍ଠିତ ୭୫ (ପାସ୍) ମାର୍କ ଦେବାକୁ! ଦ୍ୱାରବନ୍ଧ ଛୁଡ଼ିଲେ ପିଲା ଘରେ (ଆଇଏଏସ୍‌ରେ) ପଶିବ କେମିତି! ଏ ଓ ବି ୨ଟିରୁ ଗୋଟିକରେ ବି ଫେଲ୍ ମାନେ ପ୍ରାର୍ଥୀର ଅନ୍ୟ ଉତ୍ତର ଖାତା ଦେଖାଯିବ ନାହିଁ, ସେ ଫେଲ୍। ଯଦି ୭୫ରୁ ବେଶି ମାର୍କ ରଖିଥିବା ପିଲାର ଅନ୍ୟ ୭ଟି ପେପର ଦେଖାଯିବ। ୧ମ ପେପର ପ୍ରବନ୍ଧ, ତା' ଓଡ଼ିଆରେ ଲେଖିହେବ, ଓଡ଼ିଆରେ ଭାବି ଇଂଲିଶରେ ଲେଖିବାଠାରୁ ଓଡ଼ିଆରେ ପ୍ରବନ୍ଧଟି ଲେଖିବା ଭଲ ହେବ ନାହିଁ କି? ଶେଷ ୨ଟି ଅପ୍ସନାଲ (ଇଚ୍ଛାଧୀନ) ପେପର, ଯାହା କଲେଜ-ପାଠରୁ ନିଆଯାଇପାରେ ବା ଭଲ ମନେରହୁଥିବା, ବୁଝିହେଉଥିବା ବିଷୟ ନିଆଯାଇପାରେ। ଅନ୍ୟ ଇଚ୍ଛାଧୀନ ପେପରଟି ଓଡ଼ିଆ ଭାଷା ଓ ଭାଷାସାହିତ୍ୟ ହୋଇପାରେ – ଆମ ପିଲାଏ ଓଡ଼ିଆ ଭାଷା ସାହିତ୍ୟ ନେଲେ ଉତ୍ତରଖାତା ଓଡ଼ିଶା ଆସିବ। ଆଉ ୪ଟି ପେପର ସାଧାରଣ ଜ୍ଞାନ ବିଜ୍ଞାନର ବିଷୟ, ଅ ରୁ କ୍ଷ ଯାଏ ବିଷୟ, ଯେଉଁଥିପାଇଁ ଆଗରୁ ମୁଁ କହିଥିବା ଟିପାଖାତା ବିଶ୍ୱକୋଷ ଭଳି ବେଶ୍ ସହାୟକ ହେବ। ବିଷୟଗୁଡ଼ିକ ହେଉଛି: ଜାତୀୟ ଐତିହ୍ୟ ଓ ସଂସ୍କୃତି, ଆନ୍ତର୍ଜାତିକ ସ୍ତରର ସାମ୍ପ୍ରତିକ ଘଟଣାବଳୀ; ସମାଜର ଓ ବିଶ୍ୱର ଭୂଗୋଳ; ଭାରତୀୟ ରାଜନୈତିକ ବ୍ୟବସ୍ଥା (ପଲିଟି) ଓ ପ୍ରଶାସନ; ଅର୍ଥନୈତିକ ଓ ସାମାଜିକ ବିକାଶ; ଟେକ୍ନୋଲୋଜି, ପରିବେଶ, ଜୈବ ବିବିଧତା ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସାଧାରଣ ସମସ୍ୟା; ନୈତିକତା, ନିଷ୍ଠା, ଆଗ୍ରହ (ଆପ୍ଟିଚ୍ୟୁଡ୍) ଆଦି। ଯେଉଁଥିରେ ଓଡ଼ିଆରେ ଉତ୍ତର ଦେଇହେବ; ବର୍ଣ୍ଣନା ହିଁ ଦରକାର; ବ୍ୟାକରଣ, ବନାନ ଶୁଦ୍ଧି ବା ବିଶେଷ ଜ୍ଞାନର ଦରକାର ନାହିଁ।

ଓଡ଼ିଆରେ ମାର୍କ ଦେବାରେ କୁଣ୍ଠାବୋଧ ମେନ୍‌ସ ପରୀକ୍ଷାକୁ ପ୍ରବେଶ କରିବାରେ ଯେମିତି ବାଧା ଦିଏ, ପ୍ରିଲିମିନାରିରେ ପାରହୋଇ ମେନ୍‌ସ ପରୀକ୍ଷାରେ ପ୍ରବେଶ କରିଥିବା ପିଲା ଯଦି ପେପର ଏ ଓ ବି ମଧ୍ୟରୁ ଓଡ଼ିଆରେ ଫେଲ୍ ହେଲା ତା'ର ଅନ୍ୟ ଉତ୍ତରଖାତାଗୁଡ଼ିକ ଦେଖାଯାଏ ନାହିଁ, ତେଣୁ ସେ ଫେଲ୍। ଲକ୍ଷ୍ୟ କରନ୍ତୁ – ଓଡ଼ିଶାରୁ ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇଥିବା କେତେକ ପିଲା ଓଡ଼ିଆ ବଦଳରେ ହିନ୍ଦୀ ନେଉଛନ୍ତି। ସାରା ଭାରତରେ ଏ ପରୀକ୍ଷାରେ ହିନ୍ଦୀଭାଷୀ ସବୁଠୁ ବେଶି ସଫଳ, ତା' ତଳକୁ ତାମିଲ୍, ମାଲୟାଲମ୍ ଭାଷୀଙ୍କ ସଂଖ୍ୟା। ଆମେ ତଳେ, ଏହାର କାରଣ ଭାଷା ପ୍ରତି ଆମ ରାଜ୍ୟରେ ଅନାଦର!

sahadevas@yahoo.mail

# ଜୈବବିବିଧତା ଓ ପରିସଂସ୍ଥା



ଶୁଭନାରାୟଣ ଶତପଥୀ

ଏହି ପୃଥିବୀରେ ବସବାସ କରିଥିବା ଜୀବମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ, ସାମଞ୍ଜସ୍ୟକୁ ଆମେ ଜୈବବିବିଧତା କହିଥାଉ। ଏଥିରେ ପଶୁପକ୍ଷୀ ସମେତ ବୃକ୍ଷ, ବ୍ୟାକ୍ଟେରିଆ, ଫଙ୍ଗସ୍ ଆଦି ଅନ୍ତର୍ଭୁକ୍ତ। ଜିନ୍ ସମ୍ବନ୍ଧୀୟ ବିବିଧତାକୁ ଆମେ ଜନ୍ମଗତ ବା ଜେନେଟିକ୍ ଡାଇଭର୍‌ସିଟି କହିଥାଉ। ଏଥିରେ ଡି.ଏନ୍.ଏ. ବା ଜିନ୍‌କୁ ଅଧ୍ୟୟନ କରି ବିବିଧତାକୁ ନିରୀକ୍ଷଣ କରି ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ନିର୍ଣ୍ଣୟ କରାଯାଏ। ସେହିପରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ, ଗୋଷ୍ଠୀରେ, ସ୍ଥାନରେ ଥିବା ଗୋଟିଏ ଜାତିର ବୃକ୍ଷରାଜି, ପଶୁପକ୍ଷୀ, ମଣିଷ ବଂଶବୃଦ୍ଧି କରି ବଞ୍ଚି ରହିଥା'ନ୍ତି; ଯେମିତିକି ମାଛ, ଡଲ୍‌ଫିନ, ଟୁନା, ସାଲମୋନ ଇତ୍ୟାଦି। ଏମାନଙ୍କୁ ଜାତିଗତ ବିବିଧତା ରୂପେ ବିବେଚନା କରାଯାଏ। ବଞ୍ଚିବା ପାଇଁ ବୃକ୍ଷ, ଜୀବଜନ୍ତୁ ମଧ୍ୟରେ ଥିବା ଆତ୍ମନିର୍ଭରଶୀଳତା କିମ୍ବା ଖାଦ୍ୟଶୃଙ୍ଖଳ ମାଧ୍ୟମରେ ଥିବା ସନ୍ତୁଳିତ ପରିବେଶକୁ ଆମେ ପାରିବେଶିକ ବିବିଧତା କହିଥାଉ। ଜୀବମାନେ ପରସ୍ପର ଅଥବା ବୃକ୍ଷ ଉପରେ ନିର୍ଭରଶୀଳ। ଏହି ଜୈବ ପରିସଂସ୍ଥାଯୁକ୍ତ ବିବିଧତା ମରୁଭୂମି, ହେନ୍ତାଳବନ, ଗ୍ରୀଷ୍ମମଣ୍ଡଳୀୟ ଅରଣ୍ୟ, ଜଳଜାତ ପରିବେଶରେ ଦୃଷ୍ଟିଗୋଚର ହୁଏ।

ଜୀବଜଗତ ବଞ୍ଚିରହିବା ପାଇଁ ଜୈବବିବିଧତାର ଆବଶ୍ୟକତା ଓ ଗୁରୁତ୍ୱ ବେଶୀ। ଏହି ବିବିଧତା ପରିବେଶ ଓ ପାଣିପାଗର ସନ୍ତୁଳନକାରୀ। ବେଦ, ଉପନିଷଦ ବର୍ଣ୍ଣନା କରେ ପ୍ରକୃତି ଓ ଏହାର ବିବିଧତା ହିଁ ମଣିଷର ସୁରକ୍ଷା କବଚ। ଏଣୁ ପ୍ରକୃତି, ବୃକ୍ଷରାଜି, ପଶୁପକ୍ଷୀ ପୂଜନର ପରମ୍ପରା ଭଳି ସାଂସ୍କୃତିକ ବ୍ୟବସ୍ଥା ରହିଆସିଛି। ଭ୍ରମଣରୁ ରାଜସ୍ୱ ବୃଦ୍ଧି ହେଉ ବା ଶିଳ୍ପ ପାଇଁ କଞ୍ଚାମାଲ ସବୁ କ୍ଷେତ୍ରରେ ଜୈବବିବିଧତା ଉପରେ ମଣିଷ ନିର୍ଭର କରିଥାଏ। ଖାଦ୍ୟ, ଔଷଧର ଉତ୍ସ ଏଥିରେ ଥାଏ। ଏହା ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ତଥା ମଣିଷର ଅର୍ଥନୈତିକ ଆବଶ୍ୟକତା ପୂରଣ କରିଥାଏ। ମାଟିର ଗୁଣାତ୍ମକମାନ ବୃଦ୍ଧି କରିବା ଓ ପୁନଃ ସୃଷ୍ଟିର ଏହା ଏକ ଅଭିନ୍ନ ଅଙ୍ଗ। ଅପରପକ୍ଷରେ, ପଲିଥିନ୍‌ର ବହୁଳ ବ୍ୟବହାର, ଆଲୋକ ଶବ୍ଦ ରାସାୟନିକ ପ୍ରଦୂଷଣ, ବିଶ୍ୱତାପନ, କୃଷି କ୍ଷେତ୍ରରେ ରାସାୟନିକ ପ୍ରୟୋଗ ଜୈବବିବିଧତାର ବିରୋଧୀ।

୧୯୭୨ରେ ରବର୍ଟ ହ୍ୱିଟାକର ଆଲ୍‌ଫା, ବିଟା, ଗାମା ବିବିଧତାକୁ ଚିହ୍ନଟ କରିଥିଲେ। ଗୋଟିଏ ନିର୍ଦ୍ଦିଷ୍ଟ ଜୈବ ପରିସଂସ୍ଥା ଅଞ୍ଚଳରେ ଥିବା ବିବିଧତା ଏବଂ ପ୍ରଜାତିଙ୍କ ସଂଖ୍ୟାକୁ ଆଲ୍‌ଫା ବିବିଧତା କୁହାଯାଉଥିବାବେଳେ, ଦୁଇ ବା ତତୋଽଧିକ ପରିସଂସ୍ଥା ମଧ୍ୟରେ ଥିବା ଜୈବବିବିଧତା ମଧ୍ୟରେ ପାର୍ଥକ୍ୟ ବା ସାମଞ୍ଜସ୍ୟକୁ ବିଟା ବିବିଧତା କହିଥାଉ। ତେବେ ଏକ ବୃହତ୍ ଭୌଗୋଳିକ ଭୂଖଣ୍ଡ ଯେଉଁଠି ଅନେକ ପରିସଂସ୍ଥା ରହିଥାଏ, ତାକୁ ଗାମା ବିବିଧତା କୁହାଯାଏ।

ସମ୍ପ୍ରତି ଏହି ଜୈବବିବିଧତା ଅବକ୍ଷୟ ସାଙ୍ଗକୁ ପରିସଂସ୍ଥା ଅସନ୍ତୁଳିତ ହେବାରେ ଲାଗିଛି। ଯେଉଁ ପ୍ରକୃତିକୁ ମଣିଷ ପୂଜା କରିଆସୁଥିଲା ତାହାକୁ ନଷ୍ଟ କରୁଛି। ପ୍ରକୃତି ଉପରେ ଅତ୍ୟଧିକ ନିର୍ଭରଶୀଳତା ଓ ପ୍ରାକୃତିକ ଉତ୍ସର ଉତ୍ତୋଳନ ପ୍ରାକୃତିକ ଅବକ୍ଷୟର ପ୍ରମୁଖ କାରଣ ରୂପେ ଉଭା ହୋଇଛି। ଡ୍ୟାମ ନିର୍ମାଣ, ଖଣି ଖନନ, କାରଖାନା ପାଇଁ କଞ୍ଚାମାଲ ଆମଦାନୀ ନିମନ୍ତେ ମଣିଷ ପ୍ରକୃତିକୁ ନଷ୍ଟ କରୁଥିବାରୁ ଏହାର ପ୍ରଭାବ ସିଧାସଳଖ ଜୈବବିବିଧତା ଉପରେ



ପଡୁଛି। ଜଙ୍ଗଲ କାଟିବା, ମୃତ୍ତିକା କ୍ଷୟ ହେବା ଦ୍ୱାରା ଜଳଉତ୍ସଗୁଡ଼ିକ ବିପଦରେ ପଡୁଛି। ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ସବୁଜିମା ନଷ୍ଟ ହେଉଛି। ଫଳରେ ମରୁଭୂମି, ପଡ଼ିଆର କଳେବର ବୃଦ୍ଧି ପାଉଛି। ତା'ଛଡ଼ା ବନ୍ୟଜନ୍ତୁଙ୍କ ଅବାଧ ଶିକାର ବା ବେଆଇନ ଭାବରେ ବନ୍ୟଜନ୍ତୁ ଓ ସେମାନଙ୍କ ଅଙ୍ଗ ବ୍ୟବସାୟ ଦ୍ୱାରା ମଧ୍ୟ ଜୈବବିବିଧତା ନଷ୍ଟ ହୁଏ। ସେ ହାତୀଦାନ୍ତ ବ୍ୟବସାୟ ହେଉ ବା ସାମୁଦ୍ରିକ କଇଁଛ କିମ୍ବା କାଠ କାରବାର ଏସବୁ ଅନୈତିକ କାମ ମଣିଷ ଦ୍ୱାରା ହିଁ ହୋଇଥାଏ। ବିଲୁପ୍ତପ୍ରାୟ ଜୀବମାନଙ୍କ ଶିକାର, ରପ୍ତାନି ସିଧା ଜୈବପରିସଂସ୍ଥାକୁ ପ୍ରଭାବିତ କରେ। ଫଳରେ ଖାଦ୍ୟପାଇଁ ନିର୍ଭରଶୀଳତା ବାଧାପ୍ରାପ୍ତ ହୁଏ। ଏହା ଖାଦ୍ୟଶୃଙ୍ଖଳକୁ ନଷ୍ଟ କରେ। ନିଜର ଆର୍ଥିକ ଫାଇଦା ପାଇଁ ଏହି କାର୍ଯ୍ୟ କରୁଥିବା ମଣିଷ ବୁଝିପାରେ ନାହିଁ ଯେ, ଯେଉଁ ବିବିଧତାକୁ ସେ ନଷ୍ଟ କରୁଛି ତାହା ଦିନେ ମଣିଷସମାଜ ପାଇଁ ଧ୍ୱଂସର କାରଣ ହେବ।

ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସୃଷ୍ଟି ହେଉଥିବା ଅସନ୍ତୁଳନ ବା ବିରୀତାଭିମୁଖୀ ପରିସଂସ୍ଥା କାରଣରୁ ଜୈବବିବିଧତା ନଷ୍ଟ ହୁଏ। ମଣିଷ ରହିବା ସ୍ଥାନର ସମ୍ପ୍ରସାରଣ କରିବା ଓ ଅହେତୁକ ଜନସଂଖ୍ୟା ବୃଦ୍ଧି ହେତୁ ଜୈବପରିସଂସ୍ଥା ଉପରେ ଚାପ ପଡ଼େ। ଫଳରେ ଅସନ୍ତୁଳନର ସୂତ୍ରପାତ ହୁଏ। ଏହି ସୀମିତ ଜୈବସମ୍ବଳ ସରି ସରି ଯାଏ। ଅପରପକ୍ଷରେ ଚାଷଜମିରେ ବିଷ ପ୍ରୟୋଗ, ଚାଷଜମି ଓ ଫସଲ ସୁରକ୍ଷା ପାଇଁ ବନ୍ୟଜନ୍ତୁଙ୍କୁ ଆକ୍ରମଣ କିମ୍ବା ମଣିଷ ନିଜର ସ୍ୱାର୍ଥ ପାଇଁ ଜାଣତରେ ହେଉ ବା ଅଜାଣତରେ କରୁଥିବା ଜୈବବିବିଧତାର କ୍ଷତି ଦିନେ ପୃଥିବୀରେ ଜୀବଜଗତର ସତ୍ତାକୁ ଲୋପ କରିଦେବ। ଏଣୁ ମହୀକୁ ଚିରସ୍ଥାୟୀ କରିବାକୁ ହେଲେ ଜୈବବିବିଧତାର ସୁରକ୍ଷା ଜରୁରୀ।

ତଥ୍ୟରୁ ଜଣାଯାଏ, ୩ ବିଲିୟନ ଲୋକ ମାଛରୁ ୨୦% ପ୍ରୋଟିନ ପାଇଥାନ୍ତି। ବୃକ୍ଷରୁ ୮୦%ରୁ ଊର୍ଦ୍ଧ୍ୱ ଖାଦ୍ୟ ମିଳିଥାଏ। ଗ୍ରାମାଞ୍ଚଳରେ ଥିବା ଅଧିବାସୀ ପାରମ୍ପରିକ ଔଷଧ ପାଇଁ ବୃକ୍ଷ ଉପରେ ନିର୍ଭର କରିଥାଆନ୍ତି। ସେହିପରି ମଣିଷର ହସ୍ତକ୍ଷେପ ଯୋଗୁ ତିନି-ଚତୁର୍ଥାଂଶ ଜମି ଏବଂ ପ୍ରାୟ ୬୬% ସାମୁଦ୍ରିକ ପରିବେଶ ବିପଦରେ ଅଛି। ଏକ ମିଲିୟନ ବୃକ୍ଷ ଓ ଜୀବମାନେ ବିଲୁପ୍ତିର ଦ୍ୱାରଦେଶରେ। ଡବ୍ଲ୍ୟୁ.ଡବ୍ଲ୍ୟୁ.ଏଫ୍.ର ଏକ ରିପୋର୍ଟ ଅନୁସାରେ ୧୯୭୦ ସୁଦ୍ଧା ମୋଟ ୬୮% ମେରୁଦଣ୍ଡୀ ପ୍ରାଣୀଙ୍କୁ ହରାଇ ସାରିଲୁଣି। ତା'ଛଡ଼ା ବିଗତ ୫୦ ବର୍ଷ ମଧ୍ୟରେ ଅର୍ଦ୍ଧାଧିକ ପକ୍ଷୀ, ସ୍ତନ୍ୟପାୟୀ, ସରୀସୃପ, ଉଭୟଚର ପ୍ରାଣୀ ଲୋପ ପାଇସାରିଲେଣି। ତେବେ ଏହି ସମୟ ମଧ୍ୟରେ ମନୁଷ୍ୟଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ତେବେ କ'ଣ ଭବିଷ୍ୟତରେ ମଣିଷ ଏକାକୀ ପ୍ରଜାତି ଭାବେ ବିଶ୍ୱରେ ରହିବାକୁ ମନସ୍ଥ କରିଛି ? ଯଦି ହଁ, ତେବେ ଏହା ସମ୍ଭବ ନୁହେଁ। କାରଣ ଜୈବବିବିଧତା ଓ ପରିସଂସ୍ଥା ବିନା ଜୀବନ ସମ୍ଭବ ନୁହେଁ। କାରଣ ଏହି ବିବିଧତା ଓ ପରିସଂସ୍ଥାର ଏକ ଅଂଶ ହେଉଛି ମଣିଷ। ପରସ୍ପର ନିର୍ଭରଶୀଳତାପୂର୍ଣ୍ଣ ପରିସଂସ୍ଥାର ପଥିକ ଏଇ ମଣିଷ।

ଏଣୁ ଏ ତଥ୍ୟର ଗତି ପ୍ରକାଶ କରେ ଯେ, ମଣିଷ ଆଗାମୀ ଦିନରେ ଖାଦ୍ୟ, ଅର୍ଥ, ଔଷଧ ପାଇଁ ଡହଳବିକଳ ହେଉଥିବ ଏବଂ ଏହି ସମୟରେ ପାଣିପାଗ, ପରିବେଶର ପରିସଂସ୍ଥା ପ୍ରତିକୂଳ ହୋଇଥିବ। ଏହାର ଝଲକ ସମ୍ପ୍ରତି ଦେଖିବାକୁ ମିଳିଲାଣି। ଏଣୁ ଜୈବବିବିଧତା ତଥା ପରିସଂସ୍ଥାର ସୁରକ୍ଷା ନିମନ୍ତେ କେବଳ ଭାଷଣ, ଫଟୋ ପ୍ରଦର୍ଶନୀ ନୁହେଁ ବରଂ ଜୈବଜୀବନର ସୁରକ୍ଷା ପାଇଁ କ୍ଷେତ୍ରସ୍ତରରେ ଅଣ୍ଟା ଭିଡ଼ିଲେ ଜୀବଜଗତର ସୁରକ୍ଷା ହୋଇପାରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ପୀର ରାମ ବିଷ୍ଣୋଇ ଜଣେ ମେକାନିକ୍। ଜାତୀୟ ରାଜପଥ-୬୫ କଡରେ ପଙ୍କଚର ରିପେୟାରିଂ ଦୋକାନ କରିଛନ୍ତି। ରାଜସ୍ଥାନ ଜୟପୁର ଜିଲାର ଧମାନା ଗାଁର ଏହି ସାଧାରଣ ବ୍ୟକ୍ତି କିଛି ଅସାଧାରଣ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିପାରିଛନ୍ତି। ଗତ ଦଶନ୍ଧିରେ ଆହତ ଏବଂ ଯନ୍ତ୍ରଣା ଭୋଗୁଥିବା ୧,୧୮୦ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା କରିପାରିଛନ୍ତି ବିଷ୍ଣୋଇ। ସେ ପ୍ରଥମେ ଏକ ଆହତ ଚିଙ୍କାରାରୁ ତାଙ୍କ ସେବା ଆରମ୍ଭ କରିଥିଲେ । ପରେ ବିଭିନ୍ନ କାରଣରୁ ଯନ୍ତ୍ରଣା ଭୋଗୁଥିବା ବନ୍ୟପଶୁ ଓ ପକ୍ଷୀଙ୍କୁ ଉଦ୍ଧାର କରି ଚିକିତ୍ସା କରିବା ଆରମ୍ଭ କରିଥିଲେ। ୧୨ ବର୍ଷ ହେବ ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ପରିବାର ସହଯୋଗ କରୁଛନ୍ତି। ପ୍ରାଣୀମାନଙ୍କ ଚିକିତ୍ସା ଖର୍ଚ୍ଚ ସେ ସବୁ ନିଜେ ବହନ କରୁଛନ୍ତି। ଆଖପାଖ ଗାଁରେ କୌଣସି ପଶୁ କିମ୍ବା ପକ୍ଷୀ ଆହତ ହେଲେ ତାଙ୍କ ଘର ନିକଟସ୍ଥ ଫାର୍ମକୁ ଆଣିବାକୁ କହିଛନ୍ତି। ତାଙ୍କର ଏହି କାର୍ଯ୍ୟରେ କେତେଜଣ ସ୍ୱେଚ୍ଛାସେବୀ ଅନୁପ୍ରାଣିତ ହୋଇ ବିଷ୍ଣୋଇଙ୍କୁ ସାହାଯ୍ୟ କରୁଛନ୍ତି। ସେ ମଧ୍ୟ ଶିକାରୀମାନଙ୍କ ବିରୋଧରେ ଅଭିଯାନ ଚଳାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୭

- ଶ୍ରୀଲଙ୍କା ସେନା ଜାଫ୍‌ନା ରାଜପଥ ଆଡ଼କୁ ଅଗ୍ରସର ହେବା ବେଳେ ଏଲ୍‌ଟିଟିଇ ଗେରିଲାଙ୍କ ସହ ତୁମୁଳ ସଂଘର୍ଷ ଘଟି ୭୦ ତାମିଲ ବିଦ୍ରୋହୀ ନିହତ।
- ତାମିଲନାଡୁର ତାଞ୍ଜାଭୋରଠାରେ ଥିବା ଏକ ମନ୍ଦିର ନିକଟରେ ମହାକୁମ୍ଭାଭିଷେକମ୍ ପାଇଁ ପ୍ରସ୍ତୁତ ମଞ୍ଚରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟି ୬୦ରୁ ଊର୍ଦ୍ଧ୍ୱ ଲୋକ ମୃତ।
- ଯମୁନା ନଦୀର ବିକାଶନଗର ବ୍ୟାରେଜଠାରେ ବୁଡ଼ିଯାଇ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସିର ୧୧ ଜଣ ଶିକ୍ଷାର୍ଥୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଯିବାକୁ ପର୍ଯ୍ୟଟକଙ୍କ ଭୟ

ମହାଶୟ,

ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଏପରିକି ବିଦେଶରୁ ଜଗନ୍ନାଥପ୍ରେମୀ ଛୁଟି ଆସିଥାନ୍ତି। ମନ୍ଦିର ଭିତରେ ଓ ବାହାରେ ଯେଉଁସବୁ ଅଘଟଣ ଘଟୁଛି, ତାକୁ ଜାଣି ସେମାନେ ଆତଙ୍କିତ ହୋଇ ପଡୁଛନ୍ତି। ମନ୍ଦିର ବାହାରେ ସେବାୟତମାନଙ୍କ ମଧ୍ୟରେ ଶତ୍ରୁତା ଯୋଗୁ ଗୁଳିଗୋଳା ଫୁଟିବା ଦ୍ୱାରା ମଣିଷ ତ ମରୁଛି, ବରଂ ଉପସ୍ଥିତ ଭକ୍ତମାନେ ଭୟଭୀତ ହୋଇ ପଡୁଛନ୍ତି। ଭିତରେ ମଧ୍ୟ ସେବାୟତ ଓ ଭକ୍ତମାନଙ୍କ ମଧ୍ୟରେ ପାଉଣାକୁ ନେଇ ବଚସାରୁ ଠେଲାପେଲା ହୋଇ ମାମଲା ଥାନାରେ ପହଞ୍ଚୁଛି। ଏବେ ଏମାର ମଠ ପାଖ ଗୁଳିକାଣ୍ଡ ଘଟଣା ଉପସ୍ଥିତ ଭକ୍ତମାନଙ୍କୁ ଭୟଭୀତ କଲା। ଏହା ମିଡିଆ ମାଧ୍ୟମରେ ବ୍ୟାପୀ ସମସ୍ତଙ୍କୁ ଭୟଭୀତ କରି ଦେଇଥିବାରୁ ପୁରୀ ତୀର୍ଥ ବୁଲିଯିବାକୁ ଆଉ କେହି ଆଗ୍ରହୀ ହେବେ ନାହିଁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ରସ୍ ଭୋଟିଂ କରିବେ ୪ କଂଗ୍ରେସ ବିଧାୟକ

## ଭାଜପା ସମର୍ଥିତ ରାଜ୍ୟ ସଭା ପ୍ରାର୍ଥୀଙ୍କ ସୂଚନା

ନୂଆଦିଲ୍ଲୀ,୭।୬



ସୁଭାଷ ଚନ୍ଦ୍ରା

ରାଜ୍ୟ ସଭା ନିର୍ବାଚନ ବେଳେ ରାଜସ୍ଥାନର ୪ କଂଗ୍ରେସ ବିଧାୟକ କ୍ରସ ଭୋଟିଂ କରିବେ। ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସୁଭାଷ ଚନ୍ଦ୍ରା ଏହି ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକଙ୍କ କ୍ରସ ଭୋଟିଂ ଯୋଗୁ ସେ ରାଜ୍ୟ ସଭା ନିର୍ବାଚନ ଜିତିବେ ବୋଲି ଦାବି କରିଛନ୍ତି। ରାଜ୍ୟରେ ଶୀର୍ଷ ପଦବୀ ପାଇଁ ଆଶାୟୀ ଥିବା କଂଗ୍ରେସର ସଚିନ ପାଇଲଟ ତାଙ୍କୁ ଏହି ବାର୍ତ୍ତା ଦେଇଥିବା ସୁଭାଷ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ସଚିନଙ୍କ ପିତା ରାଜେଶ ପାଇଲଟ୍ ତାଙ୍କ ବନ୍ଧୁ। ଜଣେ ଯୁବ ଓ ଲୋକପ୍ରିୟ ନେତା ଭାବେ ସଚିନଙ୍କ ପାଇଁ ଏବେ ସୁଯୋଗ ରହିଛି ବୋଲି ସେ କହିଛନ୍ତି। ପ୍ରତିଶୋଧ ନେବା କିମ୍ବା ଏକ ବାର୍ତ୍ତା ଦେବା ଲାଗି ସେ ଏହାକୁ ସୁଯୋଗ ଭାବେ ନେଇପାରିବେ। ଯଦି ସେ ସୁଯୋଗ ହାତଛଡ଼ା କରନ୍ତି, ତେବେ ୨୦୨୮ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ସୁଭାଷ କହିଛନ୍ତି।

ରାଜ୍ୟ ସଭା ନିର୍ବାଚନ ୧୦ ତାରିଖରେ ହେବାକୁ ଥିବାବେଳେ ଘୋଡ଼ାବେପାର ଆଶଙ୍କାରେ ରାଜସ୍ଥାନ କଂଗ୍ରେସ ଏହାର ବିଧାୟକମାନଙ୍କୁ ଉଦୟପୁରସ୍ଥିତ ତାଜ ଆରାବଳି ରିସର୍ଟରେ ରଖିଛି। ଗତ ଗୁରୁବାର ସେମାନେ ଏକ ବସ୍‌ରେ ସେଠାକୁ ଯାଇଥିଲେ। ୬ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଚେତାବନୀ ପରେ ସେମାନେ ରବିବାର ସେଠାକୁ ଫେରିଥିଲେ। ଭିନ୍ନ ମତ ରଖିଥିବା ଏହି ବିଧାୟକଙ୍କ ମଧ୍ୟରେ ଜଣେ ମନ୍ତ୍ରୀ ଥିବା କୁହାଯାଇଥିଲା। ରିସର୍ଟଠାରୁ ଦୂରେଇ ରହିଥିବା ଏହି ବିଧାୟକମାନେ କ୍ରସ୍‌ଭୋଟିଂ କରିବା ସମ୍ଭାବନା ଥିବାରୁ ସରକାରଙ୍କ ମୁଖ୍ୟ ହ୍ୱିପ୍ ତଥା କ୍ୟାବିନେଟ ମନ୍ତ୍ରୀ ମହେଶ ଯୋଷୀ ଦୁର୍ନୀତି ନିବାରଣ ବ୍ୟୁରୋକୁ ପତ୍ର ଲେଖି ଘୋଡ଼ାବେପାର ଉଦ୍ୟମ ଅଭିଯୋଗର ତଦନ୍ତ କରିବାକୁ ଅନୁରୋଧ କରିଥିଲେ।

## ଜେଡିଏସ୍‌ରେ କ୍ରସ୍‌ଭୋଟିଂ ଆଶଙ୍କା

ବେଙ୍ଗାଲୁରୁ,୭।୬

କର୍ନାଟକରୁ ୪ ଜଣ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ଥିବାବେଳେ ଏଥିପାଇଁ ୧୦ ତାରିଖରେ ଭୋଟଗ୍ରହଣ କରାଯିବ। ଚତୁର୍ଥ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୩ ପ୍ରମୁଖ ଦଳ ମଧ୍ୟରୁ କାହା ପାଖରେ ଯଥେଷ୍ଟ ଭୋଟ ନ ଥିବାରୁ ବିରୋଧୀ ଦଳଗୁଡ଼ିକର ସମର୍ଥନ ହାସଲ ଲାଗି ଉଦ୍ୟମ ଚାଲିଛି। ଜେଡିୟୁ କୁପେନ୍ଦ୍ର ରେଡ୍ଡୀଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସରୁ ସମର୍ଥନ ହାସଲ ଲାଗି ଉଦ୍ୟମ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ବିଫଳ ହୋଇଛନ୍ତି। କୁପେନ୍ଦ୍ର ମଧ୍ୟ କେତେଜଣ ଅସନ୍ତୁଷ୍ଟ ବିଧାୟକଙ୍କୁ ସମର୍ଥନ ପାଇଁ ଅନୁରୋଧ କରିଥିଲେ। ଦଳ ନେତୃତ୍ୱ ମଧ୍ୟ ବିଧାୟକ ଜି.ଟି. ଦେବେଗୌଡ଼ା, ଶିବଲିଙ୍ଗେ ଗୌଡ଼ାଙ୍କ ସହ କଥା ହୋଇଥିଲେ ହେଁ ସେମାନେ କୁପେନ୍ଦ୍ରଙ୍କୁ ସମର୍ଥନ କରିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ସେମାନେ କ୍ରସଭୋଟିଂ କରିପାରନ୍ତି କିମ୍ବା ମତଦାନରୁ ବିରତ ରହିପାରନ୍ତି ବୋଲି କୁହାଯାଉଛି। କାରଣ ୨ ବିଧାୟକ ଜେଡିଏସ୍ ଛାଡ଼ିବା ପାଇଁ ଏକପ୍ରକାର ମନସ୍ଥ କରିସାରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ ଦଳୀୟ ବିଧାୟକ ମଧ୍ୟ ଭୋଟଦାନରୁ ବିରତ ରହିପାରନ୍ତି। ସୋମବାର ବିଦେଶ ଯାଇଥିବା ଟୁମକୁରୁ ଗ୍ରାମୀଣ ବିଧାୟକ ଡି.ସି. ଗୌରୀଶଙ୍କର ଭୋଟ ଦିନ ଫେରିବେ କି ନାହିଁ କହିହେଉ ନାହିଁ। ଯଦି ବିଧାୟକମାନେ ଭୋଟଦାନରୁ ବିରତ ରହନ୍ତି, ତେବେ ଏହା ଭାଜପାର ତୃତୀୟ ପ୍ରାର୍ଥୀ ଲେହାର ସିଂ ସିରୋୟାଙ୍କୁ ଜିତାଇବାରେ ସହାୟକ ହେବ। ସିରୋୟାଙ୍କୁ ବିଭିନ୍ନ ଦଳର ବିଧାୟକଙ୍କ ସମର୍ଥନ ରହିଛି। ଏପରିକି ୩-୪ ଜଣ ବିରୋଧୀ ଦଳ ସଦସ୍ୟ ତାଙ୍କ ସପକ୍ଷରେ ଭୋଟଦେବା ସମ୍ଭାବନା ଥିବାରୁ ତାଙ୍କ ବିଜୟ ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

# 'ଜୀବନ ଦେବି ପଛେ ପଶ୍ଚିମବଙ୍ଗର ବିଭାଜନ ହେବାକୁ ଦେବିନି'

କୋଲକାତା, ୭।୬



ମମତା ବାନାର୍ଜୀ

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ଅଧ୍ୟକ୍ଷା ମମତା ବାନାର୍ଜୀ ଭାଜପାକୁ ଟାର୍ଗେଟ କରଛନ୍ତି। ସେ କହିଛନ୍ତି ଯେ ମୁଁ ମୋ ଜୀବନ ଦେବି ପଛେ କିନ୍ତୁ ଭାଜପାକୁ ପଶ୍ଚିମବଙ୍ଗ ବିଭାଜନ କରିବାକୁ ଦେବି ନାହିଁ। ତୁମେ ମୋତେ ଧମକ ଦେଇ ପାରିବ, ମୋ ଛାତିରେ ବନ୍ଧୁକ ଲଗାଇବ ତଥାପି ମୁଁ ଏକ ମିଳିତ ପଶ୍ଚିମବଙ୍ଗ ପାଇଁ ଯୁଦ୍ଧ ଜାରି ରଖିବି। କିଛି ଲୋକ ମୋତେ ଧମକ ଦେଉଛନ୍ତି, ମୁଁ ସେମାନଙ୍କୁ ଭୟ କରୁ ନାହିଁ ବୋଲି ମମତା କହିଛନ୍ତି। ଭାଜପା ୨୦୨୪ ଲୋକ ସଭା ନିର୍ବାଚନ ଲାଗି ଏଭଳି ଜାଣିଶୁଣି କରୁଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ଗୋର୍ଖାଲାଣ୍ଡ ଏବଂ ଉତ୍ତରବଙ୍ଗ ଗଠନ ନେଇ ଯୋଜନା ପ୍ରସ୍ତୁତ କରୁଛି। କିନ୍ତୁ ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଅଲିପୁରଦ୍ୱାରରେ ମଙ୍ଗଳବାର ଏକ ଦଳୀୟ ବୈଠକରେ ମମତା ଏଭଳି କହିଛନ୍ତି। ରବିବାର କାମତାପୁର ଲିବରେଶନ ଅର୍ଗାନାଇଜେଶନର ମୁଖ୍ୟ ଜୀବନ ସିଂ କାମତାପୁରକୁ ଏକ ଅଲଗା ରାଜ୍ୟରେ ପରିଣତ କରିବା ନେଇ ମମତାଙ୍କ ପାଖକୁ ଏକ ଭିଡ଼ିଓ ମେସେଜ ପଠାଇବା ପରେ ଚେତାବନୀ ଦେଇ ମମତା ଏଭଳି ଉତ୍ତର ଦେଇଛନ୍ତି।

# ଡକରା ପାଇ ଦିଲ୍ଲୀରେ ପହଞ୍ଚିଲେ ପିସିସି ସଭାପତି

ଭୁବନେଶ୍ୱର,୭।୬(ବ୍ୟୁରୋ)



ଶରତ ପଟ୍ଟନାୟକ

ନବନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଡକରା ପାଇ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ରାହୁଲ ଗାନ୍ଧୀ ଏବଂ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୦ ତାରିଖରେ ସେ ଦିଲ୍ଲୀରୁ ଫେରିବେ। ତେବେ ସେଠରେ କଂଗ୍ରେସ ହାଇକମାଣ୍ଡଙ୍କ ସହିତ ସେ ଦଳୀୟ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିବେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ରୋଡ୍ ମ୍ୟାପ୍ ଚୂଡ଼ାନ୍ତ କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଦଳ ଭିତରେ ଅନ୍ୟ କାହାକୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ସେହିପରି ବିଧାୟକ ଦଳ ନେତା ଏବଂ ମୁଖ୍ୟ ସଚେତକ ପଦବୀ ମଧ୍ୟ ପୂରଣ କରିବା ଲାଗି ନୂଆ କୌଣସି ନେତାଙ୍କୁ ଦାୟିତ୍ୱ ଦେବା ଉପରେ ଆଲୋଚନା ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀରୁ ଫେରିବା ପରେ ଆସନ୍ତା ୧୦ ତାରିଖରେ ପିସିସି ସଭାପତି ନୂଆକରି ଦାୟିତ୍ୱ ନେବେ ବୋଲି ଦଳର ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର କହିଛନ୍ତି। ଶରତ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ଭବନକୁ ନୂଆ ରଙ୍ଗ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ପିସିସି ସଭାପତି ପଟ୍ଟନାୟକ ଉଦୟପୁର ନବସଂକଳ୍ପ ଶିବିରରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଓଡ଼ିଶାରେ କି ପଦକ୍ଷେପ ନିଆଯାଇଛି ସେନେଇ ଦଳୀୟ ହାଇକମାଣ୍ଡଙ୍କୁ ଅବଗତ କରିବେ। ଏହାସହ ପିସିସିର ନୂଆ ଟିମ୍ ଗଠନ ନେଇ ମଧ୍ୟ ଆଲୋଚନା କରିବେ ବୋଲି ଜଣାପଡ଼ିଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଅଫିସ୍ କାମ ପାଇଁ ଅବିବାହିତ ପୁରୁଷ (ବୟସ 18-28) 10th, 12th ପାସ୍, ଯେଉଁମାନେ ରାଞ୍ଚିରେ କାମ କରିପାରିବେ । ବେତନ 10,000/- + କମିଶନ + ବୋନସ୍, ରହିବା ମାଗଣା । ଶୀଘ୍ର ଯୋଗାଯୋଗ କରନ୍ତୁ ।
7067587047
8962664120

**REQUIRED**
MARKETING / SALES EXECUTIVE for Healthcare Industry at Cuttack. (2-Wheeler must). **Edu.:** Graduate, **Exp.:** 1 year industry experience preferred (Medical Representatives will be given first preference). **Salary:** As per industry standards.
Send resume at: **hello@paisanhhc.com**
Last date to apply: **14th June 2022**

**Uber** affiliate is hiring 2 field Sales Executive and Driver support representative for Bhubaneswar team. Candidate having 1 - 2 years of experience in FMCG or Sales will be given preference. Anyone willing to join with this global brand can connect over **8114861152** or **0674-3504300**. Salary: 12,000 to 25,000 per month.

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8130157637

**ଆବଶ୍ୟକ**
ବାଦାମ ଚାକି, ରାଶୀ ଚାକି, ବେସନ ଲଡୁ, ନଡ଼ିଆ ଲଡୁ, ସେଓ ଲଡୁ, ବାଦାମ ଲଡୁ, ରାଶୀ ଲଡୁ, ଅମୃତ ଲଡୁ, ପେଡା, ବର୍ଫି, ସୋନପାପୁଡି, ମୁଡ଼ୁକି ବିକ୍ରୟ ପାଇଁ ଆଞ୍ଚଳିକ ବ୍ୟବସାୟୀ Bakery or Snacks linere 5yrs experience ଥିବା Marketing Person, ପୁରୁଷ ଓ ମହିଳା ଶ୍ରମିକ ଆବଶ୍ୟକ ।
Contact- 7978550684, 9439010677

**WANTED**
Lady Office Assistant
Cuttack, Nakhara
Free Accommodation & Fooding + 5000 to 15000/- will be setteled in interview.
7809525452

**REQUIRED**
Ori- pipes Pvt. Ltd. at 152, New Industrial Estate, Jagatpur, Cuttack-754021, Needs 10 Nos. of graduates to work as Sales and Marketing Executive in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication. Contact No. 9853205500

**HARRISON®**
India's leading brand In Locks & Builder's Hardware
Celebrating 60 Years
Requires
AREA SALES MANAGER
SR. SALES REPRESENTATIVE
SALES REPRESENTATIVE
Minimum Exp. 2 to 5 Years from Hardware Trade
R|P|Locks Co.
resumes@harrisonlocks.com
7678250281

**ଆବଶ୍ୟକ**
ଭୁବନେଶ୍ୱର, ଖାରବେଳନଗରରେ ଥିବା ଘର ଦେଖା ଚାହାଁ କରିବା ପାଇଁ ଲୋକ ଦରକାର । ସେ ଲୋକ ତା'ର ପରିବାର ସହିତ ରହିବ।
ଯୋଗାଯୋଗ: ୯୬୪୨୫୦୬୨୨୨
୯୬୪୨୫୦୬୧୫୪

**Aarvi Encon Limited**
603, B1, Marathon Innova, Marathon Nextgen Complex, Lower Parel (w) Mumbai - 400 013. Website: www.aarviencon.com
Urgently Require for a Steel Plant in Bellary, Karnataka
For CNC Workshop - 50 Nos.
- CNC Operators (Oxyfuel / Plasma Cutting)

For Coke / Pellet Plant& Blast Furnance - 300 Nos.
- Process Operators (Material / Battery Process / CDQ / By Products)
- Operators (Battery Area)
- Boiler Operators (Chimney Heating Recovery)
- Mechanical / Electrical Technicians
- Pointsman

Accommodation and Transportation will be provided by the company.
Apply at bellary@aarviencon.co.in
Call on:- 0251 - 6640722/ 24/ 25/ 26
Whatsapp - 80975 55659

**REQUIRED**
Experienced computer operator with knowledge and practice of tally accounting system required in Bhubaneswar.
Send your detailed Bio-data to
Email: lingarajbis@gmail.com / sahebramkakka@gmail.com

**JINDAL SCHOOL**
Soyabali, Barbil, Keonjhar-758035, Odisha
Affiliated to CBSE, New Delhi
**APPOINTMENT**

| Sl. No. | Position | Desirable Qualification |
|---|---|---|
| 1. | TGT – Mathematics | Post Graduate in concerned subject as Elective with B.Ed. Minimum 3 yrs. teaching experience in senior classes in CBSE/ICSE schools. CTET will be preferred. |
| 2. | PRT – Physical Education (Lady) | M.P.Ed/B.P.Ed |
| 3. | Counsellor | Post Graduate in Psychology & PG Diploma in Guidance & counseling/ 1Yr experience in student counseling |
| 4. | Office Assistant | Post graduate/Graduate with 3 yrs. of experience in related field & must have good computer skill. |

- Age on 31-Mar-2022: Not more than 40 yrs. Relaxable for suitable candidates.
- Candidates with effective communication skill & good computer skill.
- **Emoluments & Perks:** As per School norms & salary will not be a constraint for deserving candidates.
- Candidates should e-mail their CV along with a recent passport size photograph to **career.jsbarbil@gmail.com by 10th June, 2022.**
- Only shortlisted candidates will be called to attend the personal interview.

**Principal**

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to Visit Website
ୱେବସାଇଟ: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XI**

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XI) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର/ଅକ୍ଟୋବର ୨୦୨୨ରେ ସଞ୍ଚାଳନ କରାଯିବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୨ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XI ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୨ରୁ ୨୭।୦୬।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୧୮।୦୭।୨୦୨୨ରୁ ୨୩।୦୭।୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୨ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୨ — ନିର୍ଦ୍ଦେଶକ

**Radhakrishna Institute of Technology & Engineering (RITE), Bhubaneswar**
(AICTE Approved, NAAC Accredited, BPUT Affiliated)
Ref. No.:RITE/HR/Advt.
**RECRUITMENT OF FACULTY & STAFF**
**RITE Bhubaneswar** is a premier institute offering **B.Tech.**, full time **MBA** and proposed **MCA** programs.
**RITE Bhubaneswar** invites applications from eligible & experienced candidates for following positions:
**1.MCA Dept.:** Professor/ Associate Professors / Asst. Professors.
**2.Dept. of Mgmt. Studies (MBA) :** Professor/ Associate Professors/Asst. Professors (HR/Fin./Mkt.)
**3.CSE Dept.:** Associate/ Asst. Professor
**4.Admission Dept.:** Admissions Officer
**5.Central Library.:** Assistant Librarian
**SALARY: AS PER AICTE NORMS/ INDUSTRY STANDARDS.**
For further details and to download Application form, please visit CAREERS tab on our website: www.riteindia.edu.in
The last date of submission of duly filled applications is **20.06.2022.**
The authority reserves the right to reject any or all applications without assigning any reason.
–SD- DIRECTOR
RITE Bhubaneswar, IDCO Plot-1, IDCO Industrial Estate Barunei, Bhubaneswar - 752 057, India, Phone: 8895199998
Email:riteodisha@gmail.com, Web : www.riteindia.edu.in


# ଦାୟିତ୍ୱ ନେବାପରେ ଅଧିକାରୀଙ୍କ ସହ ୨ ମନ୍ତ୍ରୀଙ୍କ ଆଲୋଚନା



ପ୍ରଶାନ୍ତ ମୁଦୁଲି



ସରୋଜ ମେହେର

ଭୁବନେଶ୍ୱର, ୭।୬(ବ୍ୟୁରୋ)

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ନୂଆ ମନ୍ତ୍ରୀ ଭାବେ ରାଜେନ୍ଦ୍ର ଢୋଲକିଆ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗ ପକ୍ଷରୁ ସର୍ବପ୍ରଥମେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନୂତନ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ବିସ୍ତୃତ ଭାବେ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ସେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ବିଭାଗର ଅଧିକାରୀମାନେ ମନ୍ତ୍ରୀଙ୍କୁ ନିଜ ନିଜର ପରିଚୟ ପ୍ରଦାନ ପୂର୍ବକ ବିଭାଗର କେଉଁ କେଉଁ ଦାୟିତ୍ୱ ତୁଲାଉଛନ୍ତି ସେନେଇ କହିଥିଲେ। ମନ୍ତ୍ରୀ ଢୋଲକିଆ ରାଜ୍ୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତି ଏକ ମୁଖ୍ୟ କାର୍ଯ୍ୟ ଏବଂ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ସହ ବିଭାଗର ସୁନାମ ବଜାୟ ରଖିବା ପାଇଁ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି।

ସେହିପରି କୃଷିମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ପ୍ରଚେଷ୍ଟା ଜାରି ରହିବ। ଲୋକସେବା ଭବନରେ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ସେ ଆଲୋଚନା କରିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ରଘୁପ୍ରସାଦ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀ ସ୍ୱାଇଁଙ୍କୁ କୃଷିର ଉନ୍ନତୀକରଣ ତଥା ବିଭିନ୍ନ ଯୋଜନା ବାବଦରେ ଅବଗତ କରାଇଛନ୍ତି। ମନ୍ତ୍ରୀ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ନିଷ୍ଠାର କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାପରେ ମନ୍ତ୍ରୀ ସ୍ୱାଇଁ କୃଷି ଭବନ ପରିଦର୍ଶନ କରି ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ଅବଗତ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟ ସଚେତକ ଓ ଉପ ମୁଖ୍ୟସଚେତକ

ଅନ୍ୟପକ୍ଷେ ବିଜେଡି ସରକାରରେ ୫ମ ପାଳିର ଦ୍ୱିତୀୟ ଥର ପାଇଁ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଛି। ଏଥିରେ ୨ ଜଣ ନୂଆ ଚେହେରା ଶାସକ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ପାଇଛନ୍ତି। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଦଳ ଶାସକ ଦଳ ମୁଖ୍ୟ ସଚେତକ କରିଥିବା ବେଳେ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କୁ ଉପ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ମିଳିଛି। ଉଭୟଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡକାଇ ଭେଟିଥିବା ଜଣାପଡ଼ିଛି। ତେବେ ଏହି ଅବସରରେ ସେମାନଙ୍କୁ ବିଧାନସଭାରେ ସେମାନେ କିଭଳି ଭଲ ପ୍ରଦର୍ଶନ କରିବେ ତାହା ଉପରେ ଆଲୋଚନା ହୋଇଥିବା ବେଳେ ନିଜ ଦାୟିତ୍ୱକୁ ଦକ୍ଷତା ଏବଂ ଦାୟିତ୍ୱ ସହକାରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




## ସଂକ୍ଷେପରେ

### ବିସ୍ଥାପିତଙ୍କ ବୈଠକ



ଟିକିରି, ୭।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଧୀନ ବାଙ୍କାମ୍ବ ପଞ୍ଚାୟତ ଫୁଲୋଜୋବା ଗ୍ରାମର ଆମ୍ବ ତୋଟାରେ ମଙ୍ଗଳବାର କଂସାରିଗୁଡ଼ା ଆଲୁମିନିୟମ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀଙ୍କ ଏକ ବୈଠକ କରାଯାଇଛି। ଉକ୍ତ ବୈଠକରେ ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରିବା ନିମନ୍ତେ ସମସ୍ତେ ମତ ରଖିଛନ୍ତି। ୧୮ରେ ହେବାକୁ ଥିବା ଆର୍‌ପିଟିଏସି ବୈଠକରେ ନିଜ ଅଞ୍ଚଳର ସମସ୍ୟା ଠିକ୍‌ଭାବେ ଉପସ୍ଥାପନ କରିବାକୁ ମତ ପ୍ରକାଶ ପାଇଛି। ଆଗାମୀ ୨ମାସ ମଧ୍ୟରେ ଆଲୁମିନିୟମ ପ୍ରକଳ୍ପ ନ ହେଲେ କଡିଙ୍ଗାମାଳି ଖଣି ରାସ୍ତା ବନ୍ଦ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ବନ୍ଧୁକ ଜବତ, ଶିକାରୀ ଫେରାର

କୋଷାଗୁମୁଡ଼ା, ୭।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡିଙ୍ଗା ବନାଞ୍ଚଳ ଅଧୀନ କୁସୁମୀ ଜଙ୍ଗଲରୁ ଗୋଟିଏ ବନ୍ଧୁକ ଜବତ କରାଯାଇଥିବାବେଳେ ଶିକାରୀ ଫେରାର ଅଛନ୍ତି। କୁସୁମୀ ଜଙ୍ଗଲରେ କାର୍ଯ୍ୟରତ ଫରେଷ୍ଟଗାର୍ଡ ଟଗରମଣି ସମରଥ ଅନ୍ୟ ସହଯୋଗୀଙ୍କ ସହ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଜଣେ ଶିକାରୀ ବନ୍ଧୁକ ଧରି ଲୁଚି ରହିଥିଲେ। ହଠାତ ବନବିଭାଗ କର୍ମଚାରୀଙ୍କୁ ଦେଖି ସେ ବନ୍ଧୁକ ଛାଡି ପଳାଇଥିଲେ। ଘଟଣାସ୍ଥଳରୁ ବନ୍ଧୁକ ସହ ୫ଗ୍ରାମ ବାରୁଦ, ୨୦୦ଟି ଛୋଟ ଗୁଳି ଜବତ କରାଯାଇଛି। ଏ ନେଇ କୋଡିଙ୍ଗା ବନାଞ୍ଚଳ କାର୍ଯ୍ୟାଳୟରେ କେସ୍ ନଂ ୩୩/୨୨ ମାମଲା ରୁଜୁ ହୋଇଛି। ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାର୍ଯ୍ୟ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କୋଷାଗୁମୁଡା ଫରେଷ୍ଟର ଚନ୍ଦ୍ରଦାସ ନାଗ, କୋଡିଙ୍ଗା ଫରେଷ୍ଟର ଶ୍ରୀକାନ୍ତ କୁମାର ପାଢ଼ୀ ଉପସ୍ଥିତ ଥିଲେ।

### ଆଦର୍ଶ ଶ୍ମଶାନଘାଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଉମରକୋଟ, ୭।୬(ସ୍ୱ.ପ୍ର.)-ଉମରକୋଟ ପୌର ପରିଷଦ ପକ୍ଷରୁ ୫ ନଂ ୱାର୍ଡରେ ଥିବା ଶ୍ମଶାନ ଘାଟକୁ ଏକ ଆଦର୍ଶ ଶ୍ମଶାନ ଘାଟ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ ଓ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା ପ୍ରାୟ ୯୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ମୃତଦେହ ଦାହ ପାଇଁ ଏକ ଉନ୍ନତ ମାନର ଯନ୍ତ୍ର ଲଗାଯିବ ଯାହାକି ଏନ୍‌ଜିଟି ସଂସ୍ଥା ଦ୍ୱାରା ସ୍ୱୀକୃତି ପ୍ରାପ୍ତ। ଏହି ଆଦର୍ଶ ଶ୍ମଶାନରେ ଲୋକଙ୍କ ପାଇଁ ବିଶ୍ରାମ ଗୃହର ବ୍ୟବସ୍ଥା, ଶ୍ମଶାନର ସୌନ୍ଦର୍ଯ୍ୟକରଣ, ଭିତରେ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ଓ ବିଭିନ୍ନ ପ୍ରକାର ସରଞ୍ଜାମ ଲଗାଯିବ ବଲି ପୌର ପରିଷଦର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ କାଉନସିଲର, ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଦଳଗତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ଚାଷୀମାନେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ବଢ଼ାନ୍ତୁ'

ନବରଙ୍ଗପୁର,୭।୬(ବି.ପ୍ର.)



ବୈଠକରେ ଉପସ୍ଥିତ ଅତିଥିମାନେ।

ଚାଷୀ ହସିଲେ ଜିଲା ହସିବ। ତେଣୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଦିଗରେ ଚାଷୀମାନେ ଆଗେଇ ଆସିବା ଦରକାର ବୋଲି ଜିଲାପାଳ ଡ. କମଳ ଲୋଚନ ମିଶ୍ର ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ମଙ୍ଗଳବାର କୋଷାଗୁମୁଡ଼ା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି।

ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ, ଲକ୍ଷ୍ନୌ ପକ୍ଷରୁ ଜୈବସାର ବ୍ୟବହାରର ତାଲିମ ଓ ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀମାନେ ଯୁଗୋପଯୋଗୀ ଜ୍ଞାନକୌଶଳ ଜମିରେ ପ୍ରୟୋଗ କରିପାରିଲେ ଖର୍ଚ୍ଚ କମ୍ ହେବା ସହ ଉତ୍ପାଦନ ବୃଦ୍ଧି କରାଯାଇପାରିବ ବୋଲି ସେ କହିଥିଲେ। ମାଟିରେ ଜୈବ ସାର ପ୍ରୟୋଗ ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇବା ସହ ପରିବେଶ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂର କରାଯାଇପାରିବ ବୋଲି ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା କହିଥିଲେ। ଜୈବ ସାର ପ୍ରୟୋଗରେ ମାଟି ଓ ଫସଲରେ ହୋଇଥିବା ଲାଭ ସମ୍ପର୍କରେ ବ୍ଲକ ମତ୍ସ୍ୟାଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ଓ ବ୍ଲକ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନି କହିଥିଲେ। ତୈଳବୀଜ, ଡାଲି ଜାତୀୟ, ମକା, ଧାନ ଫସଲରେ ବିଭିନ୍ନ ପ୍ରକାରର ଜୈବସାର ପ୍ରୟୋଗକଲେ ମାଟିର ଗୁଣବତ୍ତା ସହ ଫସଲ ଉତ୍ପାଦନ ବଢିବ ବୋଲି ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ କମଳ ଲୋଚନ ନାୟକ କହିଥିଲେ। ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ପୁନିତ୍ ସିଂ ଚୌହାନ ଧାନ ଗଛର ଚେର, ହଳଦୀ, ଅଦା ଏବଂ ମକା ଫସଲରେ ଜୈବସାର ପ୍ରୟୋଗ ଦ୍ୱାରା ରୋଗ ପୋକ କମ୍ ହେବା ସହ ରାସାୟନିକ ସାର ଶତକଡା ୩୦ ଭାଗ ପର୍ଯ୍ୟନ୍ତ କମ୍ କରାଯାଇପାରିବ ବୋଲି କହିଥିଲେ। ଏଥିସହିତ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ବୈଷୟିକ ଅଧିକାରୀ ଡ. ଶଶାଙ୍କ ମିଶ୍ର ବୈଷୟିକ ତାଲିମ ପ୍ରଦାନ କରିଥିଲେ। ଉମାଶଙ୍କର ସବୁଜ ଦୁନିଆର ଅଧ୍ୟକ୍ଷା କ୍ରିଷ୍ଣା ନାୟକ ଉପସ୍ଥିତ ଥିଲେ। ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ କ୍ରିୟାନ୍ୱୟନ ସଦସ୍ୟ ଲକ୍ଷ୍ମୀ ନାରାୟଣ ବକ୍ସି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଚାଷୀଙ୍କୁ ଏକ କେଜି ଲେଖାଏ ଜୈବ ସାର ପ୍ରଦାନ କରାଯାଇଛି।

## ବକେୟା ପଡ଼ିଛି ୮କୋଟି ୯୫ ଲକ୍ଷର ପାଣି ବିଲ୍

ରାୟଗଡ଼ା ଅଫିସ, ୭।୬

ରାୟଗଡ଼ା ଜିଲାର ୩ଟି ସହରାଞ୍ଚଳରୁ ଜଳ ଦେୟ ୮କୋଟି ୯୫ ଲକ୍ଷ ଟଙ୍କା ବକେୟା ରହିଛି। ଜଳ ହିଁ ଜୀବନ। ଏହାର ଆବଶ୍ୟକତାକୁ ନଜରରେ ରଖି ଜିଲାର ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ନିକଟରେ ୩୬୫ ଦିନ ଜଳ ଯୋଗାଇ ଆସୁଛି। ଏହି ଜଳ ଯୋଗାଣ ନିମନ୍ତେ ପ୍ରଶାସନ ମାସକୁ ମାତ୍ର ୨୦୦ଟଙ୍କା ଘର ପିଛା ନେଉଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୩ଟି ସହରାଞ୍ଚଳରୁ ବକେୟା ୮ କୋଟି ୯୫ ଲକ୍ଷ ଟଙ୍କା ରହିଛି। ରାୟଗଡ଼ା ସହରରେ ୮ କୋଟିରୁ ଉର୍ଦ୍ଧ୍ୱ, ଗୁଣପୁରରୁ ୭୦ଲକ୍ଷ ଓ ଗୁଡ଼ାରିରୁ ୨୫ ଲକ୍ଷ ଟଙ୍କା ବକେୟା ରହିଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ସହରରେ ୧୨,୪୦୦, ଗୁଣପୁରରେ ୪,୩୦୦, ଗୁଡ଼ାରିରେ ୧୪୦୦ ଘରକୁ ଜଳ ଯୋଗାଣର ସଂଯୋଗୀକରଣ କରାଯାଇଛି। ଏହି ବକେୟା ଖଜଣା ଆଦାୟ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ରାୟଗଡ଼ା ସହରରେ ୧୦, ଗୁଣପୁରରେ ୪ ଓ ଗୁଡ଼ାରିରେ ଜଣେ ଜଳସାଥୀ ବକେୟା ୨୦ଲକ୍ଷ ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ଏହି ବକେୟା ଟଙ୍କା ଆଦାୟ ହୋଇପାରିଲେ ଜଳ ଯୋଗାଣର ଭିତ୍ତିଭୂମି ଉନ୍ନତି ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜଳ ଯୋଗାଣର ଦେୟ ବକେୟା ରହିବା ସହ ଜଳ ଚୋରି ଓ ଜଳର ଅପବ୍ୟବହାର ଜଳ ଯୋଗାଣର ମୁଖ୍ୟ ବାଧକ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଶରତ ପାଣିଗ୍ରାହୀ କହିଛନ୍ତି। ଏତେ ପରିମାଣର ଟଙ୍କା ବକେୟାକୁ ନେଇ ଉଠିଛି ପ୍ରଶ୍ନ। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ବେଳ ଥାଉ ଥାଉ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡିଛି। ବକେୟା ଦେବାକୁ ବାରମ୍ବାର ଲୋକଙ୍କୁ କୁହାଯାଉଥିଲେ ମଧ୍ୟ ସେମାନେ ଦେଉ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଜାନୁୟାରୀରୁ ଏସ୍ଏଚ୍‌ଜି ମହିଳାଙ୍କୁ ବକେୟା ଆଦାୟ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ମାତ୍ର ୨୦ ଲକ୍ଷ ଟଙ୍କା ମାତ୍ର ଆଦାୟ କରିଛନ୍ତି। ଏମାନେ ଘର ଘର ବୁଲି ଟଙ୍କା ମାଗୁଛନ୍ତି ଏବଂ ମେଶିନ ମାଧ୍ୟମରେ ବିଲ୍ କାଟୁଛନ୍ତି। ଲୋକେ କିନ୍ତୁ ନିଜେ ଅଫିସରେ ଯାଇ ଟଙ୍କା ଦେଇ ଦେବେ ବୋଲି କହି ସେମାନଙ୍କୁ ଫେରାଇ ଦେଉଥିବା ଜଣାପଡ଼ିଛି।

## ପୋକରା ଚାଉଳ ଧରି ବୈଠକରେ ପହଞ୍ଚିଲେ କାଉନ୍‌ସିଲର

ଉମରକୋଟ, ୭।୬(ସ୍ୱ.ପ୍ର.)


ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

- ଉମରକୋଟ ପୌର ପରିଷଦର ସାଧାରଣ ବୈଠକ
- ନିମ୍ନମାନର ଚାଉଳ ବଣ୍ଟାହେଉଥିବା ଅଭିଯୋଗ

ଉମରକୋଟ ପୌର ପରିଷଦର ଦ୍ୱିତୀୟ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌର ଉପାଧକ୍ଷ ସୁଧାଂଶୁ ଦାସ ଏବଂ ୧୪ ୱାର୍ଡର ସମସ୍ତ କାଉନସିଲର ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ୧ ନଂ. ୱାର୍ଡ କାଉନସିଲର ତପନ ଦେବନାଥ ଉମରକୋଟବାସୀଙ୍କୁ ନିମ୍ନମାନର ଚାଉଳ ଦିଆଯାଇଥିବା ଅଭିଯୋଗ କରି ୫୦ କେଜି ଚାଉଳ ନେଇ ବୈଠକରେ ପହଞ୍ଚିଥିଲେ। ଏହାକୁ ନେଇ ଚର୍ଚ୍ଚା ହୋଇଛି।

ଆର୍‌ସିଏମ୍‌ଏସ୍ ପକ୍ଷରୁ ସହରବାସୀଙ୍କୁ ଦିଆଯାଉଥିବା ଚାଉଳରେ ୭୫ ପ୍ରତିଶତ ଖୁଦ ଓ ଗୋଡ଼ି ରହିଛି। ଏହି ଚାଉଳ ପଡ଼ୋଶୀ ଛତିଶଗଡ଼ରୁ ୧୫ ଟଙ୍କାରେ କିଣା ଯାଉଛି ବୋଲି କାଉନ୍‌ସିଲର ତପନ ଦେବନାଥ ଅଭିଯୋଗ କରିଥିଲେ। ଏପରି ନିମ୍ନମାନର ଚାଉଳ ଦିଆଯାଇ କୋଟି କୋଟି ଟଙ୍କା ହେରଫେର ହେଉଥିବା ଅଭିଯୋଗ ଆଣିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ କାଉନ୍‌ସିଲର ଦେବନାଥ। ଅଧ୍ୟକ୍ଷା ରାଧା ଭତ୍ରା ରାଇଘର ରାସ୍ତାରେ ନିର୍ମାଣ ହେଉଥିବା ଷ୍ଟଲ୍ ଗୃହ କିଏ କରୁଛି ବୋଲି ପ୍ରଶ୍ନ କରିବା ସହ ଏହାର ତଦନ୍ତ ପାଇଁ ଦାବି କରିଥିଲେ। ସହରର କୌଣସି ଏକ ସ୍ଥାନରେ ସ୍ୱର୍ଗତ ଯାଦବ ମାଝିଙ୍କ ପ୍ରତିମୂର୍ତ୍ତି ନିମାଣ କରିବା ପାଇଁ ଅଧ୍ୟକ୍ଷା ଦାବି କରିଥିଲେ। ଏଥିସହ ସହରରେ ତୁରନ୍ତ ଆଇ ଲଭ୍ ମାଇଁ ଉମରକୋଟ ସେଲ୍ଫି ବୋର୍ଡ ଲଗାଇବା, ଦୁର୍ଘଟଣା ରୋକିବା ପାଇଁ ସହର ରାସ୍ତାରେ ଲାଗିଥିବା ଡିଭାଇଡରକୁ ତାରବାଡ଼ ଦେଇ ବନ୍ଦ କରିବାକୁ ଦାବି ହୋଇଛି। ଉମରକୋଟ ହସ୍ପିଟାଲକୁ ସ୍ୱତନ୍ତ୍ର ବିଦ୍ୟୁତ୍‌ସେବା ଯୋଗାଇବାକୁ କାଉନସିଲ ମୁନା ପାଢ଼ୀ ଦାବି କରିଥିଲେ। ସହରର ବରିଷ୍ଠ ନାଗରିକଙ୍କୁ ବ୍ୟାଙ୍କ ମାଧ୍ୟମରେ ଭତ୍ତା ନ ଦେଇ ଘରେ ଯୋଗାଇଦେବାକୁ କାଉନସିଲର ଭିକି ନାୟକ ଦାବି କରିଥିଲେ। ଏସ୍‌ଡିଏ ଗ୍ରୁପ୍ ତଥା ଠିକାଦାରମାନେ ସହରରେ ଉନ୍ନୟନ ମୂଳକ କାର୍ଯ କରିବା ପରେ ମଧ୍ୟ ପରିଷଦ ପକ୍ଷରୁ ଟଙ୍କା ମିଳୁ ନ ଥିବା କାଉନସିର ଚିତ୍ତରଞ୍ଜନ ପାତ୍ର ଅଭିଯୋଗ କରିଥିଲେ। ସ୍ୱର୍ଗତ ବିଧାୟକ ଜଗବନ୍ଧୁ ମାଝିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କାଉନସିଲର ନେତ୍ରା ହରିଜନ ଦାବି କରିଥିଲେ। ସହରରେ ବିପର୍ଯ୍ୟସ୍ତ ଜଳ ଯୋଗାଣ, ବିଦ୍ୟୁତ୍ ସେବା ନେଇ କାଉନସିଲରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଢେପାଗୁଡା ଏସ୍‌ବିଆଇ ଶାଖାରୁ ଚୋରି ଉଦ୍ୟମ

ଗୁଡାରୀ, ୭।୬(ଡି.ଏନ୍.ଏ.)

ଗୁଡାରୀ ବ୍ଲକ ଅଧୀନ ଢେପାଗୁଡା ଏସ୍‌ବିଆଇ ଶାଖାରେ ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଚୋରି ଉଦ୍ୟମ କରିଛନ୍ତି। ଶାଖାର ମୁଖ୍ୟ ଗ୍ରୀଲ ଭାଙ୍ଗି ଭିତରେ ପ୍ରବେଶ କରିବା ପରେ ସେମାନେ ଷ୍ଟ୍ରଙ୍ଗ ରୁମ୍ ତାଲା ଭାଙ୍ଗିଥିଲେ। ଏହା ଛଡା ସିସି ଟିଭି କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିଲେ। ଶାଖା ପରିଚାଳକ ସନ୍ତୋଷ କୁମାର ଏ ସମ୍ପର୍କରେ ଗୁଡାରୀ ଥାନାରେ ଜଣାଇଥିଲେ। ଖବରପାଇ ଗୁଡାରୀ ଥାନାଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ରାୟଗଡାରୁ ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡା ଅଫିସ, ୭।୬

ରାୟଗଡ଼ା ଚାଇଲ୍ଡ ଲେବର ଟାସ୍କ ଫୋର୍ସ, ଚାଇଲ୍ଡଲାଇନ ଡିସିପିଓ, ଶ୍ରମ ବିଭାଗ ମିଳିତ ଉଦ୍ୟମରେ ସ୍ଥାନୀୟ ଏକ ହୋଟେଲରୁ ଜଣେ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆସିଷ୍ଟାଣ୍ଟ ଲେବର ଅଫିସର ଛୋଟରାୟ ଟୁଡୁ କହିଛନ୍ତି। ଉଦ୍ଧାର ଶିଶୁ ଶ୍ରମିକଙ୍କ ଘର ଚନ୍ଦ୍ରପୁର ବ୍ଲକ ଚନ୍ଦ୍ରଗିରିରେ। ସେ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ଡିଡବ୍ଲ୍ୟୁଓଙ୍କୁ କହି ତାଙ୍କ ପାଇଁ କୌଣସି ହଷ୍ଟେଲ ବ୍ୟବସ୍ଥା କରାଯିବ ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରାଜକିଶୋର ସାହୁ କହିଛନ୍ତି।

## ପୋଲିସ-ଜନତାଙ୍କ ସମନ୍ୱୟରେ ଅପରାଧ ନିୟନ୍ତ୍ରଣ ହେବ

ପଦ୍ମପୁର, ୭।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ଏସ୍‌ଡିପିଓ ରଶ୍ମୀରଞ୍ଜନ ସେନାପତି, ପଦ୍ମପୁର ଥାନାଧିକାରୀ ସୁଶାନ୍ତ କୁମାର ତାଡଡିଆ, ସେକେଣ୍ଡ ଅଫିସର ପ୍ରଜ୍ଞାଶ୍ରୀ ନାୟକ,ଏଏସ୍‌ଆଇ ସୁଧୀର କୁମାର ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମପୁର ବ୍ଲକରେ ମୁଖ୍ୟତଃ ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ପୂର୍ବରୁ ଯେଉଁ ଭଳି ମାକେଟ କମ୍ପ୍ଲେକ୍ସ ମଧ୍ୟରେ ଦୈନିକ ବଜାର ଚାଲୁଥିଲା ପୁଣି ସେଭଳି ଚାଲୁ କରିବାକୁ ମତ ରଖାଯାଇଛି। ରାସ୍ତା କଡ଼ରୁ ପରିବା ଓ ଆମିଷ ବିକ୍ରୀ ବନ୍ଦ କରି କମ୍ପ୍ଲେକ୍ସ ଭିତରେ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଜନ ଗହଳି ସ୍ଥାନ, ବ୍ୟାଙ୍କ ସରକାରୀ ଅଫିସ ଓ ବଡ଼ବଡ଼ ବ୍ୟାବସାୟ ଅନୁଷ୍ଠାନରେ ସିସି କ୍ୟାମେରା ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ପୋଲିସ ଓ ଜନତାଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। କାର୍ଯ୍ୟକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ବ୍ୟବସାୟୀ ରଘୁନନ୍ଦନ ସାହୁ, ପୂର୍ବତନ ସରପଞ୍ଚ ସୁଦାମ ମିଶ୍ର ଓ ରଘୁନାଥ ଚୌଧୁରୀ, ଉତ୍କଳ ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ସୁରଥ ପ୍ରଧାନ ମହେଶ ନାୟକ, ଧନଞ୍ଜୟ ପାଢୀ, ବିପିନ ବିହାରୀ ଜେନା, ଏମ୍ ରାମାରାଓଙ୍କ ସମେତ ପଦ୍ମପୁର ବିଭିନ୍ନ ୟୁନିୟନ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ।



ପଦ୍ମପୁରରେ ଆୟୋଜିତ ଆମ ପୋଲିସ ସମିତି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ।

## ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକୁ ପରାମର୍ଶ

ବିଷମକଟକ,୭।୬(ଡି.ଏନ୍.ଏ.)



ରକ୍ଷକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ରାୟଗଡା ଜିଲା ବିଷମକଟକ ସଦର ବ୍ଲକ କଲ୍ୟାଣ ମଣ୍ଡପରେ ରକ୍ଷକ ତାଲିମ ଓ ସଚେତନା ଶିବିରଅନୁଷ୍ଠିତ ହୋଇଛି। ଜିଲା ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ମୋଟର ଭେଇକେଲ ଇନ୍ସପେକ୍ଟରେ ରାଜକିଶୋର ବେହେରା ଓ ବିଷମକଟକ ଥାନାଧିକାରୀ ସୁବାଷ ଚନ୍ଦ୍ର କର୍କରା ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ୟୁନିୟନ, ବସ୍ ୟୁନିୟନ, ଟ୍ରକ୍ ୟୁନିୟନ ଏବଂ ସଧାରଣ ଲୋକେ ଏହି ରକ୍ଷକ ତାଲିମ ଓ ସଚେତନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନୂଆ ମଟର ଆଇନ, ଗାଡି ଚଳାଚଳ କରିବା ସମୟରେ ସତର୍କତା ଅବଲମ୍ବ କରିବା, ନିଶାକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ଟ୍ରାଫିକ ନିୟମ ମାନିବା ଓ ନିଜର ସୁରକ୍ଷା ନିଜେ କରିବାକୁ ଅତିଥିମାନେ ସଚେତନ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବା, ଦୁର୍ଘଟଣା ଜନିତ ନିଆଁ ଲାଗିଲେ ତାହାକୁ ଆୟତ୍ତ, ଦୁର୍ଘଟଣାରେ ଗୁରତର ହୋଇଥିବା ଲୋକଙ୍କୁ ଜରୁରୀ କାଳୀନ ଚିକିତ୍ସା ଓ ଗୁରତର ଅବସ୍ଥାରେ ସେମାନଙ୍କୁ ମେଡିକାଲ ସୁବିଧାରେ ଆଣାଯିବା ବିଷୟର ଉପସ୍ଥିତ ଡ୍ରାଇଭର ଓ ସାଧାରଣ ଲୋକଙ୍କୁ ମୃତ୍ୟୁଞ୍ଜୟ ସ୍ୱାଇଁ, ତପନ ଦଲେଇ, ଗୋପୀନାଥ ପାଲକା ଓ ରଘୁନାଥ ଭୂଇଁ ତାଲିମ ଦେଇଛନ୍ତି। କାର୍ଯ୍ୟକ୍ରମକୁ ବସ୍ ଓ ଟ୍ରକ ୟୁନିୟନର ଶଶୀ ଭୂଷଣ ପଟ୍ଟନାୟଙ୍କ, ପି.ରାମବାବୁ ଓ କିରଣ ସାହୁ ପରିଚାଳନା କରିଥିଲେ।

## କଣ୍ଟେନରରେ ପିଟିହେଲା ବାଇକ୍, ଜଣେ ମୃତ

ଛତ୍ରପୁର,୭।୬(ଡି.ଏନ.ଏ)

ଛତ୍ରପୁର ଥାନା ଅଧୀନ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ଅଟକିଥିବା ଏକ କଣ୍ଟେନର ପଛରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଅଗସ୍ତିନୂଆଗାଁ ପଞ୍ଚାୟତ ସାନ ନୋଳିଆନୂଆଗାଁର ଏନ.କ୍ରିଷ୍ଣାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋପାଳପୁରର ପି.ପୋଲାମା ଗୁରୁତର ଆହତ ହୋଇଛନ୍ତି। କ୍ରିଷ୍ଣା ତାଙ୍କ ବାଇକ୍‌ରେ ପୋଲାମାଙ୍କୁ ଧରି ଗୋପାଳପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

## ସହରରେ ବଢୁଛି ଟ୍ରାଫିକ ସମସ୍ୟା, ସମାଧାନ ନାହିଁ

ସୁନାବେଡା/ସେମିଳିଗୁଡା,୭।୬( ସ୍ୱ.ପ୍ର.)

- ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସୁଛି ଟ୍ରାଫିକରେ
- ସମାଧାନ ପ୍ରତି ଗୁରୁତ୍ୱ ଦେଉନି ପ୍ରଶାସନ
- ତୁରନ୍ତ ପଦକ୍ଷେପ ନେବାକୁ ହେଉଛି ସାଧାରଣରେ ଦାବି

କୋରାପୁଟ ଜିଲାର ଜୟପୁର ସହର ପରେ ଦ୍ୱିତୀୟ ବୃହତ ବାଣିଜ୍ୟିକ ସହର ହେଉଛି ସେମିଳିଗୁଡା। ସହରର ଦୁଇପଟେ ରହିଛି ହାଲ୍ ଓ ନାଲକୋ ଭଳି ଦୁଇଟି ବୃହତ ଶିଳ୍ପ ଅନୁଷ୍ଠାନ। ଦିନକୁ ଦିନ ସହର ବଢ଼ିବା ସହ ବ୍ୟବସାୟ ଅନୁଷ୍ଠାନ ବଢୁଛି। ଜନଗହଳି ମଧ୍ୟ ତଦନୁସାରେ ବଢୁଛି। ସହର ମଧ୍ୟ ଦେଇ ୨୬ ନଂ. ଜାତୀୟ ରାଜପଥ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼କୁ ସଂଯୋଗ ହୋଇଛି। ଏହି କାରଣରୁ ପ୍ରତ୍ୟେହ ଏଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୁଏ। ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ସମସ୍ୟାରେ ପଡିଥାଏ। ଏଥିପ୍ରତି ପୌର ପ୍ରଶାସନ, ଜିଲା ପ୍ରଶାସନ ଅବା ପୋଲିସ ପ୍ରଶାସନ କେହି ଦୃଷ୍ଟି ଦେଉନାହାନ୍ତି। ନୁଆ ନୁଆ ଗଢି ଉଠୁଥିବା ବାଣିଜ୍ୟିକ ପ୍ରତିଷ୍ଠାନମାନ ପାର୍କିଂ ସୁବିଧା କରିବା କଥା, ମାତ୍ର ଏହି ନିୟମକୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ମାନୁନାହାନ୍ତି। ଲୋକମାନେ ରାସ୍ତା ପାର୍ଶ୍ୱରେ ଗାଡି ରଖି ନିଜ କାରବାର କରୁଛନ୍ତି। ଫଳରେ ଏଥିପାଇଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପାଣି ଆଶାରେ ୫୦ ଏକର ଜମିରେ ତଳି ପକାଇ ବସିଛନ୍ତି ଚାଷୀ

କୋଲନରା, ୭।୬(ଡି.ଏନ୍.ଏ.)


ତଳି ପଡିଥିବା ବିଲ ଶୁଖିଲା ପଡିଛି ।

**ଜମିରେ ଥିବା ଗଭୀର ନଳକୂପକୁ ଚାର୍ଜ କରୁନି ଉଠା ଜଳସେଚନ ବିଭାଗ**

ଚାଷ ଦେଶର ମେରୁଦଣ୍ଡ। ଏହା ଜାଣି ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ସବୁ ଯୋଜନାର ସୁଫଳ ଠିକ୍‌ଭାବେ ଚାଷୀଙ୍କୁ ମିଳିପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋଲନରା ବ୍ଲକ ସୁରି ପଞ୍ଚାୟତ ମଣିସିଂଗାଁରେ। ସରକାରଙ୍କ ଉଠା ଜଳସେଚନ ବିଭାଗ ତରଫରୁ ୨୦୧୫ରେ ସେଠାରେ ୫ଟି ଗଭୀର ନଳକୂପ ଖୋଳାଯାଇ ଚାଷୀଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଚାଷୀ ଖୁସିରେ ଚାଷ କାମ କରିଥିଲେ। ପୁଣି ସରକାରଙ୍କ ଉଠା ଜଳସେଚନ ବିଭାଗ ତରଫରୁ ୨୦୧୭-୧୮ରେ ଚାଷୀ ନଳକୂପ ଖୋଳିବା ପାଇଁ ବିଜ୍ଞପ୍ତି ପ୍ରକାଶ କଲେ। ଯେଉଁ ଚାଷୀଙ୍କୁ ଜଳ ଆବଶ୍ୟକତା ରହିଛି ସେମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏକ ବ୍ୟାଙ୍କରେ ଜଣେ ଜଣେ ୨୦ ହଜାର ଟଙ୍କା ଲେଖାଏଁ ଜମା କରିଥିଲେ। ଏହାର ୨ବର୍ଷ ପରେ ମଧ୍ୟ ଗଭୀର ନଳକୂପ ଖୋଳାଯାଇ ନ ଥିଲା। ୨୦୨୧ ଶେଷ ଆଡ଼କୁ ଦୁଇଟି କ୍ଲଷ୍ଟରର ୯ଜଣ ଚାଷୀଙ୍କ ଜମିରେ ୧୦ଟି ଗଭୀର ନଳକୂପ ଖୋଳାଯାଇଥିଲା। ଏହି ୧୦ଟି ଗଭୀର ନଳକୂପକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ବିଦ୍ୟୁତ୍ ବିଭାଗ ଖୁଣ୍ଟ ପୋତି ତାର ଟାଣି ନଳକୂପ ନିକଟରେ ଛାଡି ଦେଇଛନ୍ତି। ଚାର୍ଜ ଅର୍ଡର ଆସିଲେ ଚାର୍ଜ କରିବୁ ବୋଲି କହି ସମୟ ଗଡ଼ାଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କିଛିଦିନ ମଧ୍ୟରେ ଚାର୍ଜ ଅର୍ଡର ଆସିଯିବା ଆଶାରେ ଚାଷୀ ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଖରିଫ ଚାଷ ପାଇଁ ଧାନ ତଳି ପକାଇ ଦେଇଛନ୍ତି। ୫ ଦିନ ତଳେ ଚାର୍ଜ ଅର୍ଡର ବାହାରିଛି, କିନ୍ତୁ ଏବେ ସୁଦ୍ଧା ଚାର୍ଜ କରାଯାଉନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କୌଶଲ୍ୟା ସୁଦର୍ଶନଙ୍କୁ ପଚାରିବାରୁ ଠିକାଦାର ଗୋଟିଏ ପରେ ଗୋଟିଏ ଗାଁରେ ନଳକୂପ ଚାର୍ଜ କରାଉଛନ୍ତି। କିଛିଦିନ ଭିତରେ ଏହି ଗାଁରେ ମଧ୍ୟ ନଳକୂପ ଚାର୍ଜ କରାଯିବ ବୋଲି ସେ କହିଛନ୍ତି।

## ମୋବାଇଲ ମାୟାଜାଲରେ ପିଲେ, ଭୁଲିଗଲେଣି ପାରମ୍ପରିକ ଖେଳ

ପ୍ରଜ୍ଞାରଞ୍ଜନ ପରିଡ଼ା
ଡାବୁଗାଁ, ୭।୬ (ଡି.ଏନ.ଏ.)

ଯାନ୍ତ୍ରିକ ଖେଳଣାର ଘୁଁ ଘୁଁ ଶବ୍ଦରେ ଅତୀତର ପିଲାଖେଳ ଆଜି ବିଲୁପ୍ତପ୍ରାୟ। ପୂର୍ବରୁ ଯେଉଁ ପାରମ୍ପରିକ ଖେଳ ଦ୍ୱାରା ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ସାଧିତ ହେଉଥିଲା, ବର୍ତ୍ତମାନର ପିଲାଙ୍କ ପାଇଁ ଏବେ ତାହା ମୂଲ୍ୟହୀନ। ଆଜିର ଇଣ୍ଟରନେଟ ଅନ୍‌ଲାଇନ ଭିଡିଓ ଗେମ୍‌ର ଇନ୍ଦ୍ରଜାଲ ଧୀରେ ଧୀରେ ଅପସରି ନେଉଛି ସେଇ ପିଲାଦିନର ଅନୁପମ ଛଟା। ସମୟ ପରିବର୍ତ୍ତନ ସହ ଖେଳିବା ପାଇଁ ପିଲାଙ୍କୁ ବାହାରକୁ ଛାଡିବା ସକାଶେ ଅଭିଭାବକ ଅମଙ୍ଗ ହେବା ଏବଂ ଖେଳକୁଦ ଅପେକ୍ଷା ପିଲାମାନଙ୍କ ଉପରେ ପାଠପଢ଼ାର ବୋଝ ଲଦି ଦେବା ବର୍ତ୍ତମାନ ପ୍ରାୟ ସମସ୍ତଙ୍କ ଘରେ ଦେଖିବାକୁ ମିଳୁଛି। ବଦଳି ଗଲାଣି ବର୍ତ୍ତମାନର ପିଲାଙ୍କ ଖେଳ। ଲୁଚକାଳି, ବୋହୂଚୋରି, ଗିଲିଦଣ୍ଡା ବା କେଳଖେଳ, ନଟୁ, ଡାଳମାଙ୍କୁଡି, ଗୁଳି, ରୁମାଲ ଚୋରି, ଦିଆସିଲ କାର୍ଡ ଖେଳର ସ୍ଥାନ ନେଇଗଲାଣି ପବ୍‌ଜି, ଫ୍ରିଫାୟାର ଭଳି ମୋବାଇଲ ଗେମ୍। ପୂର୍ବେ ଗାଁ ଦାଣ୍ଡରେ ପିଲାଟିଏ ଧୂଳି ଧୂସରିତ ହୋଇ ଅନ୍ୟ ପିଲାଙ୍କ ସହ ଖେଳିଲେ ତାହା ସ୍ମରଣ ଶକ୍ତି ଓ ପିଲାଟିର ସୃଜନଶୀଳତା ବଢ଼ାଏ ବୋଲି ବୟସ୍କମାନେ କହୁଥିଲେ। ହେଲେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିପ୍ଳବରେ ଅଭିମନ୍ତ୍ରିତ ଆଜିର ଅଭିଭାବକ ଓ ପିଲାଙ୍କ ମଧ୍ୟରେ ଆଉ ପାରମ୍ପରିକ ଖେଳର ମଧୁରତା ହିଁ ନାହିଁ। ଆମେ ଆଜି ଏଠି ହଜି ଯାଉଥିବା କେତେକ ପାରମ୍ପରିକ ଖେଳ ବିଷୟରେ ଉଲ୍ଲେଖ କରୁଛୁ।

**ଗୁଳି ଖେଳ**–ଏହି ଖେଳରେ ପିଲାମାନେ କାଚ ଅବା ହାଡ ଗୁଳିକୁ ଦୁଇ ଆଙ୍ଗୁଠିରେ ଧରି ବସିକି ଅବା ଛିଡା ହୋଇ ଫୋପାଡନ୍ତି। ଗୁଳିଟି ଗଡି ଗଡି ଯାଇ ନିର୍ଦ୍ଧାରିତ ଗାତରେ ପଶିବ। ଏଥିପାଇଁ ପଏଣ୍ଟ ମିଳିବ। ପୁଣି ଭୂମିରେ ଗୋଲକାଟି ସେତିରେ ପଇସା ଅବା ବାଟି ରଖି ଅନ୍ୟ ବାଟି ସାହାର୍ଯ୍ୟରେ ବାଡେଇ ବାହାର କରିବାକୁ ପଡେ।

**ଲୁଚକାଳି**–ଏହି ଖେଳରେ କେତେ ଜଣ ଚାହିଁବେ, ସେତେ ଜଣ ଖେଳି ପାରିବେ। ଯିଏ ଚୋର ହେବ, ସିଏ ଅନ୍ୟମାନଙ୍କୁ ଖୋଜିବା ଖୋଜୁ ଖୋଜୁ ଯଦି ସମସ୍ତଙ୍କୁ ପାଇଲା ତେବେ ପ୍ରଥମେ ଯାହାକୁ ପାଇଥିବ, ସେ ପୁଣି ଖୋଜିବା ଆରମ୍ଭ କରିବ।

**ବାଡିଡିଆଁ**– ଏହି ଖେଳ ଦୁଇ ମୁଣ୍ଡରେ ଦୁଇଟି ଗାର କଟା ହେବ। ସବୁ ପିଲାଙ୍କ ହାତରେ ଥିବ ଗୋଟାଏ ଲେଖାଁଏ ବାଡି। ଜଣକ ପରେ ଜଣେ ଧାଇଁକି ବାଡିକି ଡେଇଁବେ। ଯିଏ ଯେତେ ଦୂରକୁ ଡେଇଁବେ, ସିଏ ସେପଟେ ମୁଖ୍ୟ ଗାର ପାଖକୁ ପାଖେଇ ଯାଉଥିବେ।

**କେଲିଖେଳ ବା ଗିଲି ଦଣ୍ଡା**– ଏହି ଖେଳ ଦୁଇଟି କାଠିରେ ହୋଇଥାଏ। ଗୋଟିଏ ଛୋଟ କାଠିକୁ କେଲି କୁହାଯାଏ ଓ ଅନ୍ୟଟି ଏକ ହାତ ଲମ୍ବର କାଠି। ଏକ ଗାତ ଉପରେ ଏକ ଛୋଟ କାଠି (କେଲି)କୁ ରଖି ବଡ କାଠିରେ ଦୂରକୁ ଛଟାଯାଏ। ଖେଳଟି ଯେତିକି ମଜାଦାର, ସେତିକି ବିପଦ ମଧ୍ୟ।

ଉପରୋକ୍ତ ଖେଳରେ ପିଲାମାନଙ୍କ ଶାରିରିକ ପରିଶ୍ରମ ହୁଏ। ଫଳରେ ସେମାନେ ନିରୋଗ ରହିବା ସହ ଫୁର୍ତ୍ତି ରୁହନ୍ତି। କିନ୍ତୁ ଦୁଃଖର ବିଷୟ ଏବେ ଏହି ସବୁ ଖେଳ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଲାଣି।

# ୨୦୨୧ରୁ ଏଯାଏଁ ରୁଜୁ ହୋଇଛି ୫୭ ମାମଲା, ଗିରଫ ହୋଇଛନ୍ତି ୧୩୧

**ବରଙ୍ଗପୁର,୭।୬(ବି.ପ୍ର.)**

ନବରଙ୍ଗପୁର ଜିଲା ଗଞ୍ଜେଇ ଚୋରା ଚାଲାଣର କରିଡର ସାଜିଛି। ପୋଲିସ ଖବର ପାଇ ଗଞ୍ଜେଇ, ଗାଡି ଜବତ କରିବା ସହ ଚାଲାଣରେ ସମ୍ପୃକ୍ତି ଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଜିଲାରେ ୨୦୨୧ ଜାନୁଆରୀରୁ ୨୦୨୨ ଜୁନ ୬ ତାରିଖ ମଧ୍ୟରେ ୫୬ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି ବୋଲି ନବରଙ୍ଗପୁର ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ସୂଚନା ଦେଇଛନ୍ତି ।

ଗଞ୍ଜେଇ ଚାଲାଣରେ ବଡ଼ବଡ଼ ବେପାରୀ ଟଙ୍କା ଖଟାଉଛନ୍ତି। ଅଧିକ ଅର୍ଥ ଉପାର୍ଜନ ପାଇଁ ଲୋଭରେ ଚାଲାଣରେ ସାମିଲ ଥିବା ଶ୍ରମିକ ଶ୍ରେଣୀର ଲୋକ ଧରାପଡୁଛନ୍ତି। ଜିଲାରେ ୨୦୨୧ରେ ୪୬ଟି ମାମଲା ରୁଜୁ କରାଯାଇ ୧୧୪ ଜଣଙ୍କୁ ଗିରଫ କରାଯିବା ସହ ୩୩ କୁଇଣ୍ଟାଲ ୪୫ କିଲୋ ୧୨୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ୨୦୨୨ରେ ଜୁନ ୬ରେ ୧୧ଟି ମାମଲା ରୁଜୁ କରାଯାଇ ୧୭ ଜଣଙ୍କୁ ଗିରଫ କରାଯାଇ ୨୩ କୁଇଣ୍ଟାଲ ୩୭ କିଲୋ ୬ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ନବରଙ୍ଗପୁର ଜିଲା ଉମରକୋଟ ଥାନା ଧଡ଼ରା ପଞ୍ଚାୟତ ଅଧୀନ ବିଏସ୍‌ପଦର ବାଣ୍ଣୁଆଗୁଡା ଗ୍ରାମର ସୁବାସ ବିଷୋୟୀ, ସୁବିର ବିଷୋୟୀ ଓ ରାମଚନ୍ଦ୍ର ବିଷୋୟୀ ତିନି ଗଞ୍ଜେଇ ବେପାରୀଙ୍କ ପ୍ରାୟ ୧.୨୨ କୋଟି ଟଙ୍କା ମୂଲ୍ୟର କୋଠା ବ୍ୟାଜାପ୍ତି କରାଯାଇଛି। ଏଥିସହ ତିନିଗୋଟି ଆକାଉଣ୍ଟରେ ଥିବା ନଗଦ ୪ ଲକ୍ଷ ୩୯ ହଜାର ୯୦୯ ଟଙ୍କା ଜବତ କରିବାରେ ନବରଙ୍ଗପୁଟ ପୋଲିସ ସକ୍ଷମ ହୋଇ ପାରିଛି।



ସୋମବାର ଜବତ ହୋଇଥିବା ଗଞ୍ଜେଇ।

- ୬ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତି
- ପୋଲିସର ଖବରଦାତା ସମ୍ମିଳନୀରେ ସୂଚନା

ସେହିଭଳି କୋଷାଗୁମୁଡା ଥାନା ଅଧୀନ ପନରାଗୁଡାରେ ୨୦୨୦ ନଭେମ୍ବର ୬ ତାରିଖରେ ପ୍ରଭାକର ମାଳି ଓ ତାଙ୍କ ଦୁଇ ଭାଇଙ୍କ ନାମରେ ଥିବା ୪ କୋଟି ୭୭ ଲକ୍ଷ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରିଥିଲା ନବରଙ୍ଗପୁର ପୋଲିସ। ଜଙ୍ଗଲ ଓ ସମତଳ ଅଞ୍ଚଳ ଦେଖି ବେପାରୀମାନେ ଗଞ୍ଜେଇ ଚାଷ ଓ ଚାଲାଣ କରାଉଛନ୍ତି। ନଭେମ୍ବର ମାସରେ ଚାଷ ଆରମ୍ଭ ହେଲେ ମାର୍ଚ୍ଚ ଆଡକୁ ଅମଳ ଆରମ୍ଭ ହେଉଛି। ସାଟେଲାଇଟ ମାଧ୍ୟମରେ ଫଟୋ ଉତ୍ତୋଳନ ଓ ଖବରପାଇଲେ ସରକାରଙ୍କ ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ମାଲକାନଗିରି ଓ କୋରାପୁଟ ଜିଲାର କିଛି ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି। ନବରଙ୍ଗପୁର ଜିଲା ଦେଇ ଚୋରା ଚାଲାଣ ହେଉଛି। ପୋଲିସ ଏହି ଚୋରା ଚାଲାଣ ଉପରେ ନଜର ରଖିଛି। ସୋମବାର ଡଙ୍ଗରଭେଜାରେ ଜବତ ହୋଇଥିବା ୮ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରାଯାଇ ୨ ଜଣକୁ ଗିରଫ କରାଯାଇଛି। ଗଞ୍ଜେଇ ବୋଝେଇ କରି ନିଆଯାଉଥିବା ୪ ଚକିଆ ଗାଡି କଳାହାଣ୍ଡି ଜିଲାର ବୋଲି ଜଣା ପଡ଼ିଛ। ପୋଲିସ ତାହାକୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରିଛି। ଧରାପଡିଥିବା ଗଞ୍ଜେଇ କୋରାପୁଟ ଜିଲା ପାଡୁଆରୁ କଳାହାଣ୍ଡି ଯାଉଥିଲା। କଳାହାଣ୍ଡିରୁ ତାହା ଉତ୍ତରପ୍ରଦେଶକୁ ଯାଇଥାନ୍ତା। ଡଙ୍ଗରଭେଜା ନିକଟରେ ପୋଲିସ ଧରିଥିଲା। କଳାହାଣ୍ଡି ଜିଲାର ଡମ୍ବରୁଧର ଶିରି ଓ ରଘୁ ସନ୍ତା ଧରାପଡିଥିବା ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା କହିଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ଏସ୍‌ଏସ୍ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ସିସି କ୍ୟାଡରଙ୍କୁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ



ପ୍ରଶିକ୍ଷଣ ନେଉଥିବା ଏସିସି କ୍ୟାଡେଟ୍।

**କୋରାପୁଟ,୭।୬(ସ୍ୱ.ପ୍ର.)**

ଓଡ୍ରାଫ ପକ୍ଷରୁ ଏନସିସି କ୍ୟାଡରମାନଙ୍କୁ ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶିକ୍ଷଣ ଦେବାକୁ ଏକ ଶିବିର ଆରମ୍ଭ ହୋଇଛି। କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ କୋରାପୁଟ, ମାଲକାନାଗିରି, ରାୟଗଡା, ନବରଙ୍ଗପୁର ଜିଲା ସମେତ ୫ଟି ଜିଲାର ୫୩୦ ଜଣ ଏନସିସି କ୍ୟାଡର ଯୋଗ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ କିପରି ପ୍ରସ୍ତୁତ ହେବା ଦରକାର ସେନେଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଡେପୁଟି ସୁବେଦାର ବି. ଶ୍ରୀନିବାସ ରେଡ୍ଡିଙ୍କ ତତ୍ତ୍ୱାବଧାନରେ ହୋଇଥିବା ପ୍ରଶିଷଣ ଶିବିରରେ କୋରାପୁଟ ଓଡ୍ରାଫ ପକ୍ଷରୁ ସାପ କାମୁଡା, ବନ୍ୟା ବେଳେ କିପରି ପୂର୍ବରୁ ପ୍ରସ୍ତୁତ ରହିବା, ବିପର୍ଯ୍ୟୟ ସମୟରେ କେଉଁ ଭାସମାନ ଜିନିଷ ମାଧ୍ୟମରେ ନିଜ ଜୀବନ ରକ୍ଷା କରିପାରିବା ସେ ନେଇ ଏନସିସି କ୍ୟାଡେରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୧୦ ତାରିଖ ଯାଏ ଚାଲିବ।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ଖଇରପୁଟ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## କେ.ବି.ପି. କ୍ରିକେଟ ଟୁର୍ନାମେଣ୍ଟ

**ମାଲକାନଗିରି,୭।୬ (ଡି.ଏନ୍.ଏ.)**

ମାଲକାନଗିରି ସଦର ମହକୁମା ତଳସାହି ଖେଳ ପଡିଆରେ କେ.ବି.ପି. କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ଅଧ କ୍ଷ ମନୋଜ ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ଶିବ ପ୍ରସାଦ ତ୍ରିପାଠୀ, କାଉନସିଲର ପଦ୍ମିନୀ ସେଠୀ, ପେଣ୍ଡ୍ରାପ୍ରସାଦ ପଣ୍ଡା ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମାଲକାନଗିରି ଜିଲାର ନାୟକଗୁଡା, ଏମ୍.ଭି.-୨, ବାଲିମେଳା, କୋରୁକୋଣ୍ଡା, ଖଇରପୁଟ ସହ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସ ଉଦ୍‌ଘାଟନୀ ମ୍ୟାଚ ଖଇରପୁଟ ସହ ମାଲକାନଗିରି ସଦର ମହକୁମାର ଗୋପୀ-୧୧ ମଧ୍ୟରେ ହୋଇଥିଲା। ଟସ୍ ଜିତି ଖଇରପୁଟ ପ୍ରଥମେ ବ୍ୟାଟିଂ କରି ୧୫ ରନରେ ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ସଚ୍ଚିଦାନନ୍ଦ ସ୍ୱାଇଁ, ଲକ୍ଷ୍ମୀକାନ୍ତ ପୁଜାରୀ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୧୨ ତାରିଖରେ ଫାଇନାଲ ମ୍ୟାଚ ହେବ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ନାବାଳିକା ଅସଦାଚରଣ ମାମଲା**

**ବ୍ରହ୍ମପୁର ଅଫିସ,୭।୬**

ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗୁରୁପ୍ରସାଦ ସାହୁ ଜନୈକା ନାବାଳିକା ଛାତ୍ରୀଙ୍କୁ ହୋଇଥିବା ଅସଦାଚରଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଭଞ୍ଜନଗରର ଗୁଲାମ ମହମ୍ମଦ (୪୯)। ପ୍ରକାଶ ଯେ, ଜଣେ ୧୦ମ ଶ୍ରେଣୀର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ରହୁଥିଲା। ଡାକ୍ତରୀ ଚିକିତ୍ସା ପରେ ବି ତାଙ୍କ ସ୍ୱାସ୍ଥ୍ୟ ଭଲ ହେଉ ନ ଥିଲା। ଝିଅଙ୍କୁ କେହି ଗୁଣି ଗାରେଡି କରିଥିବା ଘର ଲୋକ ସନ୍ଦେହ କରିଥିଲେ। ଏଣୁ ଛାତ୍ରୀଙ୍କୁ ନେଇ ପରିବାର ଲୋକ ଭଞ୍ଜନଗରରେ ରହୁଥିବା ତାନ୍ତ୍ରିକ ବାବା ଗୁଲାମ ମହମ୍ମଦଙ୍କ ନିକଟକୁ ଯିବା ପାଇଁ ସ୍ଥିର କରିଥିଲେ। ୨୦୧୬ ଜୁଲାଇ ୧୯ରେ ଜନୈକା ନାବାଳିକାଙ୍କୁ ନେଇ ଘର ଲୋକ ଭଞ୍ଜନଗରରେ ରହୁଥିବା ବାବାଙ୍କ ନିକଟରେ ପହଞ୍ଚିଥିଲେ। ଉକ୍ତ ତାନ୍ତ୍ରିକ ବାବା ଜଣକ ନାବାଳିକାଙ୍କୁ ଏକାକୀ ଏକ କୋଠରିରେ ରହିବାକୁ କହିଥିଲେ। ସେଠାରେ ସେ ନାବାଳିକାଙ୍କୁ ଭଲ କରିବା ବାହାନାରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ନଂ.୨୪୮ / ୧୬ରେ ଏକ ମାମଲା ରୁଜୁ କରିଥିଲା। ପରେ ତାନ୍ତ୍ରିକ ବାବା ଗୁଲାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନା ଏସ୍‌ଆଇ ଏସ୍.ଏସ୍. ଲୁଗୁନ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଗୁଲାମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

---

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA,
C-71, SECTOR-7, CDA, CUTTACK: ODISHA
O.A. NO. 504 / 2019

AXIS BANK LIMITED ...APPLICANT
-Vrs.-
Mr. Debadutta Jethy & Another ...DEFENDANTS

To
1. **Mr. Debadutta Jethy,** S/O.: Krushna Chandra Jethy, Dagarpada, Bania Sahi, Chandini Chowk, Cuttack-753002.
2. **Mrs. Bijaya Jethy,** W/O.: Debadutta Jethy, Dagarpada, Bania Sahi, Chandini Chowk, Cuttack-753002. **DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 504/2019** in the Court of the Debts of Recovery Tribunal at Cuttack for recovery of **Rs.35,54,247.47 ( Rupees Thirty Five Lakhs Fifty Four Thousand Two Hundred Forty Seven and Forty Seven Paisa)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **24/06/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **04th day of May, 2022.**

Sd/-
REGISTRAR

---

IN THE DEBTS RECOVERY TRIBUNAL: CUTTACK
C-71, Sector-7, CDA, Cuttack-753014
O.A. No. 452/20

Utkal Grameen Bank ...Applicant
Vs.
Sri Tankadhara Sahu & ors. ...Defendants

To,
1. **Sri Tankadhara Sahu,** aged about 65 years, S/o- Late Gangadhar Sahu, At/PO: Saida, PS: Barkote, Dist.: Deogarh-768110.
2. **Sri Sadasiva Sahu,** age not known but major, S/o- Jaya Sahu, At/PO: Kalla, PS: Barkote, Dist.: Deogarh-768110.
3. **Sri Hemanta Kumar Pradhan,** age not known but major, S/o- Rabindra Pradhan, At: Aksyarasila, PO: Balanda, PS: Barkote, Dist.: Deogarh-768110. *...Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 452/20** in the Debts Recovery Tribunal, Cuttack for recovery of **Rs.22,13,891.83** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **12.07.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **26th day of month May of 2022.**

By orders of this Tribunal
Sd/- Registrar
Debts Recovery Tribunal, Cuttack

---

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA,
C-71, SECTOR-7, CDA, CUTTACK: ODISHA
O.A. NO. 135 / 2019

AXIS BANK LIMITED ...APPLICANT
-Vrs.-
Mr. Dharanidhar Behera & Others ...DEFENDANTS

To
**Jharsuguda Projects Pvt. Ltd.,** Represented Through Its Director, Having Its Registred Office- At: 7-B, Kiran Sankar Roy Road, Dalhousie, Kolkata-700001 **DEFENDANT**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 135/2019** in the Court of the Debts of Recovery Tribunal at Cuttack for recovery of **Rs.17,19,380/- ( Rupees Seventeen Lakhs Nineteen Thousand Three Hundred Eighty Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **11.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **24th day of May, 2022.**

Sd/- M. K. Patnaik
REGISTRAR

---

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA,
C-71, SECTOR-7, CDA, CUTTACK: ODISHA
O.A. NO. 501 / 2019

AXIS BANK LIMITED ...APPLICANT
-Vrs.-
Ayub Khan & Another ...DEFENDANTS

To
1. **Mr. Ayub Khan,** S/o.: Yar Khan, Plot No.: 202, Flat No.: 306, Swarnalata Apartment, Bomikhal, Rasulgarh, Bhubaneswar-751010.
2. **Anjuman Khan,** 202, Swarnalata Apartment, Bomikhal, Rasulgarh, Bhubaneswar-751010. **DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 501/2019** in the Court of the Debts of Recovery Tribunal at Cuttack for recovery of **Rs.20,82,836/- ( Rupees Twenty Lakhs Eighty Two Thousand Eight Hundred Thirty Six)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **05.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **20th day of May, 2022.**

Sd/- M. K. Patnaik
REGISTRAR

---

IN THE DEBTS RECOVERY TRIBUNAL: CUTTACK
C-71, Sector-7, CDA, Cuttack-753014
O.A. No. 161/20

Utkal Grameen Bank ...Applicant
Vs.
Sri Arabinda Panda & ors. ...Defendants

To,
1. **Sri Arabinda Panda,** aged about 47 years, S/o- Raghunath Panda, of Vill: Antarla, PO: Habaspur, PS: Junagarh, Dist.: Kalahandi-766014. At present at Mandara Parichha Pada, near Radha Krishna Mandir, PO: Bhawanipatna, Dist.: Kalahandi-766001.
2. **Sri Raghunath Panda,** age not known but major, S/o- Badriprasad Panda of Vill: Antarla, PO: Habaspur, PS: Junagarh, Dist.: Kalahandi-766014. *...Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 161/20** in the Debts Recovery Tribunal, Cuttack for recovery of **Rs.23,08,258.62** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **20.07.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **02nd day of month June of 2022.**

By orders of this Tribunal
Sd/- Registrar
Debts Recovery Tribunal, Cuttack

---

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA,
C-71, SECTOR-7, CDA, CUTTACK: ODISHA
O.A. NO. 415 / 2020

AXIS BANK LIMITED ...APPLICANT
-Vrs.-
Vijay Motors (Mahindra Division) & another ...DEFENDANTS

To
1. **Vijay Motors (Mahindra Divison),** Represented through its Proprietor, Sri Vijay Lal, 27, Chintamaniswar Chawk, Cuttack Puri Road, Bhubaneswar, Dist.: Khurda, Pin-751006.
2. **Sri Vijay Lal,** Proprietor, Vijay Motors (Mahindra Divison), 27, Chintamaniswar Chawk, Cuttack Puri Road, Bhubaneswar, Dist.: Khurda, Pin-751006. **DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 415/2020** in the Court of the Debts of Recovery Tribunal at Cuttack for recovery of **Rs.1,69,16,815.55 ( Rupees One Crore Sixty Nine Lakhs Sixteen Thousand Eight Hundred Fifteen and Fifty Five paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **11/07/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **23rd day of May, 2022.**

Sd/- M. K. Patnaik
REGISTRAR

---

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA,
C-71, SECTOR-7, CDA, CUTTACK: ODISHA
O.A. NO. 683 / 2019

AXIS BANK LIMITED ...APPLICANT
-Vrs.-
Rasmita Jena & Others ...DEFENDANTS

To
1. **Rasmita Jena,** Wife of Dhirendra Kumar Jena, At: Col. Of the Mahar Regt. Sectt., Army Welfare Housing Organization South, Hutments, Kashmir House Rajaji Marg, New Delhi-110011.
2. **Dhirendra Kumar Jena,** Col. Of the Mahar Regt. Sectt., Army Welfare Housing Organization South, Hutments, Kashmir House Rajaji Marg, New Delhi-110011.
3. **M/s. Shree Jeu Construction,** represented through its Partner Ratikanta Parhi, Having its Officer, At: Plot No.: 1116, Jayadurga Nagar, Bomikhal, District.: Khurda, Bhubaneswar-6.

**DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 683/2019** in the Court of the Debts of Recovery Tribunal at Cuttack for recovery of **Rs.21,09,692/- ( Rupees Twenty One Lakhs Nine Thousand Six Hundred Ninety Two)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **24/06/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **4th day of May, 2022.**

Sd/- M. K. PATNAIK
REGISTRAR

---

FORM NO. 14
[See Regulation 33(2)]
OFFICE OF THE RECOVERY OFFICER-I/II
DEBTS RECOVERY TRIBUNAL, CUTTACK
C/71, Sector-7, CDA, Cuttack-753014, Odisha
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/6/2017 08.04.2022

UTKAL GRAMEEN Bank
Versus
PRADEEP KUMAR SHAH AND OTHERS

To,
(CD-1) **Pradeep Kumar Shah,** S/o- Ram Narayan Shah, Prop.: M/s Shree Durga Store, At: Fatak, PO: Budharaja, Town/Dist.: Sambalpur-768004.
(CD-2) **Kamalesh Shah,** S/o- Ram Narayan Shah, Prop.: M/s Shree Durga Store, At: Fatak, PO: Budharaja, Town/Dist.: Sambalpur-768004.
(CD-3) **Dayanidhi Meher,** S/o- Chhala Meher, At: Kumbarpada (Masjid Gali), PO: Golebazar, Town/Dist.: Sambalpur-768001.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/65/2015** an amount of **Rs.10,30,649.00 (Rupees Ten Lakhs Thirty Thousands Six Hundred Forty Nine Only)** along with pendentellite and future interest @ 13.75% w.e.f. **13.02.2015** till realization and costs of **Rs.13,000/- (Rupees Thirteen Thousands Only)** has become due against you (Jointly and severally).

2. You are hereby directed to pay the above sum **within 15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **11.07.2022 at 10:30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for reovering the amount due.

Given under my hand and the seal of the Tribunal, on this date: **08.04.2022.**

Sd/- Recovery Officer
DEBTS RECOVERY TRIBUNAL, CUTTACK

---

FORM NO. 14
[See Regulation 33(2)]
OFFICE OF THE RECOVERY OFFICER-I/II
DEBTS RECOVERY TRIBUNAL, CUTTACK
C/71, Sector-7, CDA, Cuttack-753014, Odisha
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/94/2021 05.04.2022

UTKAL GRAMEEN Bank
Versus
NILAKANTHA HOTA AND OTHERS

To,
(CD-1) **Nilakantha Hota,** S/o- Late Mrutyunjaya Hota, At/PO: Bhandar, Sonepur, Odisha-767019.
(CD-2) **Shri Shankar Kanha Hota,** S/o- Kunjbihari Hota, At/PO: Bhandar, Dist.: Sonepur, PIN-767019.
(CD-3) **Shri Hari Shankar Hota,** S/o- Jadumani Hota, At/PO: Bhandar, Dist.: Sonepur, PIN-767019.
(CD-4) **Bishnupriya Hota,** D/o- Late Mrutyunjaya Hota, At/PO: Bhandar, Dist.: Sonepur, PIN-767019.
(CD-5) **Jashobanti Hota,** D/o- Late Mrutyunjaya Hota, At/PO: Bhandar, Dist.: Sonepur, PIN-767019.
(CD-6) **Basanti Hota,** D/o- Late Mrutyunjaya Hota, At/PO: Bhandar, Dist.: Sonepur, PIN-767019.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/345/2016** an amount of **Rs.15,50,559.00 (Rupees Fifteen Lakhs Fifty Thousands Five Hundred Fifty Nine Only)** along with pendentellite and future interest @ 10.00 % Simple Interest Yearly w.e.f. **24.05.2016** till realization and costs of **Rs.18,000/- (Rupees Eighteen Thousands Only)** has become due against you (Jointly and severally).

2. You are hereby directed to pay the above sum **within 15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **05.07.2022 at 10:30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for reovering the amount due.

Given under my hand and the seal of the Tribunal, on this date: **05.04.2022.**

Sd/- Recovery Officer
DEBTS RECOVERY TRIBUNAL, CUTTACK

---

FORM NO. 14
[See Regulation 33(2)]
OFFICE OF THE RECOVERY OFFICER-I/II
DEBTS RECOVERY TRIBUNAL, CUTTACK
C/71, Sector-7, CDA, Cuttack-753014, Odisha
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/12/2019 19.05.2022

UTKAL GRAMEEN Bank
Versus
T. MOSHE REDDY

To,
(CD-1) **T. Moshe Reddy,** S/o- T. Venkat Reddy, At: Keshapali (Reddypada), PO: Maltigunderpur-768005.
(CD-2) **T. Manga Reddy,** W/o- T. Venkat Reddy, At: Keshapalli (Reddy Pada), PO: Maltigunderpur-768005.
(CD-3) **Sanjosh Panda,** S/o: Nityananda Panda, At: Golabandh, PO: Maltigunderpur-768005.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/499/2016** an amount of **Rs.11,60,832.00 (Rupees Eleven Lakhs Sixty Thousands Eight Hundred Thirty Two Only)** along with pendentellite and future interest @ 10.00 % Simple Interest Yearly w.e.f. **21.03.2016** till realization and costs of **Rs.14,000/- (Rupees Fourteen Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum **within 15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **19.08.2022 at 10:30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for reovering the amount due.

Given under my hand and the seal of the Tribunal, on this date: **19.05.2022.**

Sd/- Recovery Officer
DEBTS RECOVERY TRIBUNAL, CUTTACK

---


See Career Appointment on every Wednesday & Saturday

## ସଂକ୍ଷେପରେ

### ଚୋରା ମଦ କାରବାର: ୪ ଗିରଫ



ଜୟପୁର, ୭।୬ (ନି.ପ୍ର.)-ବେଆଇନ ଭାବେ ମଦ କାରବାର କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ୪ଟି ସ୍ଥାନରେ ଚଢ଼ାଉକରି ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ୫୮ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ବାରିଣିପୁଟ ଗ୍ରାମର ଗୋବିନ୍ଦ ଖିଲ, ଲକି ଖିଲ, ବାଲିଆ ଗ୍ରାମର ଚମ୍ପା ନାୟକ, ସୁନା ନଗରର ରାମଚନ୍ଦ୍ର ଜାନି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

### ବିଶ୍ୱ ପରିବେଶ ଦିବସ
### ଅନୁକୂଳ ଚନ୍ଦ୍ର ଆଶ୍ରମରେ ଲାଗିଲା ଔଷଧୀୟ ବୃକ୍ଷ

ସୁନାବେଡା/ସେମିଲିଗୁଡା,୭।୬(ସ୍ୱ.ପ୍ର.)- ସେମିଲିଗୁଡା ସହରକୁ ସବୁଜ ଓ ସୁନ୍ଦର କରିବା ଉଦ୍ଦେଶ୍ୟ ନେଇ ୨୦୧୫ରେ ଗଠିତ ଇକୋ ଫ୍ରେଣ୍ଡଲି ଗ୍ରୀନ୍ ସେମିଲିଗୁଡା ଗ୍ରୁପ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅନୁକୂଳ ଚନ୍ଦ୍ର ଆଶ୍ରମରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଗ୍ରୁପର ବରିଷ୍ଠ ସଦସ୍ୟ ବିଜୟ ସାହୁ, ଡ. ଉମା ଶଙ୍କର ପ୍ରସାଦ ପାତ୍ର, ସ୍ୱରାଜ ରାୟ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଆନନ୍ଦ ମୌଳି ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। କ୍ରମବର୍ଦ୍ଧିଷ୍ଣୁ ସେମିଲିଗୁଡା ସହରରେ ଜନସଂଖ୍ୟା ତୁଳନାରେ ବୃକ୍ଷଲତାର ଅଭାବ ଦେଖା ଦେଇଥିବା ଯୋଗୁ ଏହି ଗ୍ରୁପ ପକ୍ଷରୁ ନିୟମିତ ଭାବେ ସହରର ବିଭିନ୍ନ ଅନୁଷ୍ଠାନ ଏବଂ ବାସଗୃହ ପରିସରରେ ବୃକ୍ଷ ରୋପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେମିଲିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମଧ ସଂଘ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପଚନ୍ଦ୍ର ପାତ୍ର, ରଘୁନାଥ ପାଣିଗ୍ରାହୀ, ଡ. ଚିତ୍ତରଞ୍ଜନ ମିଶ୍ର, ଅଜୟ ସାହୁ, ମମତା ରାୟ, ଈଶ୍ୱର ଚନ୍ଦ୍ର ଗୁରୁ, ପାଣ୍ଡୁ ଚରଣ ସାହୁ, ଭୁବନେଶର ପଟ୍ଟନାୟକ, କେଶବ ସାହୁ , ଏନ.କେ. ଧୀବର, ଚିନ୍ତାମଣି ପୃଷ୍ଟି ଅଂଶଗ୍ରହଣ କରିଥିଲେ।

### ଡାକ୍ତରଖାନାରେ ହୋଇପାରୁନି ବିଭିନ୍ନ ପରୀକ୍ଷା

ବୈପାରିଗୁଡ଼ା,୭।୬(ଡି.ଏନ୍.ଏ.)-କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ସଦର ମହକୁମାରେ ଥିବା ଡାକ୍ତରଖାନାରେ ଝାଡ଼ା,ପରିସ୍ରା ସହ ବିଭିନ୍ନ ପରୀକ୍ଷା ହୋଇପାରୁ ନାହିଁ। ଫଳରେ ରୋଗୀମାନେ ଏ ସବୁର ପରୀକ୍ଷା ବାହାରେକରି ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ବୈପାରିଗୁଡ଼ାରେ କୌଣସି ପଞ୍ଜୀକୃତ ଲାବ୍ ନାହିଁ । ଫଳରେ ପରୀକ୍ଷା ପରେ ଏହାର ରିପୋର୍ଟର ସଠିକତା ନେଇ ପ୍ରଶ୍ନ ଉଠୁଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅଧିରାଜ ସାହୁଙ୍କୁ ପଚାରିବାରୁ ଏଥିପାଇଁ ଆବଶ୍ୟକ କେମିକାଲ ସରିଯାଇଛି । ଖୁବ୍ ଶୀଘ୍ର ଏହା ମଗାଯିବ ବୋଲି ସେ ସଫେଇ ଦେଇଥିଲେ। ସୂଚନାଯୋଗ୍ୟ, ଏଠାରେ ପ୍ରାୟ ବର୍ଷେ ହେବେ ବିଭିନ୍ନ ପରୀକ୍ଷା ହେଉନାହିଁ ।

### ଏସ୍‌ଏଚ୍‌ଜିଙ୍କ ଆର୍ଥିକ ଅଭିବୃଦ୍ଧି ନେଇ ଗୁରୁତ୍ୱାରୋପ

କୋରାପୁଟ,୭।୬ (ସ୍ୱ.ପ୍ର. )- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକର ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ନେଇ ମଙ୍ଗଳବାର ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସଭାଗୃହଠାରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଏସଏଚଜି ମାଧମରେ ସେବା ଯୋଗାଣ ଏବଂ ସାମଗ୍ରୀ କ୍ରୟ ପାଇଁ ବିଭିନ୍ନ ସରକାରୀ ବିଭାଗ ସହିତ ମିଶନ ଶକ୍ତିର ଏହି ଜିଲାସ୍ତରୀୟ ବୈଠକ ହୋଇଥିଲା। ଜିଲା ସାମାଜିକ ମଙ୍ଗଳ ଅଧିକାରୀ ବିଦ୍ୟୁତ୍‌ଲତା ପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅରୁଣ ପାଢୀ, ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋପୀନାଥ ସାରକାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ସରକାରୀ ଯୋଜନା ଓ ବ୍ଲକସ୍ତରୀୟ ମହିଳା ଏସଏଚଜି ଚୟନ ଆଲୋଚନା ହୋଇଥିବା ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର କହିଛନ୍ତି। ବର୍ତ୍ତମାନ ଜିଲାର ବିଭିନ୍ନ ସରକାରୀ ବିଭାଗରେ ୧୮୮୬ ଟି ମହିଳା ଏସଏଚଜି ନିୟୋଜିତ ହୋଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ମହିଳା ଏସଚଜିଙ୍କୁ ଚୟନ କରାଯାଇ ସ୍ୱାସ୍ଥ୍ୟ ବିଭାଗରେ ନିୟୋଜିତ କରାଯିବ ସଂଯୋଜକ ମହାପାତ୍ର କହିଥିଲେ।

# ଖୋଲା ଆକାଶ ତଳେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ମାଲକାନଗିରି, ୭।୬ (ଡି.ଏନ୍.ଏ.)



ଖୋଲା ଆକାଶ ତଳେ କୋମଳମତି ଶିଶୁମାନେ ଶିକ୍ଷା ଗ୍ରହଣ କରୁଛନ୍ତି।

ମାଲକାନଗିରି ଜିଲାରେ ଖୋଲା ଆକାଶ ତଳେ କେତେକ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରଶାସନ ଜାଣିଥିଲେ ସୁଦ୍ଧା ନୀରବ ରହୁଛି। କୋମଳମତି ଶିଶୁଙ୍କ ପାଠପଢ଼ା ଲାଗି ୫ ବର୍ଷ ତଳେ ନିର୍ମାଣ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର ଏ ଯାଏ ସରିନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଖଇରପୁଟ ବ୍ଲକ ବଣ୍ଡାଘାଟିର ବନ୍ଧଗୁଡ଼ା ଗ୍ରାମରେ। ଏଠାରେ ଶିଶୁଙ୍କ ପ୍ରାକ୍ ଶିକ୍ଷା ଲାଗି ୭ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ଏଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ କୋମଳମତି ଶିଶୁମାନେ ଖୋଲା ଆକାଶ ତଳେ ଅସ୍ୱାସ୍ଥ୍ୟକର ପରିବେଶରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ଖୁବ୍ ଶୀଘ୍ର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏ ଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# କୋରୁକୋଣ୍ଡାରୁ ୭, ବାଲିମେଳାରୁ ୨ ଶିଶୁ ଶ୍ରମିକ ଉଦ୍ଧାର

କୋରୁକୋଣ୍ଡା, ୭।୬(ଡି.ଏନ୍.ଏ.)

ରାଜ୍ୟ ଏବଂ କେନ୍ଦ୍ର ସରକାର ଶିଶୁ ଶ୍ରମିକଙ୍କୁ ବିଦ୍ୟାଳୟମୁହାଁ କରିବା ଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ସଚେତନତା ଅଭାବରୁ ଶିଶୁ ଶ୍ରମିକ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ମଙ୍ଗଳବାର ମାଲକାନଗିରି ଜିଲାର କୋରୁକୋଣ୍ଡା ଓ ବାଲିମେଳାରୁ ୯ଜଣ ଶିଶୁଶ୍ରମିକ ଉଦ୍ଧାର ହୋଇଛନ୍ତି। କୋରୁକୋଣ୍ଡା ବ୍ଲକ ସଦରରେ ନିର୍ମାଣ ଚାଲିଥିବା ବୃଦ୍ଧାଶ୍ରମ କାର୍ଯ୍ୟରେ ନିୟୋଜିତ ହୋଇଥିବା ୭ଜଣ ଶିଶୁ ଶ୍ରମିକଙ୍କୁ ଜିଲା ଶ୍ରମ ବିଭାଗ, ଶିଶୁ ମଙ୍ଗଳ ସମିତି, ଶିଶୁ ସୁରକ୍ଷା ବିଭାଗ ମିଳିତ ଭାବେ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ୭ ଜଣ ଯାକ ଝିଅ ପିଲା ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅଧୀନ ନାୟକଗୁଡ଼ା ଗ୍ରାମର ୩ ଜଣ ହୋଇଥିବା ବେଳେ ଆଉ ୪ଜଣ କୋଇଲିପାରି ଗ୍ରାମର ବୋଲି ଜଣାପଡିଛି। ସେହିପରି ବାଲିମେଳାଠାରୁ ମଧ ୨ଜଣ ଶିଶୁଶ୍ରମିକ କାମ କରୁଥିବା ବେଳେ ଉଦ୍ଧାର ହୋଇଛନ୍ତି। ସମସ୍ତଙ୍କୁ କାଉନସେଲିଂ ପରେ ସ୍ୱଧାର ଗୃହରେ ରଖାଯାଇଥିବା ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ କହିଛନ୍ତି। ତେବେ ଏପରି ଶିଶୁ ଶ୍ରମିକ ଉଦ୍ଧାର ପ୍ରକ୍ରିୟା ଜାରି ରହିବ ବୋଲି ଶିଶୁ ମଙ୍ଗଳ ସମିତି ସଦସ୍ୟା ତୁମୁକି ବେହେରା କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ମାଲକାନଗିରି ଜିଲା ପ୍ରଶାସନ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କ ଘରକୁ ପଠାଇଥିଲା।

# ଲୋକଙ୍କୁ ନୁହେଁ ଠିକାଦାରଙ୍କୁ ଗୁରୁତ୍ୱ ମିଳୁଛି

## ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ

କୋଟପାଡ଼, ୭।୬(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ବ୍ଲକସ୍ତରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ଉନ୍ନୟନମୂଳ କାର୍ଯ୍ୟଗୁଡ଼ିକ ଠିକ୍ ରୂପେ ଆଗେଇ ନ ପାରିବା ଏବଂ ସରକାରୀ କର୍ମଚାରୀମାନେ କାର୍ଯ୍ୟ ସମ୍ପର୍କରେ ଜନ ପ୍ରତିନିଧିଙ୍କୁ ସୂଚନା ଦେଉ ନ ଥିବା ସଭ୍ୟାସଭ୍ୟମାନେ ଅଭିଯୋଗ କରିଥିଲେ। ମୁଖ୍ୟତଃ ରାସ୍ତାଘାଟ ମରାମତି ସହ ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଲୋକଙ୍କୁ ନିୟୋଜିତ କରା ନ ଯିବା ଏବଂ ଠିକାଦାରମାନଙ୍କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯାଉଥିବା ବୈଠକରେ ଅଭିଯୋଗ ଉଠିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଜଙ୍ଗଲ ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲେକା, ବିଡିଓ, ତ୍ରିପତି ଚାଲାଣ, ଗୀତାଞ୍ଜଳି ମାଝି, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଏମ୍‌ପି ପ୍ରତିନିଧି ତ୍ରିପତି ମହାନ୍ତି, ବିଧାୟକ ପ୍ରତିନିଧି ସୁଧୀର ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୧୧ରୁ ଦାମନଯୋଡ଼ିରେ ଜାତୀୟ ସ୍ତରର ସାହିତ୍ୟ ଉତ୍ସବ

ଦାମନଯୋଡ଼ି,୭।୬(ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଦାମନଯୋଡ଼ିରେ ଜାତୀୟ ସ୍ତରର ସାହିତ୍ୟ ଉତ୍ସବ ଅନୁଷ୍ଠିତ ହେବ । କେନ୍ଦ୍ର ସାହିତ୍ୟ ଏକାଡେମୀ ସହଯୋଗରେ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ବିଦେଶରୁ ବିଭିନ୍ନ ଭାଷାର ସାହିତ୍ୟିକମାନେ ଯୋଗଦେବେ। ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ ସ୍ଥାନୀୟ ଜନଜାତି ସାହିତ୍ୟ, ସଂସ୍କୃତି ଓ ଭାରତର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ନିଃସ୍ୱାର୍ଥପର ଯୋଗଦାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିବେ। ଉତ୍ସବକୁ ଆସିଥିବା ବିଭିନ୍ନ ଭାଷାଭାଷୀର କବି କବୟିତ୍ରୀମାନେ ନିଜ କବିତା ପାଠ କରିବେ। ଏଥିସହିତ ସାହିତ୍ୟ ପ୍ରତି ପିଲାଙ୍କ ଅନୁରକ୍ତି ବୃଦ୍ଧି ଲାଗି ସେମାନଙ୍କ ମଧ୍ୟରେ ବକ୍ତୃତା ଓ କବିତା ପାଠ ନେଇ ପ୍ରତିଯୋଗିତା ହେବା କାର୍ଯ୍ୟକ୍ରମ ରହିଥିବା ଆୟୋଜକ ଡ.ମନୋଜ କିଶୋର ନାୟକ କହିଛନ୍ତି।

### ମ୍ୟାଲେରିଆ, ଡେଙ୍ଗୁ ନେଇ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୭।୬ (ସ୍ୱ.ପ୍ର. )

କୋରାପୁଟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋରାପୁଟ ମ୍ୟୁନିସପାଲିଟିର କାଉନସିଲରମାନଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନ କରାଯାଇଛି । ମଙ୍ଗଳବାର ମ୍ୟୁନିସପାଲିଟି ସଭାଗୃହରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପଜିଲାପାଳ ଲଳିତ କହଁର, ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ସୁଶାନ୍ତ ଦାସ, ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପାଧ୍ୟକ୍ଷା ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା ଦିନରେ ସହରାଞ୍ଚଳରେ ଡେଙ୍ଗୁର ପ୍ରଭାବ ଅଧିକ ହେବା ଆଶଙ୍କା ଥିବା ନେଇ କାଉନସିଲରମାନଙ୍କୁ ଡାକ୍ତର ଦାସ ଅବଗତ କରାଇଥିଲେ। କାଉନସିଲମାନେ ପ୍ରତି ୱାର୍ଡକୁ ଯାଇ ସେଠାରେ ସାହିବାସିନ୍ଦାଙ୍କୁ ଏହି ରୋଗର ଲକ୍ଷଣ ଏବଂ ନିଜ ଚାରିପାଖର ପରିବେଶକୁ କିପରି ସ୍ୱଚ୍ଛତା ରଖିବେ ସେନେଇ ସଚେତନ କରିବାକୁ ପୌରାଧ୍ୟକ୍ଷ ସେଠୀ କହିଥିଲେ। ବୈଠକରେ ସମସ୍ତ କାଉନସିଲରଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ରାଜମହେନ୍ଦ୍ରିବରମରୁ ଦୁର୍ଦ୍ଦାନ୍ତ ଅପରାଧୀ ରଞ୍ଜିତ ଗିରଫ

ଜୟପୁର, ୭।୬ (ନି.ପ୍ର.)



ଗିରଫ ରଞ୍ଜିତ୍ ।

ଦୁର୍ଦ୍ଦାନ୍ତ ଅପରାଧୀ ରଞ୍ଜିତ ବାଘଙ୍କୁ ମଙ୍ଗଳବାର ଜୟପୁର ସଦର ପୋଲିସ ଗିରଫ କରିଛି। ତାଙ୍କ ଘର ଉମୁରି ଗ୍ରାମରେ । ନିକଟରେ ଏକ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ଜୟପୁର ଘାଟିର ଶିବମନ୍ଦିର ନିକଟରେ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ସୁନ୍ଦରଗଡ ଜିଲାର ସୁରଜ ଯାଦବଙ୍କୁ ଗିରଫ କରି ତାଙ୍କଠାରୁ ୪୧୭ କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏହି ସମୟରେ ଉମୁରି ଗ୍ରାମର ରଞ୍ଜିତ ବାଘ ଫେରାର ହୋଇଯାଇଥିଲେ। ମଙ୍ଗଳବାର ରାଜମହେନ୍ଦ୍ରିବରମରୁ ରଞ୍ଜିତଙ୍କୁ ଗିରଫ କରାଯାଇଛି। ରଞ୍ଜିତଙ୍କ ନାମରେ ୯ଟି ଅପରାଧୀକ ମାମଲା ରହିଛି । କୋରାପୁଟ ଜିଲାର ଜୟପୁର ଟାଉନଥାନା, ସଦରଥାନା, ମାଛକୁଣ୍ଡ, କୋରାପୁଟ ଟାଉନଥାନା, କୁନ୍ଦୁରା, ଦିଲ୍ଲୀ ଓ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଥାନାରେ ରଞ୍ଜିତଙ୍କ ନାମରେ ମାମଲା ରହିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଶିକ୍ଷକ ସମାବେଶରେ କୋରାପୁଟ ଜିଲାରୁ ଯୋଗଦେବେ ଶତାଧିକ ଶିକ୍ଷକ



ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ।

## ଓଷ୍ଟା ବୈଠକରେ ନିଷ୍ପତ୍ତି

ସୁନାବେଡ଼ା,୭।୬(ସ୍ୱ.ପ୍ର.)

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର କୋରାପୁଟ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲା ସଭାପତି ସୁଶାନ୍ତ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଶିକ୍ଷକ ସମାବେଶରେ ଜିଲାର ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସରକାରଙ୍କ ପକ୍ଷରୁ ନୂତନ ଭାବେ ଅନୁଦାନ ପାଉଥିବା ଶିକ୍ଷକମାନଙ୍କ ସପ୍ତମ ବେତନ ଅସଙ୍ଗତି ଦୂରକରିବା, ସପ୍ତମ ବେତନ କମିଶନରୁ ବାଦ୍ ପଡ଼ିଥିବା ୨୨୫ କଲେଜ ଏବଂ ୩୯୯ ହାଇସ୍କୁଲକୁ ତୁରନ୍ତ ଅନ୍ତର୍ଭୁକ୍ତ କରିବା, ଅନୁଦାନରୁ ବାଦ୍ ପଡ଼ିଥିବା ୧୭୭ ହାଇସ୍କୁଲକୁ ତୁରନ୍ତ ଏଥିରେ ସାମିଲ କରିବା, ସ୍କୁଲଗୁଡ଼ିକରେ ଖାଲିପଡ଼ିଥିବା ଶିକ୍ଷକ ପଦ ପୂରଣ କରିବା ନେଇ ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ କୋରାପୁଟ ଜିଲାର ୧୪ ବ୍ଲକରୁ ୨ ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଓଷ୍ଟାର ଜିଲା ସମ୍ପାଦକ ଅଶୋକ ପଟ୍ଟନାୟକ କହିଛନ୍ତି। ଓଷ୍ଟାର ରାଜ୍ୟ ଉପସଭାପତି ରାମକୃଷ୍ଣ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ବୈଦ୍ୟ, ଜିଲା କାର୍ଯ୍ୟକାରୀ ସଭାପତି ବିଜୟ ଭଞ୍ଜଙ୍କ ସମେତ ୫୦ ରୁ ଊର୍ଦ୍ଧ୍ୱ ଶିକ୍ଷକ ଉପସ୍ଥିତ ଥିଲେ।

# ସୋରିଷପଦରରେ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜନସାଧାରଣ ।

ସେମିଲିଗୁଡ଼ା/ସୁନାବେଡ଼ା,୭।୬(ସ୍ୱ.ପ୍ର.)

କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ସୋମବାର ସେମିଲିଗୁଡ଼ା ପଞ୍ଚାୟତ ସମିତି ଆନୁକୂଲ୍ୟରେ ସୋରିଷପଦର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜେଟୁ ହନ୍ତାଳଙ୍କ ସଭାପତିତ୍ୱରେ ହୋଇଥିବା ଏହି ଶିବିରରେ ସେମିଲିଗୁଡ଼ା ପଞ୍ଚାୟତ ସମିତିର ହିସାବ ଅଧିକାରୀ ଅକ୍ଷୟ ମିଶ୍ର, ଏପିଓ ସୌମେନ୍ଦ୍ର ମିଶ୍ର, ବିଏସ୍‌ଏସ୍‌ଓ ମମତା ବେହେରା, ଆଇସିଡିଏସ୍ ସୁପରଭାଇଜର କନକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଜନସାଧାରଣଙ୍କ ୪୪ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେମାନଙ୍କ ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ସ୍ଥାୟୀ କମିଟି ଓ ତା'ର କାର୍ଯ୍ୟ ନେଇ ନବ ନିର୍ବାଚିତ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଗ୍ରାମବାସୀ ଶିବିରରେ ଯୋଗଦେଇଥିଲେ।

# ଜୟପୁର ଘାଟିରେ ଓଲଟିଲା ଟ୍ରକ୍

ଜୟପୁର,୭।୬(ନି.ପ୍ର.)



ଜୟପୁର ଘାଟିରେ ମଙ୍ଗଳବାର ଏକ ଟ୍ରକ୍ ଓଲଟିପଡ଼ିଛି। ଜୟପୁରରୁ ଚାଉଳ ଧରି ଆନ୍ଧ୍ର ଯାଉଥିବା ଏହି ଟ୍ରକ୍ ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ଫଳରେ ଏଥିପାଇଁ ଉଭୟ ପାର୍ଶ୍ୱରେ ରାସ୍ତା ଜାମ୍ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଚାଉଳକୁ ଅନ୍ୟ ଏକ ଟ୍ରକ୍‌ରେ ଲୋଡ୍ କରି ଓଲଟିପଡ଼ିଥିବା ଟ୍ରକ୍‌କୁ ହଟାଇବା ପରେ ଟ୍ରାଫିକ ସମସ୍ୟା ସୁଧୁରିଥିଲା।

# ଗଞ୍ଜେଇ ବ୍ୟାଗ୍ ସହ ଯୁବକ ଗିରଫ

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ.)

ପ୍ରାତଃ ଭ୍ରମଣରେ ଗଞ୍ଜେଇ ବ୍ୟାଗ ସହ ଜଣେ ଯୁବକଙ୍କୁ ମଙ୍ଗଳବାର ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଗିରଫ କରିଛନ୍ତି। ରାସ୍ତାରେ ସାଇକଲିଂ କରୁଥିବା ବେଳେ ଯୁବକଙ୍କୁ ସନ୍ଦେହ କରି ବ୍ୟାଗ ଖୋଲିବାକୁ କହିଥିଲେ ଥାନାଧିକାରୀ। ପ୍ରାୟ ୧୦ କିଲୋ ଗଞ୍ଜେଇର ଏକ ପ୍ୟାକେଟ ଧରି କଲେଜ ବ୍ୟାଗରେ ନେଉଥିଲେ ଯୁବକ। ଜିଲାପାଳ କାର୍ଯ୍ୟାଳୟ ନିକଟ ମୁଖ୍ୟରାସ୍ତାରେ ଯାଉଥିବା ବେଳେ ଅପର ପଟରୁ ସାଇକେଲିଂ କରି ଆସୁଥିଲେ ଆଇଆଇସି, ଏହି ସମୟରେ ଯୁବକ ଉପରେ ତାଙ୍କର ନଜର ପଡ଼ିଥିଲା। ଘଟଣାସ୍ଥଳରୁ ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଗାଡ଼ି ପହଞ୍ଚି ଯୁବକଙ୍କୁ ଧରିଥିଲା।

# ଟିକରପଡ଼ାରେ ସ୍ୱାସ୍ଥ୍ୟସେବା ଶିବିର

କୁଡୁମୁଲୁଗୁମ୍ମା,୭।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଟିକରପଡ଼ା ଗ୍ରାମରେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୬ଜଣ ମ୍ୟାଲେରିଆରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହେବାକୁ ଚିକିତ୍ସା ଅଧିକାରୀ ପରାମର୍ଶ ଦେଇଥିଲେ। ଶିବିରରେ ମଧ ୬ ଜଣଙ୍କ କଫ ପରୀକ୍ଷା କରାଯାଇଥିଲା। ରୋଗୀଙ୍କୁ ଫୁଟା ପାଣି ପିଇବା, ମଶାରି ବ୍ୟବହାର କରିବାକୁ ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ ରଞ୍ଜନ ନାୟକ, ଶୁଭଲକ୍ଷ୍ମୀ ଦାସ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।



ଟିକରପଡ଼ା ବିଦ୍ୟାଳୟରେ ଚାଲିଥିବା ସ୍ୱାସ୍ଥ୍ୟସେବା ଶିବିର।

# ପଡେ଼ଇପୁଟ ଗ୍ରାମବାସୀ ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ

## ଅଚିହ୍ନା ଲୋକ କରୁଛନ୍ତି ଦୁର୍ବ୍ୟବହାର

କୋରାପୁଟ,୭।୬(ସ୍ୱ.ପ୍ର.)





ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ମହିଳା।

ଗ୍ରାମରେ ଅଚିହ୍ନା ଏବଂ ଅଣଓଡିଆ ଲୋକେ ପଶି ମହିଳାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମଙ୍ଗଳବାର ମହିଳାମାନେ ଜିଲାପାଳ ଓ ଏସପିଙ୍କୁ ଭେଟି ନିବେଦନ କରିଛନ୍ତି। ଏହି ଅବସରରେ ସେମାନେ ଏକ ଅଭିଯୋଗ ଅଭିଯୋଗପତ୍ର ଦେଇଛନ୍ତି। ସେମାନଙ୍କ ଘର ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତର ପଡେଇପୁଟ ଗ୍ରାମରେ।

ଖବରରୁ ଜଣାପଡିଛି ଗତ ପ୍ରାୟ ୨ ମାସ ହେଲା ଗ୍ରାମର କେତେକ ଘରକୁ ଅଚିହ୍ନା ଏବଂ ଅଣଓଡିଆ ଲୋକେ କୋରାପୁଟ ସଦର ଥାନା ପୋଲିସ ସହ ଆସି ଗ୍ରାମର ମହିଳାମାନଙ୍କୁ ବିଭିନ୍ନ କଟୁ ଭାଷାକହୁଛନ୍ତି। ଗ୍ରାମରେ ଦିନବେଳା ପୁରୁଷ ଲୋକେ ନ ଥିବାବେଳେ ବାରମ୍ବାର ଏହି ଅଣଓଡିଆ ଲୋକେ ଆସି ଆମକୁ ଦୁର୍ବ୍ୟବହାର କରୁଛନ୍ତି। ଅନେକ ସମୟରେ ଆମ ଅଞ୍ଚଳ ଜଙ୍ଗଲରେ ଚରୁଥିବା ଚରୁଥିବା ଛେଳି ମଧ ହଜୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଚିହ୍ନା ବ୍ୟକ୍ତିଙ୍କ ପାଇଁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ସେମାନେ ସର୍ବଦା ଭୟରେ ରହୁଛନ୍ତି ବୋଲି ପଡେଇପୁଟ ଗ୍ରାମର ମହିଳାମାନେ କହିଛନ୍ତି। ଏଦିଗରେ ଜିଲା ପ୍ରଶାସନ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଗାଦିଆଗୁଡା ନାଏବ ସରପଞ୍ଚ ରିନା ନାୟକଙ୍କ ନେତୃତ୍ୱରେ ଗ୍ରାମର ହୀରାମଣି ନାୟକ, ତଳୋତମା ନାୟକ, ନିଳା ଜେନା, ଡାଲିମ୍ବ ଜେନା, ଡାଲିମ୍ବ ନାୟକ, କୈଶଲ୍ୟା ନାୟକ ଲକ୍ଷ୍ମୀ ନାୟକ, ପୁଷ୍ପା ନାୟକ, ରଜନୀ ନାୟକଙ୍କ ସହ ୩୦ ରୁ ଊର୍ଦ୍ଧ୍ୱ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣା ନେଇ କୋରାପୁଟ ସଦର ଥାନା ଅଧିକାରୀ କିରଣବାଳା ସାମଲଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ପୋଲିସ ସହଯୋଗ କରଛି। ସେମାନଙ୍କ ଅଭିଯୋଗ ଭିତିହୀନ ବୋଲ କହିଛନ୍ତି।

# ରଥଖଳାରେ ରଥ ନିର୍ମାଣ, ମନ୍ଦିର ସଫେଇ ଆରମ୍ଭ



ମନ୍ଦିର ସଫେଇ କରାଯାଉଛି।

**ମୁନିଗୁଡ଼ା, ୭।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରେ ହେବାକୁ ଥିବା ରଥଯାତ୍ରା ନିମନ୍ତେ ବଡ଼ଠାକୁରଙ୍କ ରଥ,ପଥ ଆଉ ମନ୍ଦିର ପ୍ରସ୍ତୁତିରେ ତତ୍ପରତା ଦେଖାଯାଉଛି। ମହାରଣା ସେବାୟତ ଓ ରଥଯାତ୍ରା ପରିଚାଳନା କମିଟି ସଭାପତି ଭାଗିରଥି ନାଗ ଓ ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓଙ୍କ ମିଳିତ ନେତୃତ୍ୱରେ ରଥ ନିର୍ମାଣ ପାଇଁ ପ୍ରାଥମିକ ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ଏହାସହ ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିର ସଫେଇ, ମନ୍ଦିର ପରିବେଶରେ ସ୍ୱଚ୍ଛତା କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ ରଥଯାତ୍ରା କିପରି ବିଧି ବିଧାନର ସହ ସମ୍ପନ୍ନ ହେବ ସେଥିପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀଜୀଉଙ୍କ ସ୍ନାନବେଦୀର ମରାମତି ସହ ଉପରେ ସ୍ଥାୟୀ ଛପର ବ୍ୟବସ୍ଥା, ପହଣ୍ଡି ବିଜେ ସମୟର ଆବଶ୍ୟକ ବ୍ୟବସ୍ଥା, ବଡ ଦାଣ୍ଡରେ ରଥାରୂଢ଼ ତିନିଠାକୁରଙ୍କ ମାଉସୀମା ଘରକୁ ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ନୀଳାଦ୍ରୀ ବିଜେର ସମସ୍ତ ବ୍ୟବସ୍ଥା ଯେପରି ତ୍ରୁଟିଶୂନ୍ୟ ଓ ପରମ୍ପରା ଅନୁସାରେ ହେବ ସେଥିପାଇଁ ମନ୍ଦିର ପରିଚାଳନା କମିଟି ଲାଗିପଡିଛି। ଘୋଷଯାତ୍ରା ପ୍ରସ୍ତୁତି କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସହିତ ସରପଞ୍ଚ ସରସ୍ୱତୀ ଶବର, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ତ୍ରିନାଥ ପଣ୍ଡା, ବି.ଉମାଶାଙ୍କର ପାତ୍ର, ରମେଶ ଗୌଡ଼, ବିରଞ୍ଚି ପଲକିଆ, ରାଜି ସାହୁ, ସୁରେଶ ବାବୁ ଏବଂ ସେବାୟତ ମହାରଣାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ। ତିନିଠାକୁରଙ୍କ ଘୋଷଯାତ୍ରା ଉପଲକ୍ଷେ ବ୍ୟାପକ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଶାନ୍ତି ଶୃଙ୍ଖଳା ତଥା ସମସ୍ତ ବୈଦିକ ନୀତି ନିୟମରେ ଏହି ଦୈବକାର୍ଯ୍ୟ ହେବ ବୋଲି ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ କହିଛନ୍ତି।

## ୨୩ ଗାଡ଼ି ଜବତ, ୧ଲକ୍ଷ ୧୫ ହଜାର ଜରିମାନା ଆଦାୟ

### ଗାଡ଼ିମୋଟର ଯାଞ୍ଚ

**କୋରାପୁଟ,୭।୬(ସ୍ୱ.ପ୍ର.)**

କୋରାପୁଟ ଟାଉନ ଥାନା ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ଅଞ୍ଚଳରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ଚଢ଼ାଉ କରାଯାଇଛି। ବେଆଇନ ଗାଡ଼ି ଚଳାଚଳ, ମୋବାଇଲ ଧରି ଗାଡ଼ି ଚଳାଇବା ଅଭିଯୋଗରେ ୨୩ ବାଇକ ଜବତ କରାଯିବା ସହ ଅମାନିଆଙ୍କଠାରୁ ଏକ ଲକ୍ଷ ୧୫ ହଜାରର ଜରିମାନା ଆଦାୟ କରାଯାଇଥିବା କୋରାପୁଟ ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏପରି ଚଢ଼ଉ ଆସନ୍ତା ଦିନରେ ଜାରି ରହିବ ବୋଲି ସେ କହିଛନ୍ତି।



ଜବତ ଗାଡ଼ି।

# ବିଡିଓଙ୍କୁ ଗାଁ ସାଥୀଙ୍କ ଦାବିପତ୍ର

**ବିଷମକଟକ, ୭।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ଏନ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟରତ ଗାଁ ସାଥି (ମେଟ) ପକ୍ଷରୁ ମଙ୍ଗଳବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ନିର୍ଦ୍ଦେଶାନୁଯାୟୀ ନ୍ୟାସନାଲ ମୋବାଇଲ ମାନେଟ୍ରିଙ୍ଗ ସିଷ୍ଟମରେ ମେଟ ପଞ୍ଜିକୃତ କରିବାକୁ ଦାବି ହୋଇଛି। ପଞ୍ଚାୟତରାଜ ବିଭାଗରୁ ୨୦୧୯ ଜାନୁୟାରୀ ୧ରେ ଚିଠି ନମ୍ବର ୯୪୦ରେ ନିର୍ଦ୍ଦେଶାନୁଯାୟୀ, ଏସ୍‌ଓଜିଙ୍କୁ ଗାଁ ସାଥୀଙ୍କର କୌଣସି କାର୍ଯ୍ୟ ନ ଦେବାକୁ ସ୍ପଷ୍ଟ କରାଯାଇଛି। ୧୦ ଦିନରୁଅଧିକ ପ୍ରକଳ୍ପ କାର୍ଯ୍ୟକୁ ଉଚିତ୍ ସରକାରୀ ପାଉଣା ସହିତ ପ୍ରଦାନ ବ୍ୟବସ୍ଥା, ଜିଲ୍ଲାର ସମସ୍ତ ବ୍ଲକରେ ଯେଉଁ ସବୁ ବିଭାଗରେ ଏନ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ଚାଲୁଛି ସେଥିରେ ଗାଁ ସାଥୀଙ୍କୁ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯେଉଁ ଅଧିକାରୀମାନେ ଏଥିରେ ବ୍ୟତିକ୍ରମ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗାଁ ସାଥୀ ମେଟ୍ ବ୍ଲକ ସଭାପତି ନରୋତ୍ତମ ଉଲ୍ଲାକା, ସାଧାରଣ ସମ୍ପାଦକ ଦାଶରଥୀ କୁହ୍ରୁକା, ଗଙ୍ଗାଧର ବେନିଆ, ସମ୍ପାଦିକ ଅନିତା ପିଡିକାକା , ଉପ ସଭାପତି ବାଦଲ୍ କୁମାର ରୋଣା, ସୁବାଷ ଚନ୍ଦ୍ର ପାନାଡା, ରାମଦାସ ଟାକ୍ରି, ଅଜିତ୍ କୁମାର ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।


**PARADIP PORT AUTHORITY**
**ENGINEERING DEPARTMENT**
**e-TENDER CALL NOTICE**

Name of the Work: "Cleaning of the roads, berms and disposal of debris/ spillage materials from Gate No.-II to BOT Sub-station Square, from Gate No.I to CISF Fire Station towards North Oil Jetty and from CISF Watch Tower No.6 near plot 17 to Wagon Tippler Junction including MCHP Road for the year 2022-23 (Zone - III). Estimated for cost Rs.1,40,85,468.64. The last date & time of submission: 16.06.2022 up to 17:00 hrs. For details please refer our website www.paradipport.gov.in/**https://eprocure.gov.in/eprocure/app**

**E.E, PRD, PPA**
**PPA/PR/162/22-23 dtd.07.06.2022**

**ODISHA PUBLIC SERVICE COMMISSION**
**NOTICE**

**No.5236/PSC, Dt.7.6.22**
**(1E-06-2022-23) (DR-II)**

**Corrigendum to Advertisement No. 20 of 2021-22 for recruitment to the post of Assistant Professor (Super Speciality) under H & F. W. Department.**

**No.D-61:**It is for information of all concerned that as per Govt. in H. & F. W. Department letter No. 10623./H & F.W., dt 17.05.2022, the vacancy position for in the discipline of "Neurology" has been revised "from 03 to 02" in connection with recruitment to the post of Assistant Professor (Super Speciality) under H. & F. W. Department, pursuant to Advertisement No. 20 of 2021-22, keeping all other vacancy position remain unchanged.

Further, as regards Para 04 of the aforesaid advertisement under title "Educational Qualification", the following paras have been added after last para :-

(i) **The candidates who are already appointed as Assistant Professor in a Medical College without experience as SR as per previous guidelines before 08.06.2017 shall not require the one year experience as SR for applying for Assistant Professor in another Medical College.**

(ii) **The candidates who are already working as Asst. Professor before 08.06.2017 to undergo SR ship, they are exempted from the teaching experience requirement of one year in the concerned subject.**

The Commission have allowed the opening of link for online registration **with effect from 10.06.2022 which will be closed on 24.06.2022** for the candidates who could not able to apply for the said post earlier for aforesaid reason. The payment of examination fees has been exempted for the candidates, as per Govt. in G. A. & P. G. Deptt. letter No. 9897/ Gen, dt. 11.04.2022.

The all other aspects of the advertisement for the said recruitment will remain unchanged.

The concerned candidates are advised to visit the website of the Commission at www.opsc.gov.in.

**Sd./-Secretary**
**OIPR-12002/11/0076/2223**

**ODISHA PUBLIC SERVICE COMMISSION, CUTTACK**
**NOTICE**

**No.5249/P.S.C, Dt.7.6.22**
**(1E-05-2022-23) (DR-II)**
**Website:http://www.opsc.gov.in**

**No.D-60:**It is for information of all concerned that the written examination for recruitment to the post of Assistant Professor (Broad Speciality) in Odisha Medical Education Service, under H. & F.W. Department, pursuant to Advertisement No. 19 of 2021-22 shall be conducted on 26.06.2022 (Sunday) as per the following programme at Cuttack. The detailed programme along with venue will be notified later in the website of the Commission.

| Date | Session/Time | Disciplines |
|---|---|---|
| 26.06.2022 (Sunday) | 1st Session 9.30 A.M. to 12.30 P.M. | Anaesthesiology, Anatomy, Bio-chemistry, (E.N.T) Oto-Rhino-Laryngology, F.M. & T, General Medicine, Microbiology, O & G, Ophthalmology, Orthopaedic Surgery, Paediatrics, Pharmacology, Physiology, Psychiatry, Radio-diagnosis, Community Medicine (S.P.M), Skin & V.D, General Surgery, T.B & C.D & Transfusion Medicine = 20 disciplines |
| | 2nd Session 2.00 P.M. to 5.00 P.M. | Phy. Medicine & Rehabilitation, Emergency Medicine & Pathology = 03 discipline |

The candidates are advised to visit the website of OPSC (www.opsc.gov.in) regularly for further updates.

**Sd./-Secretary**
**OIPR-12002/11/0074/2223**

**ZILLA SWASTHYA SAMITI, SUBARNAPUR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
**DISTRICT PROGRAMME MANAGEMENT UNIT, NHM**
**E-mail: nhm.subarnapur@gmail.com**
**Adv. No. 219/DPMU/NHM/22** **Date: 06.06.2022**

**CORRIGENDUM NOTICE**

No. E-202: In continuation to the Tender Call Notice 156/DPMU/NHM/2022 Dated 18.05.2022 regarding engagement of Techno Managerial & other manpower services on daily wage basis in different health institutions of Subarnapur district. The last date of submission of the tender has been extended to 16.06.2022 till 5 P.M. The technical proposal shall be opened on 17.06.2022 at 11 A.M. All other terms and conditions of the bid will remain unchanged.

**Sd./- CDM & PHO cum DMD, Subarnapur**
**OIPR-10118/11/0009/2223**

**Sambalpur Municipal Corporation**
**Sambalpur**
**Email Id:sambalpurm.hud@nic.in**
**No.........SMC/Eng.** **Dt...........**

**'e' Procurement NOTICE**
**Bid Identification No: 06/SMC_SBP/2022-23**

**No.C-462:**The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.

1. Number of Civil works: **45 (Forty Five) numbers**
2. Estimated Costs: **0.89 lakhs to 27.68 lakhs**
3. Period of completion: As per NIT
4. Date and time of availability of the bid documents in the portal: From **11.00 A.M. of 07.06.2022 to 05.00 PM of 27.06.2022**
5. Last Date/ Time for receipt of bids in the portal: **05.00 PM of 27.06.2022**
6. Bids will be opened on: **11.00 AM of Dt 28.06.2022**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur.**

**Sd./- Commissioner, Sambalpur Municipal Corporation**
**OIPR-13122/11/0022/2223**

**ODISHA BUILDING & OTHER CONSTRUCTION WORKERS WELFARE BOARD**
**OFFICE OF THE LABOUR COMMISSIONER**
**ODISHA, BHUBANESWAR**
**No:OBOCWW/642** **Date:04.06.2022**

**NOTICE INVITING PROPOSAL FOR ENGAGEMENT OF CHARTERED ACCOUNTANT FIRM FOR AUDIT AND ACCOUNTS IOB.**

**No.K-04:**Sealed proposals are invited from CAG empanelled Chartered Accountant Firms for engagement as "Internal Auditors" of Odisha Building & Other Construction Workers Welfare Board, Bhubaneswar. The RFP document with all information relating to the tender process such as Eligibility Criteria, Terms & Conditions, EMD etc. are available on the websites nirmanshramik.odisha.gov.in/ labourdirectorate.odisha.gov.in/ labour.odisha.gov.in, which may be downloaded for reference.

**Important Dates:**

**Last Date of Submission of RFP - 22.06.2022 by 3 P.M.**

**Date & Time of Opening of RFPs (Technical) - 24.06.2022 at 11 A.M.**

The undersigned reserves the right to reject any or all the tenders without assigning any reason thereof.

**Sd./- Member Secretary, OB&OCWW Board**
**Shrama Bhawan, Kharvel Nagar, Bhubaneswar - 751001**
**Ph No. 0674-2390624, E-Mail: obocwwboard@yahoo.com**
**OIPR-17007/11/0002/2223**

**OFFICE OF THE CDM&PHO-CUM-DISTRICT MISSION DIRECTOR**
**District Programme Management Unit, DPMU, NHM,**
**Dist- Balangir- 767001, E- mail: nhmbalangir@gmail.com**
**Advt.No.1980** **Date:06.06.22**

**Contractual Appointment**

**No.E-203:**Walk-in-interview wil be conducted as scheduled below for filling up the following posts under National Health Mission, Balangir on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The above posts are purely temporary and co-terminus with the scheme. Lower Age limit is 21 years as on dt.01.06.2022.

| Sl. No. | Name of the Post | Base Remuneration (in Rs.) | Date of Interview |
|---|---|---|---|
| 01 | MO MBBS-DEIC | Rs.59,511/- pm+ Others allowances as per PIP | Dt.21.06.2022 |
| 02 | Optometrist-DEIC | Rs.15,100/- pm+ Others allowances as per PIP | Dt.21.06.2022 |
| 03 | Nutritionist-cum-Counselor | Rs.17,966/-pm+ Others allowances as per PIP | Dt.22.06.2022 |
| **Venue : Office of the Chief District Medical & Public Health Officer, Balangir, Registration timing will be from 10:30 A.M. to 12:00 Noon only on walk-in-interview dates.** | | | |

Application form can be downloaded from the district official website www.balangir.nic.in. All the interested candidates may attend the walk-in-interview mentioned above date, time and venue. The authority reserved the right to cancel any or all the application without assigning reason thereof.

**Sd./-CDM & PHO-cum-**
**District Mission Director, Balangir**
**OIPR-10019/11/0003/2223**

**OFFICE OF THE BARIPADA MUNICIPALITY, BARIPADA**
**Phone/Fax: 06792-252703**
**E-mail: baripadam.hud@nic.in,**
**Website: www.baripadamunicipality.in**
**No. 4113** **Date: 07.06.2022**

No. C-470: Quotation Call for **SUPPLY OF OFFICE STATIONERY** vide Quotation Call No. **3947 Dt.03.06.2022** has been invited. The last date of submission of quotation on or before Dt.20.06.2022 by 1.00 P.M.

For more details pelase visit our website: **www.baripadamunicipality.in**.

**Sd./- Executive Officer**
**Baripada Municipality**
**OIPR-13078/11/0018/2223**

**The Odisha Small Industries Corporation Ltd.**
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**No.CAD-736** **OSIC GST No. 21AAACO2101M1Z1**

**TENDER CALL NOTICE**

**Tender Notice No.2429/MKT/OSIC** **Dt.06.06.2022**

The OSIC Ltd., Cuttack invites sealed bids from experienced MSMEs empanelled with OSIC for supply of G.I welded wire mesh made out of 12SWG G.I. Wire, Gap size: 4"x4", 5"x5" & 6"x6" having width 1.5 meter of each size. The weight of the each roll will be around 40 Kg. (Approx.). The detail schedules, terms and conditions of the tender document can be downloaded from **www.osicltd.in** . Any corrigendum /changes/modifications will appear in OSIC Ltd. website: **www.osicltd.in** only and the responsibility lies with the bidders to download the same before the last date of submission of bids. The authority reserve the right to accept or reject the bids in toto for supply of the item without any reason thereof.

**By Order of MD**
**Sd./- Manager (Mktg)**
**OIPR-14073/11/0026/2223**

**NATIONAL HYDROLOGY PROJECT, ODISHA**
**Letter of Invitation**
**REQUEST FOR PROPOSAL**
**RFP No.: NHP/ OD-GW/STUDY/2021-22/RFP/ 30. NHP,Odisha**
**Dated 06.06.2022**

**No.A-304:**The Chief Engineer & Director, Directorate of Ground Water Development & Nodal Officer (NHP Odisha), Bhubaneswar, Odisha invites RFP through e-procurement platform from eligible Consultants for following Work under National Hydrology Project (NHP).

Proposals must be submitted online on or before 20/06/2022 upto 1400 hours 1ST (system server time). 'Technical Part' of the Proposals will be opened in the presence of the Consultants designated personnel on 20/06/2022 at 1500 hours. "Financial Part" will be opened after evaluation of technically qualified bidders. In the event of the date specified for proposal opening being declared as a closed holiday for the purchaser's office, the due date for opening of financial part will be the following working day at the appointed time.

| Sl. No. | Description | Details |
|---|---|---|
| 1. | Name of the Work | "Consultancy for Development of android based mobile application & web based application for Census survey of Ground Water Abstraction Structure" |
| 2. | Start Date of availability of RFP document online (RFP download) | **08.06.2022 from 11.00 Hrs** |
| 3. | Last Date of availability of RFP document online (RFP download/ Sale start Date) | **20.06.2022 upto 14.00 Hrs** |
| 4. | Last date and time for receipt of RFP document (RFP Submission End date & Time) | **20.06.2022 upto 14.00 Hrs** |
| 5. | Date & Time of opening of RFP document (RFP Opening date)-Technical Part | **20.06.2022 at 15.00 Hrs** |

**Sd./- Chief Engineer & Director, GWD**
**& Nodal Officer (NHP, Odisha)**
**HP Building, Delta Square, Unit-8, Bhubaneswar**
**OIPR-32407/11/0004/2223** **E-mail: odishagwhp3@gmail.com**

**WATCO** **No.C-458:**
**OFFICE OF THE**
**CHIEF EXECUTIVE OFFICER, WATCO**
**Ground Floor, Unnati Bhawan, H.B. Colony,**
**Satyanagar, Bhubaneswar-751007, Odisha, India**
**Telefax: - +91-674-2571444, E-mail-ceowatcoodisha@gmail.com**

**INVITATION FOR BID (IFB)**
**2 Bid Identification No. WATCO (W) - 13/ 2022-23 Dtd.04.06.2022**
**WATCO No. 2329 Date:04.06.2022**

1.Name of the Work :- 1.Supplying and Installation of Multijet Mechanical Water Meters at Angul, Talcher, Athamallick, Kamakhyanagar, Bhuban under PH Division, Angul and Athagarh, Banki, Choudwar, Jagatsinghpur, Paradeep, Jajpur, Kendrapara, Pattamundai under PH Division. Cuttack including replacement of defective water meters within 5 years of Installation (Package-I). 2. Supplying and Installation of Multijet Mechanical Water Meters at Balangir, Kanatabanji, Patnagarh, Titilagarh, Tusura NAC, Binika NAC, Subarnapur, Tarava NAC, Boudh NAC under PH Division, Balangir, Bhawanipatna, Khariar under PH Division, Bhawanipatna including replacement of defective water meters within 5 years of Installation (Package-II).
2. Estimated Cost :- Package-I- Rs.1732.92 Lakh, Package-II- Rs.1420.00 Lakh
3. Period of Completion: 1 (One) Year.
4. Date & Time of availability of bid document in the portal : From 11.00 AM of Dt.08.06.2022 to 5.00 PM of 20.06.2022.
5. Last date/time of receipt of bids in the portal : 5.00 PM of 20.06.2022.
6. Date & Time of Opening of Technical Bids: 12.30 PM of 21.06.2022.
7. Name and address of the Officer Inviting Bid : Chief Executive Officer, WATCO, Telefax: 0674-2571444, E-mail: ceowatcoodisha@gmail.com
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

**Sd./- CEO, WATCO**
**OIPR-13194/11/0033/2223**

**ତହସିଲ କାର୍ଯ୍ୟାଳୟ, ସଇଁନ୍ତଲା, ଜିଲ୍ଲା: ବଲାଙ୍ଗୀର**

ବିଜ୍ଞାପନ ପତ୍ର ସଂଖ୍ୟା: ୯୬୬ ତା: ୦୬।୦୬।୨୦୨୨

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ନିମନ୍ତେ ବିଜ୍ଞାପନ**

**(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – ୨୦୦୪ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ – ୨୦୧୬ ଅନୁଯାୟୀ)**

No. F-71: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅଧୀନସ୍ଥ ସଇଁନ୍ତଲା ତହସିଲରେ ଥିବା ସାରଣୀ – ୧ ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ୨୦୨୨–୨୩ରୁ ୫ ବର୍ଷ ପାଇଁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଫର୍ମ 'M' ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (୩) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା ୨୭।୦୬।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ସଇଁନ୍ତଲାଙ୍କ କାର୍ଯ୍ୟାଳୟରେ ଥିବା Drop Boxରେ ଦାଖଲ କରିବା ହେବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସମସ୍ତ ଦରଖାସ୍ତଗୁଡ଼ିକ ସେହି ଦିନ ଦିବା ୧୨.୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ। ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି। ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ୍ ରୂପେ ଲେଖିବାକୁ ପଡ଼ିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱିତୀୟ ଥର ପାଇଁ ତା୦୬।୦୭।୨୦୨୨ରିଖ ଓ ତୃତୀୟଥର ପାଇଁ ତା୧୬।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ। ସେଗୁଡ଼ିକ ଅପରାହ୍ନ ୧.୦୦ ଘଟିକା ସମୟରେ ଉକ୍ତ ଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ। ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି। ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା Website: **http://balangir.nic.in**ରେ ଉପଲବ୍ଧ ଅଟେ।

**ସ୍ୱା./– ତହସିଲଦାର, ସଇଁନ୍ତଲା**
**OIPR-24291/11/0002/2223**

**OFFICE OF THE MUNICIPAL COUNCIL, JODA**
**SHORT QUOTATION CALL NOTICE**
**No. 2265** **Date: 06.06.2022**

No. C-466: Sealed quotations are invited for **"Sale of E-Waste collected in Wealth Centers of Joda Municipality"** to the intending (buyers) authorised E-Waste collection agencies/dismantler centers (dismantler/PROs/firms/suppliers/dealers/NGOs) registered with CPCB/OSPCB. The E-waste collection from different wards of Joda Municipality is stored/ stacked in two nos. of Materials Recovery Facilities (MRFs). The short quotation call notice is also published in the website of Joda Municipality **www.jodamunicipality.com**. The bidder shall quote the buying price (lot basis per MRF) of the e-waste already collected and stocked in different MRFs. The bidder must submit the application along with the financial proposal on or before 20.06.2022 at 3.30 P.M. through by Hand/Postal/Courier. Application received after due date and time shall be summarily rejected and Joda Municipality is not responsible for any delay of Postal/ Courier delivery. The received application shall be opened on date 20.06.2022 at 4.00 P.M. in the Office of the Executive Officer, Joda Municipality in presence of the quotationer or their authorized representative. No tender will be entertained after the stipulated date and time. The authorized reserves the right to reject any or all tenders without assigning any reason thereof.

**Sd./- Executive Officer**
**Joda Municipality**
**OIPR-13124/11/0008/2223**

**OFFICE OF THE CHIEF CONSTRUCTION ENGINEER,RURAL WORKS CIRCLE, BARIPADA**
**E-mail ID:serwcbaripada@gmail.com, Ph.No.-06792-261343/261344, Gangraj, Baripada**
**No.O-414:** **Office Order No.1847/ Dt.3.6.2022**

**1st Corrigendum to National Competitive Bidding e-Procurement Notice No.1638/Road Work Dt.18.05.2022**

Due to unavoidable circumstances the important dates of tendering process for non-plan road work are being changed as follows.

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer Rural Works Circle, Baripada | Road Online N.C.B. No-224 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 01.06.2022 at 11.00 am | 08.06.2022 At 11.00 am | 16.06.2022 up to 5.00 pm | 22.06.2022 up to 5.00 pm | 13.06.2022 up to 5.00 pm | 21.06.2022 up to 5.00 pm | 17.06.2022 up to 11.00 am | 23.06.2022 up to 11.00 am | Will be intimated later | Will be intimated later |

All other terms and conditions remain unchanged.

**Sd./- Er.N.V.H Rao**
**Chief Construction Engineer, R.W.Circle, Baripada**
**OIPR-25181/11/0018/2223**

## ସେନ୍‌ସେକ୍ସରେ ୧% ହ୍ରାସ

**ମୁମ୍ବାଇ:** ପ୍ରଥମ ଦିନ ଭଳି ସପ୍ତାହର ୨ୟ କାରବାର ଦିବସ ଅର୍ଥାତ୍ ମଙ୍ଗଳବାର ମଧ ଭାରତୀୟ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୫୬୮ (୧.୦୨%) ଏବଂ ନିଫ୍ଟିରେ ୧୫୩ (୦.୯୨%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୧୦୭ ଏବଂ ନିଫ୍ଟି ୧୬,୪୧୬ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୨୯୨ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୦୦୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

**ସଂକ୍ଷେପରେ**

### ମେ’ରେ ନିଯୁକ୍ତି ଚାହିଦାରେ ୯% ବୃଦ୍ଧି

**ନୂଆଦିଲ୍ଲୀ,୭।୬:** ଚଳିତବର୍ଷ ମେ’ ରେ ନିଯୁକ୍ତି ଚାହିଦା ବାର୍ଷିକ ଆଧାରରେ ୯% ବୃଦ୍ଧି ପାଇଛି। ମୁଖ୍ୟତଃ ଦୂରସଞ୍ଚାର, ବ୍ୟାଙ୍କିଙ୍ଗ୍, ବିତ୍ତୀୟ ସେବା, ବୀମା, ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ରରେ ଏହି ନିଯୁକ୍ତି ଚାହିଦା ବୃଦ୍ଧି ପାଇଛି। ମନଷ୍ଟର ଏମ୍ପ୍ଲଇମେଣ୍ଟ ଇନ୍‌ଡେକ୍ସ (ଏମ୍‌ଇଆଇ) ଅନୁସାରେ, ମେ’ ମାସର ଏହି ବୃଦ୍ଧି ଦ୍ୱାରା ବାର୍ଷିକ ରିକଭରୀ ସହ ଚଳିତ ଆର୍ଥିକ ବର୍ଷରେ କ୍ରମାଗତ ୨ୟ ମାସ ପାଇଁ ନିଯୁକ୍ତି କ୍ଷେତ୍ରରେ ବୃଦ୍ଧି ଜାରି ରହିଛି। ତେବେ ବିଶ୍ୱ ସ୍ତରରେ ବର୍ତ୍ତମାନର ଆର୍ଥିକ-ସାମାଜିକ ଅବସ୍ଥାର ଉଚ୍ଚ ମୁଦ୍ରାସ୍ଫିତି କାରଣରୁ ନିର୍ମାଣ ମୂଲ୍ୟ ବୃଦ୍ଧି ଦ୍ୱାରା ମେ’ ମାସ ପାଇଁ ମାସିକ ଆଧାରରେ ଏ କ୍ଷେତ୍ରରେ ୪% ହ୍ରାସ ଘଟିଛି। ଚଳିତ ଆର୍ଥିକ ବର୍ଷରେ ୫ଜି ରୋଲ୍ ଆଉଟ୍ ଏବଂ ବିଭାଗୀୟ ପୁନରୁଦ୍ଧାରକୁ ଦୃଷ୍ଟିରେ ରଖିଲେ ଚଳିତ ଆର୍ଥିକ ବର୍ଷ ପାଇଁ ନିଯୁକ୍ତି କ୍ଷେତ୍ରରେ ଏକ ସକରାତ୍ମକ ପ୍ରଭାବ ଦେଖାଦେଇଛି।

### ନିବେଶକଙ୍କ ୨ଲକ୍ଷ କୋଟିର କ୍ଷତି

**ନୂଆଦିଲ୍ଲୀ,୭।୬:** ଭାରତୀୟ ପୁଞ୍ଜିବଜାରରେ ଦେଖାଦେଇଥିବା ହ୍ରାସ ମଧରେ ନିବେଶକଙ୍କର ୨ଲକ୍ଷ କୋଟି ଟଙ୍କାର କ୍ଷତି ଘଟିଛି। ମଙ୍ଗଳବାର ବିଏସ୍‌ଇ ସେନ୍‌ସେକ୍ସରେ ୫୬୮ ଅଙ୍କ ଅର୍ଥାତ୍ ୧.୦୨% ହ୍ରାସ ଫଳରେ ସେନ୍‌ସେକ୍ସ ୫୫,୧୦୭ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମାର୍କେଟ୍ କ୍ୟାପିଟାଲାଇଜେଶନ (ଏମ୍-କ୍ୟାପ୍)ରେ ୨,୦୮,୨୯୧.୭୫ କୋଟି ଟଙ୍କା ହ୍ରାସ ଘଟି ୨,୫୪,୩୩,୦୧୩.୬୩ କୋଟି ଟଙ୍କା ରହିଯାଇଛି। କୋଟାକ୍ ସିକ୍ୟୁରିଟିଜ୍‌ର ଇକ୍ୟୁଟି ବିଭାଗୀୟ (ରିଟେଲ୍) ମୁଖ୍ୟ ଶ୍ରୀକାନ୍ତ ଚୌହାନ କହିଛନ୍ତି, ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରା ସମୀକ୍ଷା ନିବେଶକମାନେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ଟଙ୍କାର ବିନିମୟ ଦରରେ ହ୍ରାସ ଏବଂ ଡଲାର ଦୃଢ଼ ହେବା ମଧରେ ବିଦେଶୀ ସଂସ୍ଥାଗତ ନିବେଶକଙ୍କର ଭାରତୀୟ ବଜାରରେ କ୍ଷତି ଜାରି ରହିଛି।

# ଦେଶର ଆର୍ଥିକ ଅଭିବୃଦ୍ଧି ଆକଳନ ହ୍ରାସ

- ଆର୍ଥିକ ଅଭିବୃଦ୍ଧି ଆକଳନରେ ୧.୨% ହ୍ରାସ ଆଣିଲା ୱାର୍ଲ୍ଡ ବ୍ୟାଙ୍କ୍
- ବର୍ଦ୍ଧିତ ମୁଦ୍ରାସ୍ଫୀତି, ସପ୍ଲାଇ ଚେନ୍‌ରେ ବ୍ୟାଘାତ ଏବଂ ବୈଶ୍ୱିକ ସମସ୍ୟାକୁ ନଜରରେ ରଖି ଆକଳନରେ ହ୍ରାସ

ନୂଆଦିଲ୍ଲୀ,୭।୬



ଦର ବୃଦ୍ଧି, ଯୋଗାଣ ସମସ୍ୟା ଏବଂ ରୁଷିଆ-ୟୁକ୍ରେନ୍ ସଙ୍କଟକୁ ନଜରରେ ରଖି ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ପାଇଁ ଦେଶର ଆର୍ଥିକ ଅଭିବୃଦ୍ଧି ଆକଳନକୁ ହ୍ରାସ କରିଦିଆଯାଇଛି। ବର୍ତ୍ତମାନ ବିଶ୍ୱ ବ୍ୟାଙ୍କର ଆକଳନ ଅନୁସାରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି ହାର ୭.୫% ରହିପାରେ। ପୂର୍ବ ଆକଳନରେ ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ଆକଳନ ୮.୭% ରହିବା ନେଇ କୁହାଯାଇଥିଲା। ବିଶ୍ୱ ବ୍ୟାଙ୍କ୍ ଅଭିବୃଦ୍ଧି ଆକଳନରେ ୧.୨% ହ୍ରାସ ଆଣିଛି। ମଙ୍ଗଳବାର ଜାରି କରାଯାଇଥିବା ଗ୍ଲୋବାଲ ଇକୋନୋମିକ୍ ପ୍ରସ୍ପେକ୍ଟସ୍ ରିପୋର୍ଟରେ ବିଶ୍ୱ ବ୍ୟାଙ୍କ ବର୍ଦ୍ଧିତ ମୁଦ୍ରାସ୍ଫୀତି, ସପ୍ଲାଇ ଚେନ୍‌ରେ ବ୍ୟାଘାତ ଏବଂ ବୈଶ୍ୱିକ ସମସ୍ୟା ମଧରେ ଆର୍ଥିକ ବିକାଶ ଦର ଅନୁମାନ ହ୍ରାସ କରିଛି। ଏହାଛଡ଼ା ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୩-୨୪ରେ ଦେଶର ଆର୍ଥିକ ବିକାଶ ହାର ୭.୧% ରହିପାରେ ଏବଂ ୨୦୨୪-୨୫ରେ ଅଭିବୃଦ୍ଧି ହାର ୬.୫% ରହିବା ସମ୍ପର୍କରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଭବିଷ୍ୟବାଣୀ କରାଯାଇଛି। ଏହା ପୂର୍ବରୁ ଏପ୍ରିଲରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଦେଶର ଆର୍ଥିକ ଅଭିବୃଦ୍ଧିରେ ୮.୭% ରୁ ହ୍ରାସ କରାଯାଇ ୮% କରି ଦିଆଯାଇଥିଲା। ତେବେ ଚଳିତ ବର୍ଷ ପାଇଁ ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଦେଶର ଜିଡିପି ବୃଦ୍ଧି ଅନୁମାନ ୭.୨% ରହିବା ନେଇ ଆକଳନ କରାଯାଇଛି। ତେବେ ବୁଧବାର ହେବାକୁ ଥିବା ଆର୍‌ବିଆଇ ଏମ୍‌ପିସି ବୈଠକରେ ଏହି ଆକଳନରେ ପରିବର୍ତ୍ତନ ଅଣାଯାଇପାରେ। ଏହା ପୂର୍ବରୁ ଏଡିବି, ୟୁବିଏସ୍, ମୋର୍ଗାନ୍ ଷ୍ଟେନ୍‌ଲି, ରେଟିଂ ଏଜେନ୍ସି ମୁଡିଜ୍ ପକ୍ଷରୁ ଜିଡିପି ଅଭିବୃଦ୍ଧି ଅନୁମାନରେ ହ୍ରାସ କରାଯାଇଛି। ମୁଡିଜ୍ ପକ୍ଷରୁ ଗ୍ଲୋବାଲ୍ ମାକ୍ରୋ ରିପୋର୍ଟ ଆଉଟ୍‌ଲୁକ୍ ତଥ୍ୟ ଅନୁସାରେ ଅଶୋଧିତ ତୈଳ, ଖାଦ୍ୟ ଏବଂ ସାର ଦରରେ ବୃଦ୍ଧି କାରଣରୁ ଏହା ଭାରତୀୟ ଆର୍ଥିକ ସ୍ଥିତିଠାରୁ ଆରମ୍ଭକରି ଲୋକଙ୍କ ଖର୍ଚ୍ଚ କରିବା କ୍ଷମତା ଉପରେ ମଧ ପ୍ରଭାବ ପକାଇବ। ଏହା ପୂର୍ବରୁ ଏସ୍ ଆଣ୍ଡ ପି ଗ୍ଲୋବାଲ୍ ରେଟିଂସ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ୭.୩% ରହିବା ନେଇ ଅନୁମାନ କରାଯାଇଥିବା ବେଳେ ୨୦୨୩-୨୪ରେ ଏହା ୬.୫% ରହିବା ନେଇ ଅନୁମାନ କରାଯାଇଛି।

## ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୭।୬

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ମଣ୍ଡଳ ଅଧୀନ ଆଇଏନ୍‌ଏସ୍ ଚିଲିକା ଶାଖାର ନୂତନ ଗୃହ କାର୍ଯ୍ୟ (ପୁନରୁଦ୍ଧାର) କରାଯାଇଛି। ଏହି ଅବସରରେ ବ୍ୟାଙ୍କର ଉପ ପ୍ରବନ୍ଧକ ନିର୍ଦ୍ଦେଶକ ବିଦ୍ୟା କୃଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଆଇଏନ୍‌ଏସ୍ ଚିଲିକାର କମାଣ୍ଡିଂ ଅଫିସର କୋମୋଡର ଏନ୍.ପି.ପ୍ରଦୀପ, ଉପ ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଉପ ମହାପ୍ରବନ୍ଧକ ଆନନ୍ଦ ବିକ୍ରମ, ସହାୟକ ଉପ ମହାପ୍ରବନ୍ଧକ ପ୍ରମୋଦ କୁମାର ମିଶ୍ର ଏବଂ କ୍ଷେତ୍ରୀୟ ପ୍ରବନ୍ଧକ ଖୋର୍ଦ୍ଧା ଭୂପଦେବ ପ୍ରଧାନ ଓ ଶାଖା ପ୍ରବନ୍ଧକ ହୃଷୀକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ୮ ନଳକୂପ ଆଇଏନ୍‌ଏସ୍ ଚିଲିକାକୁ ପ୍ରଦାନ କରଯାଇଥିଲା। ପରିଶେଷରେ ସ୍ଥାନୀୟ ଅଞ୍ଚଳରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ କରାଯାଇଥିଲା। ଏସ୍‌ବିଆଇର ଏଭଳି ଏକ ଉତ୍ତମ ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ ନେତୃବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ।

## ଜେଏସ୍‌ଡବ୍ଲ୍ୟୁର ‘ଷ୍ଟିଲ୍-ସ୍ଲାଗ୍ ସ୍ୟାଣ୍ଡ’ କାରଖାନା

ନୂଆଦିଲ୍ଲୀ,୭।୬



ଦେଶର ପ୍ରମୁଖ ଶିଳ୍ପସଂସ୍ଥା ‘ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍’ ପକ୍ଷରୁ ଏକ ଭିନ୍ନ ଧରଣର ‘ଷ୍ଟିଲ୍-ସ୍ଲାଗ୍ ସ୍ୟାଣ୍ଡ’ କାରଖାନା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଉକ୍ତ କାରଖାନା କମ୍ପାନୀର ବିଜୟନଗର ୱାର୍କସ ପରିସରରେ କରାଯାଇଛି। ଏହି ଅବସରରେ ବାଲାରି ଡେପୁଟି କମିଶନର ପବନ କୁମାର ମାଲାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ (ବିଜୟନଗର ୱାର୍କସ)ର ସଭାପତି ପି.କେ. ମୁରୁଗାନଙ୍କ ସମେତ ବହୁ ବରିଷ୍ଠ ପ୍ରଶାସକ ଓ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପବନ କୁମାର କହିଥିଲେ, ପରିବେଶ ସଂରକ୍ଷଣ କ୍ଷେତ୍ରରେ ଜେଏସ୍‌ଡବ୍ଲ୍ୟୁର ପ୍ରୟାସକୁ ସାଧୁବାଦ ଜଣାଇବା ସହ ନିର୍ମାଣ ସାମଗ୍ରୀକୁ ନେଇ ପରିବେଶଗତ ଚିନ୍ତା ପ୍ରକାଶ ପାଉଥିବା ପରିପ୍ରେକ୍ଷୀରେ ଏହି ନୂଆ ପ୍ରଯୁକ୍ତି କର୍ଣାଟକରେ ବାଲୁକା ଅଭାବ ସମ୍ପର୍କିତ ପ୍ରସଙ୍ଗର ସମାଧାନ କରିବ ବୋଲି ମାଲାପତି ମତବ୍ୟକ୍ତ କରିଛନ୍ତି। ସେହିଭଳି କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସହ ଇସ୍ପାତ ସ୍ଲାଗ୍ ବାଲୁକା ଆର୍ଥିକ ଦୃଷ୍ଟିରୁ ସୁଲଭ ଏବଂ ପରିବେଶ ଦୃଷ୍ଟିରୁ ଏକ ବିକଳ୍ପ ସାମଗ୍ରୀ ହୋଇପାରିବ ଏବଂ ନଦୀବାଲି ସ୍ଥାନରେ ତଥା ସଡ଼କ ଏବଂ କୋଠାବାଡି ନିର୍ମାଣ କ୍ଷେତ୍ରରେ ବ୍ୟବହାର କରାଯାଉଥବା ‘ଉତ୍ପାଦିତ ବାଲୁକା’ ବଦଳରେ ତାହାକୁ ବ୍ୟବହାର କରାଯାଇପାରିବ ବୋଲି ମୁରୁଗାନ ମତ ପ୍ରକାଶ କରିଥିଲେ।

ଉକ୍ତ କାରଖାନା ଦେଶର ବିକାଶ କାର୍ଯ୍ୟରେ ଯୋଗଦେବା ସହ ୦.୩୦ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ୟୁନିଟ (ଦୈନିକ ୮୨୧ଟନ) କାର୍ଯ୍ୟକ୍ଷମ ହେବ।

## ୭୫୨ ଟଙ୍କାରେ ପହଞ୍ଚିଲା ଏଲ୍‌ଆଇସି ଶେୟାର

ମୁମ୍ବାଇ,୭।୬

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଶେୟାରରେ ହ୍ରାସ ଜାରି ରହିଛି। ମଙ୍ଗଳବାର ସୁଦ୍ଧା ଏଥିରେ ୩.୧୫% ହ୍ରାସ ଘଟି ୭୫୨.୯୦ ଟଙ୍କାରେ ପହଞ୍ଚିଛି। ଏଥିମଧରେ ନିବେଶକଙ୍କର ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର କ୍ଷତି ଘଟିଛି। ସୂଚନାଯୋଗ୍ୟ, ଏଲ୍‌ଆଇସି ଦେଶର ସର୍ବବୃହତ୍ ପ୍ରାରମ୍ଭିକ ସାର୍ବଜନୀନ ଅଫର (ଆଇପିଓ) ଆରମ୍ଭ କରିଥିଲା ଏବଂ ନିବେଶକଙ୍କ ଦ୍ୱାରା ଏହା ପ୍ରାୟ ୩ ଗୁଣା ସବ୍‌ସ୍କ୍ରାଇବ୍ ମଧ ହୋଇଥିଲା। ପ୍ରାରମ୍ଭ ସମୟରେ ୯୪୯ ଟଙ୍କା ଇସ୍ୟୁ ପ୍ରାଇସ୍ ସହିତ ଏଲ୍‌ଆଇସିର ମାର୍କେଟ୍ କ୍ୟାପିଟାଲାଇଜେଶନ ପ୍ରାୟ ୬ଲକ୍ଷ କୋଟି ରହିଥିଲା। ତେବେ ମଙ୍ଗଳବାର ଏଥିରେ ୧.୨ ଲକ୍ଷ କୋଟି ହ୍ରାସ ଘଟି ଏହାର ଏମ୍-କ୍ୟାପ୍ ୪.୭୯ ଲକ୍ଷ କୋଟିରେ ପହଞ୍ଚିଛି।

## ଓଜିବିର ଏଟିଏମ୍ ପଏଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୭।୬

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ୧୩୬ ତମ ଏଟିଏମ୍ ପଏଣ୍ଟ କଟକ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ ଜଗତସିଂହପୁର ଜିଲାର ପଞ୍ଚୁପଲ୍ଲୀଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଅଧ୍ୟକ୍ଷ ମୋହନ.ଏମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ରାଜ୍ୟରେ ଏଟିଏମ୍ ସେବାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ବ୍ୟାଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ଏହି ଏଟିଏମ୍ ପଏଣ୍ଟ ଦ୍ୱାରା ସ୍ଥାନୀୟ ଜନସାଧାରଣ ଉପକୃତ ହେବେ ବୋଲି ମୋହନ ଆଶାବ୍ୟକ୍ତ କରିଛନ୍ତି। ସୂଚନା ପ୍ରଯୁକ୍ତି ବିଭାଗର ମହାପ୍ରବନ୍ଧକ ବସନ୍ତ କୁମାର ପାତ୍ର, ଆଡଭାନ୍ସ ବିଭାଗର ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ, ବରିଷ୍ଠ ପ୍ରବନ୍ଧକ ପ୍ରଭୁ ପ୍ରସାଦ ମିଶ୍ର ଏବଂ କଟକ ଆଞ୍ଚଳିକ ପ୍ରବନ୍ଧକ ଯତୀନ୍ଦ୍ର ନାଥ ଷଡ଼ଙ୍ଗୀ ଏବଂ ପଞ୍ଚୁପଲ୍ଲୀ ଶାଖା ପ୍ରବନ୍ଧକ ସୁନୀଲ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁରସତ୍**

## ଭୟଭୀତ କରୁଥିବା ଘଟଣା ଅଧିକ ଦିନ ମନେ ରହେ

ନୂଆଦିଲ୍ଲୀ



ମନୁଷ୍ୟ ସ୍ମରଣରେ ଅନେକ କଥା ରହିଥାଏ। ସେଥିମଧରୁ କିଛି ଘଟଣା ସୁଖପ୍ରଦ ହୋଇଥିବାବେଳେ ଆଉ କିଛି କଷ୍ଟକର କିମ୍ବା ଭୟଭୀତ କଲାଭଳି ଘଟଣା ହୋଇଥାଏ। ତେବେ ଭୟଭିତ ଘଟଣା ସବୁ ଅଧିକ ଦିନ ମନେ ରହୁଥିବା ପଛର କାରଣ ଗବେଷକମାନେ ଖୋଜି ବାହାର କରିଛନ୍ତି। ତେବେ ଏହା ପଛର ଆଉ କୌଣସି କାରଣ ନାହିଁ ବରଂ ଆମ ମସ୍ତିଷ୍କରୁ ନିର୍ଗତ ହରମୋନ ସବୁ ଏଥିପାଇଁ ଦାୟୀ। ତୁଲାନେ ୟୁନିଭର୍ସିଟି ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଆଣ୍ଡ୍ ତୁଫ୍‌ଟସ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ ପକ୍ଷରୁ ଏ ନେଇ ଅଧ୍ୟୟନ କରାଯାଇଛି। ଗବେଷକମାନେ ମୂଷାଙ୍କ ଦେହରେ ଏହି ଅଧ୍ୟୟନ କରିଛନ୍ତି। ନ୍ୟୁରୋ ଟ୍ରାନ୍ସମିଟର ନୋରେପିନେଫରିନ, ଯାହା ନୋରାଡ୍ରେନାଲିନ୍ ଭାବେ ଜଣାଯାଏ। ଭୟଭୀତ ଘଟଣାବଳୀକୁ ଦୀର୍ଘଦିନ ପର୍ଯ୍ୟନ୍ତ ସ୍ମରଣ ରଖିବାରେ ଏହା ସାହାଯ୍ୟ କରେ। ମସ୍ତିଷ୍କରୁ ନିରୋଧାତ୍ମକ ନ୍ୟୁରୋନ୍ସ ପ୍ରବାହିତ ହୋଇଥାଏ, ଯାହା ଭଲ ଘଟଣା ଅପେକ୍ଷା ଭୟ କଲାଭଳି ଘଟଣା ସବୁକୁ ଅନେକ ଦିନ ମସ୍ତିଷ୍କରେ ରଖିଥାଏ। ମସ୍ତିଷ୍କରୁ କ୍ଷରିତ ଏହି ନ୍ୟୁରୋନ୍ସ ସବୁ ବରଷ୍ଟିଙ୍ଗ୍ ପାଟର୍ନର ଇଲେକ୍ଟ୍ରିକ୍ ଚାର୍ଜ ଜେନେରେଟ କରିଥାଏ। ଏହି ପାର୍ଟିକଲ୍ ବ୍ରେନ୍ ଫ୍ରିକ୍ୱେନ୍ସି ଏକ ତରଙ୍ଗ ସୃଷ୍ଟି କରି ଆମିଗଡାଲା ମସ୍ତିଷ୍କରେ ଫିୟର୍ ମେମୋରି ତିଆରି କରେ। ଯଦି କୌଣସି ବ୍ୟକ୍ତିଙ୍କ ମୁଣ୍ଡରେ କେହି ଜଣେ ହଠାତ୍ ବନ୍ଧୁକ ରଖିଦିଅନ୍ତି ତେବେ ବ୍ରେନ୍‌ରେ ଷ୍ଟ୍ରେସ୍ ନିଉରୋଟ୍ରାନ୍ସମିଟର ନୋରେପିନେଫରିନ୍ କ୍ଷରଣ ହୋଇଥିବା ବିଶେଷଜ୍ଞ କହିଛନ୍ତି। ଏହାର କ୍ଷରଣ ଫଳରେ ଏହି ଘଟଣା ଅନ୍ୟ ଖୁସି କମ୍ବା ଆନନ୍ଦ ଦାୟକ ଘଟଣାଠାରୁ ଅଧିକ ଦିନ ମନେରହେ।

## ସତ ହେଲା ଗୁଜବ



ସୋନାକ୍ଷୀ ସିହ୍ନା

**ମୁମ୍ବାଇ:** ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ପ୍ରେମରେ ପଡ଼ିଯାଇଛନ୍ତି। ପୂର୍ବଦିନଗୁଡ଼ିକରେ ଏହାକୁ ନେଇ ଅନେକ ଗୁଜବ ଗଣମାଧ୍ୟମରେ ପ୍ରଘଟ ହୋଇଥିଲେ ହେଁ କୌଣସି ସତ୍ୟାସତ୍ୟ ଜଣାପଡୁ ନ ଥିଲା। ବଲିଉଡ୍ ନାୟକ ଜାହିର ଇକ୍‌ବାଲ ଏସବୁ ଗୁଜବରୁ ପରଦା ହଟାଇ ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ଜାହିର ସୋନାକ୍ଷୀ ଓ ସେ ବିମାନ ଯାତ୍ରା କରୁଥିବାର ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ଜାହିର କ୍ୟାପ୍‌ସନ୍‌ରେ ‘ ଆଇ ଲଭ୍ ୟୁ ’ ବୋଲି ଲେଖିଛନ୍ତି। ଭିଡିଓ ସବୁ ସୋନାକ୍ଷୀଙ୍କ ଜନ୍ମଦିନ ବେଳର ବୋଲି କୁହାଯାଉଛି। ଅନେକ ସମୟରେ ସୋନାକ୍ଷୀ ଏବଂ ଜାହିର ଡିନର୍ ଡେଟ୍‌ରେ ଯାଉଥିବାର ଦେଖିବାକୁ ମିଳିଥିଲା। ଅନ୍ୟପଟେ ସୋନାକ୍ଷୀ ମଧ ସୋସିଆଲ ମିଡିଆରେ ଦୁହିଁଙ୍କ ଫଟୋ ଅପ୍‌ଲୋଡ୍ କରିଥିଲେ। ଗଣମାଧ୍ୟମ ଆଗରେ ସୋନାକ୍ଷୀ ସବୁବେଳେ ପ୍ରେମ ସମ୍ପର୍କକୁ ମନା କରିଆସୁଥିଲେ। କିନ୍ତୁ ଜାହିରଙ୍କ ପୋଷ୍ଟ ପରେ ଏହା ସତ ପ୍ରମାଣିତ ହୋଇଛି ଯେ, ଦବଙ୍ଗ ଗର୍ଲ ଏବେ ପ୍ରେମରେ ପଡ଼ିଯାଇଛନ୍ତି।

## ମହାସାଗର କୁହେ ସଭ୍ୟତା କାହାଣୀ

**ବିଶ୍ୱ ମହାସାଗର ଦିବସ**

ମାନବ ସଭ୍ୟତାର ଆରମ୍ଭରୁ ମହାସାଗର ବିକାଶର ମୂକ ସାକ୍ଷୀ ହୋଇ ରହିଛି। ମହାସାଗର ମାନବ ସଭ୍ୟତାର କାହାଣୀ କହିଥାଏ। ତେଣୁ ମହାସାଗର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁନ୍ ୮ରେ ବିଶ୍ୱ ମହାସାଗର ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ୧୯୯୨ରେ କାନାଡ଼ାର ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଓସେନ ଡେଭେଲପମେଣ୍ଟ (ଆଇସିଓଡି) ଏବଂ ଓସେନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କାନାଡା (ଓଆଇସି) ଦ୍ୱାରା ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିବା ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ମିଳିତ ଜାତିସଂଘ ଦ୍ୱାରା ୨୦୦୮ରେ ବିଶ୍ୱ ମହାସାଗର ଦିବସ ପାଳନ ଲାଗି ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ପରେ ୨୦୦୯ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଏହି ଅବସରରେ ମହାସାଗର ସମ୍ପର୍କରେ ଦେଶ ବିଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ବାପାଙ୍କୁ ହତ୍ୟା କଲା ୨ ବର୍ଷର ଶିଶୁ

**ମିଆମି:** ଭୁଲ୍‌ବଶତଃ ଜଣେ ୨ ବର୍ଷର ଶିଶୁ ବାପାଙ୍କୁ ହତ୍ୟା କରିଦେଇଛନ୍ତି। ଘରେ ଥିବା ଏକ ବନ୍ଧୁକକୁ ଖେଳନା ଭାବି ଶିଶୁଟି ଖେଳୁଥିବାବେଳେ ସେଥିରେ ଗୁଳି ଥିବା ସେ ଜାଣି ନ ଥିଲେ। ଫଳରେ ବନ୍ଧୁକ ଧରି ଖେଳିବା ସମୟରେ ଶିଶୁଟି ବାପାଙ୍କୁ ଗୁଳି କରିଥିଲା। ଘଟଣା ସ୍ଥଳରେ ବାପାଙ୍କ ମୃତ୍ୟୁ ହୋଇଯାଇଥିବା ସ୍ଥାନୀୟ ପୋଲିସ କହିଛି। ଏହାର ସୂଚନା ପାଇ ଅରଲାଣ୍ଡୋ ନିକଟରେ ଥିବା ତାଙ୍କ ଘରେ ପହଞ୍ଚିଥିଲେ। ସେତେବେଳେ ଶିଶୁଟିର ମା’ ମାରି ଆୟଲା ମୃତ ସ୍ୱାମୀଙ୍କୁ ସିପିଆର୍ ଦେଇ ବଞ୍ଚାଇବାକୁ ଚେଷ୍ଟା କରୁଥିଲେ। ପ୍ରାରମ୍ଭିକ ଅବସ୍ଥାରେ ପୋଲିସ ଭାବିଥିଲା ୨୬ ବର୍ଷୀୟ ଯୁବକ ଜଣକ ବନ୍ଧୁକ ଜରିଆରେ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ତାଙ୍କ ଦୁଇ ବର୍ଷର ପୁଅ ବନ୍ଧୁକର ଟ୍ରିଗର ଦବେଇବା ଦ୍ୱାରା ବାପାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବଡ଼ ପୁଅ ପୋଲିସକୁ କହିଥିଲେ। ଯୁବକ ଜଣକ ଭିଡିଓଗେମ୍ ଖେଳୁଥିବାବେଳେ ୨ ବର୍ଷର ପୁଅ ଯେଉଁ ଲୋଡେଡ୍ ବନ୍ଧୁକରେ ଖେଳୁଥିଲା, ତାହାକୁ ବାପାଙ୍କ ଆଡକୁ ନେଇ ଫୁଟାଇ ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ମାରିଙ୍କୁ ପୋଲିସ ଗିରଫ କରିନେଇଛି।

## ୧୬୦ ବର୍ଷ ପରେ ମିଳିଲା ଯୁଦ୍ଧଜାହାଜ

ସାକ୍ରାମେଣ୍ଟୋ



୧୮୬୨ରେ ଉତ୍ତର କାରୋଲିନା ତଟରେ ବୁଡ଼ିଯାଇଥିବା ଆମେରିକା ଯୁଦ୍ଧ ଜାହାଜ ଠାବ କରାଯାଇଛି। ୧୬୦ ବର୍ଷ ପରେ ଅତି ଅଦ୍ଭୁତ ଅବସ୍ଥାରେ ଏହି ଜାହାଜର ସନ୍ଧାନ ମିଳିଛି। ଦ ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ)ର ଅଫିସ୍ ଅଫ୍ ନ୍ୟାଶନାଲ ମେରାଇନ୍ ସାଙ୍କ୍‌ଚୁଆରିଜ୍, ଗ୍ଲୋବାଲ ଫାଉଣ୍ଡେଶନ୍ ଫର୍ ଓସେନ ଇକ୍ସପ୍ଲୋରେଶନ୍ ଆମେରିକର ଏହି ଯୁଦ୍ଧ ଜାହାଜ ବିଷୟରେ ଅନୁସନ୍ଧାନ ଜାରି ରଖିଥିଲା। ଜାହାଜଟି ନଷ୍ଟ ହୋଇଯାଇଥିବା ସନ୍ଧାନକାରୀମାନେ ଆଶଙ୍କା କରିଥିଲେ। ସାମୁଦ୍ରିକ ଝଡ଼ କାରଣରୁ ଜାହାଜଟି ସମୁଦ୍ରରେ ବୁଡ଼ିଯାଇଥିବାବେଳେ ଏଥିରେ ଥିବା ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ସିଭିଲ୍ ୱାର ସମୟରେ ମିଳିତ ନୌସେନାର ଏହି ଯୁଦ୍ଧ ଜାହାଜ ଉତ୍ତର କାରୋଲିନାତଟରେ ଥିବା କେପ୍ ହାଥରାସରେ ବୁଡ଼ିଯାଇଥିଲା। ୧୯୭୩ରେ ଯୁଦ୍ଧ ଜାହାଜର ଭଗ୍ନାବଶେଷ ୟୁଏସ୍‌ଏସ୍ ମନିଟର ଠାବ କରିଥିଲା। ଏହାପରେ ଜାହାଜର ସନ୍ଧାନ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଗଲା। ରିମୋଟଲି ଓପରେଟେଡ୍ ଅଣ୍ଡରୱାଟର ଭେହିକଲ୍ ଜରିଆରେ ଜାହାଜ ଖୋଜା କାର୍ଯ୍ୟ ଆରମ୍ଭ କରାଗଲା।

## ସଚେତନତା ହିଁ ନିଦାନ

**ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ**



ସଚେତନ ରହିଲେ ବହୁ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇବା ସମ୍ଭବ ହୋଇଥାଏ। ବିଶ୍ୱ ବ୍ରେନ୍ ଟ୍ୟୁମର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁନ୍ ୮ରେ ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ମସ୍ତିଷ୍କ ଟ୍ୟୁମର ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥାଏ। ସାଧାରଣ ଲୋକଙ୍କ ମଧ୍ୟରେ ବ୍ରେନ୍ ଟ୍ୟୁମର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜର୍ମାନ ବ୍ରେନ୍ ଟ୍ୟୁମର ଆସୋସିଏଶନ ପକ୍ଷରୁ ୨୦୦୦ରେ ଏହି ଦିନକୁ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ରେନ୍ ଟ୍ୟୁମର ଆସୋସିଏଶନ ୧୯୯୮ରେ ପ୍ରତିଷ୍ଠା ହୋଇଥିଲା ଏବଂ ଏଥିରେ ୧୪ଟି ଦେଶର ୫୦୦ରୁ ଅଧିକ ପଞ୍ଜୀକୃତ ସଦସ୍ୟ ରହିଥିଲେ। ଏହି ଦିବସ ପାଳନ ଅବସରରେ ମୃତ୍ୟୁ ଘଟିଥିବା ସମସ୍ତ ବ୍ରେନ୍ ଟ୍ୟୁମର ରୋଗୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହିତ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥାଏ। ବ୍ରେନ୍ ଟ୍ୟୁମର ହେଉଛି ମୂଳତଃ ଏକ ଅସ୍ୱାଭାବିକ କୋଷିକାର ବୃଦ୍ଧି। କୋଷଗୁଡ଼ିକ ଅସ୍ୱାଭାବିକ ଏବଂ ଅନିୟନ୍ତ୍ରିତ ଭାବେ ବଢ଼ିବାକୁ ଲାଗିଲେ, ତାହା କର୍କଟ କୋଷ ସୃଷ୍ଟି କରିଥାଏ। ମସ୍ତିଷ୍କର ଯେକୌଣସି ଅଂଶରେ ଅସ୍ୱାଭାବିକ କୋଷ ଉତ୍ପନ୍ନ ହେଲେ ଏହାକୁ ବ୍ରେନ୍ ଟ୍ୟୁମର କୁହାଯାଏ। ଟ୍ୟୁମରଟି ବେନଗିନ ବା ଅଣକର୍କଟ ହୋଇପାରେ। ଏହା ଦ୍ୱାରା ବିଶେଷ ଅଧିକ କ୍ଷତି ହୋଇ ନ ଥାଏ। ମାତ୍ର ଏହା ମାଲିଗାନାଣ୍ଟ ବା କର୍କଟ ସମସ୍ୟା ସୃଷ୍ଟି କରୁଥିବା ଟ୍ୟୁମର ହେଲେ ତାହା ଅତ୍ୟନ୍ତ କ୍ଷତିକାରକ। ଏହି ସମସ୍ୟା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ।

# ପ୍ରାଣୀମାନଙ୍କୁ ସେବା ଦେବା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

■ ରାଜ୍ୟସ୍ତରୀୟ ପ୍ରାଣୀସେବା ହେଲ୍‌ପଲାଇନ, ଟେଲି ଭେଟେରିନାରି ସେବା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମ୍ୟାପିଂ ବ୍ୟବସ୍ଥାର ଶୁଭାରମ୍ଭ

■ ଜାରି ହେଲା ଟୋଲ୍ ଫ୍ରି ନମ୍ବର ୧୯୬୨



ଭୁବନେଶ୍ୱର,୭।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ଜରିଆରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ରାଜ୍ୟସ୍ତରୀୟ ପ୍ରାଣୀସେବା ହେଲ୍‌ପଲାଇନ ସହିତ ଅନେକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜନସାଧାରଣଙ୍କୁ ନିବେଦନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଲା ଓ ପରିତ୍ୟକ୍ତ ପ୍ରାଣୀମାନଙ୍କ ଆବଶ୍ୟକତା ପ୍ରତି ପ୍ରତ୍ୟେକ ନାଗରିକ ସମ୍ବେଦନଶୀଳ ହୋଇ ସେମାନଙ୍କୁ ସେବା ଯୋଗାଇଦେବା ଆବଶ୍ୟକ।

ରାଜ୍ୟ ସରକାର ବୁଲା ଓ ଅସହାୟ ପ୍ରାଣୀମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାମ କରୁଛନ୍ତି। ସହରାଞ୍ଚଳରେ ହେଲ୍‌ପଲାଇନ ୟୁନିଟ୍ ସହିତ ପ୍ରାଣୀ ଆମ୍ବୁଲାନ୍ସ ଓ ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏଥିପାଇଁ କାମ କରୁଥିବା ବେସରକାରୀ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ରାଜ୍ୟସ୍ତରୀୟ ପ୍ରାଣୀ ହେଲ୍‌ପଲାଇନ ଦ୍ୱାରା ଏହି ପ୍ରାଣୀମାନଙ୍କ ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ପ୍ରାଣୀସମ୍ପଦ ବିଭାଗର କର୍ମଚାରୀମାନଙ୍କୁ ଏଥିରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବୁଲା ପ୍ରାଣୀମାନଙ୍କ ଚିକିତ୍ସା ଓ ସେବା ପାଇଁ ଜାରି ହୋଇଥିବା ରାଜ୍ୟସ୍ତରୀୟ ହେଲ୍‌ପଲାଇନ ୧୯୬୨ ଦିନରାତି କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଜରୁରୀ ସମୟରେ ପ୍ରାଣୀମାନଙ୍କୁ ଚିକିତ୍ସା ସେବା ମିଳିପାରିବ।

ସେହିପରି ଟେଲି ଭେଟେରିନାରି ସେବା ବ୍ୟବସ୍ଥାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ କାର୍ଯ୍ୟକ୍ରମଗୁଡ଼ିକ ରାଜ୍ୟର ଚାଷୀମାନଙ୍କ ରୋଜଗାର ବୃଦ୍ଧି କରିବାରେ ସହାୟକ ହୋଇଛି। ରାଜ୍ୟ ସରକାର ଚାଷୀମାନଙ୍କ ପ୍ରାଣୀ ସମ୍ପଦକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଟେଲି ଭେଟେରିନାରି ସେବା ବ୍ୟବସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆହୁରି ଦୃଢ଼ ହେବା ସହିତ ପ୍ରାଣୀମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଇପାରିବ।

ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଟୋଲ୍ ଫ୍ରି ନମ୍ବର ୧୯୬୨ କିମ୍ବା ୧୫୫୩୩୩ରେ ଫୋନ କରି ତୁରନ୍ତ ସହାୟତା ମିଳିପାରିବ। ରାଜ୍ୟର ୧୧ଟି ସହରରେ ଆନିମଲ୍ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ସବୁ ବ୍ଲକରେ ପ୍ରାଣୀସେବା କେନ୍ଦ୍ରର ସୁବିଧା ମଧ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମ୍ୟାପିଂ ସିଷ୍ଟମ୍‌ର ଶୁଭାରମ୍ଭ ମଧ୍ୟ କରିଛନ୍ତି। ୫-ଟି ଉପକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ସବୁ ପ୍ରାଣୀଚାଷ ୟୁନିଟ୍‌ଗୁଡ଼ିକର ଜିଓ ଟ୍ୟାଗିଂ ଓ ମ୍ୟାପିଂ କରାଯିବ। ଏହାକୁ ୱେବ୍ ଜିଆଇଏସ୍ ପ୍ଲାଟ୍‌ଫର୍ମରେ ଦେଖାଯାଇପାରିବ। ଏହାଦ୍ୱାରା ସ୍ୱଚ୍ଛତା ଓ ଉତ୍ତରଦାୟିତା ବୃଦ୍ଧିପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି ଅବସରରେ ବିଏଆଇଏଫ୍ ପ୍ରତିଷ୍ଠାନ ସହିତ ୨ଟି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣା ଅନୁଯାୟୀ ରାଜ୍ୟରେ ୧୫୦୦ କୃତ୍ରିମ ପ୍ରଜନନ ଟେକ୍ନିସିଆନ ନିୟୋଜିତ ହେବେ। ଏହାସହିତ ଗୋପାଳପୁରଠାରେ ଭେକ୍ଟି ଯାଆଁଳ ହାଚେରି ପ୍ରତିଷ୍ଠା ପାଇଁ ରାଜୀବ ଗାନ୍ଧୀ ସେଣ୍ଟର ଫର ଆକ୍ୱାକଲ୍‌ଚର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଭେକ୍ଟି ମାଛର ଚାହିଦା ବହୁତ ଅଧିକ ଥିବାରୁ ଏହା ମାଛଚାଷୀମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବିଭାଗ ପକ୍ଷରୁ ରାଜ୍ୟର ପ୍ରାଣୀସମ୍ପଦର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ସଚିବ ଆର. ରଘୁପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ମିଶନ ଶକ୍ତି କମିଶନର-ତଥା-ସଚିବ ଏବଂ ବିଭିନ୍ନ ଜିଲାରେ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚଳିତବର୍ଷ ୧ ଲକ୍ଷ ହେକ୍ଟରରେ ଅଣଧାନ ଚାଷ

■ ଫଳ, ପନିପରିବା, ତୈଳବୀଜ, ଡାଲିଜାତୀୟ ଫସଲକୁ ଗୁରୁତ୍ୱ

■ ୫୩୧ କୋଟି ଟଙ୍କାର ଆକ୍ସନ ପ୍ଲାନ୍‌କୁ ଅନୁମୋଦନ

ଭୁବନେଶ୍ୱର,୭।୬(ବ୍ୟୁରୋ)

୨୦୨୨-୨୩ରେ ରାଜ୍ୟରେ ୧ ଲକ୍ଷ ହେକ୍ଟରରେ ଅଣଧାନ ତଥା ପନିପରିବା, ଡାଲିଜାତୀୟ, ତୈଳବୀଜ, ନଡ଼ିଆ, ଫଳଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଚାଷ ପାଇଁ ୫୩୧ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ଆକ୍ସନ ପ୍ଲାନକୁ ଅନୁମୋଦନ କରାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ଏହି ଅର୍ଥ ଖର୍ଚ୍ଚ କରାଯିବ। କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଏହି ଯୋଜନାରେ ୬୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେବାର ବ୍ୟବସ୍ଥା ରହିଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଆକ୍ସନ ପ୍ଲାନକୁ ଅନୁମୋଦନ କରାଯାଇଛି। ରାଜ୍ୟରେ ଉତ୍ପାଦିତ ହେଉଥିବା ପନିପରିବା, ଆମ୍ବ, ପିଜୁଳି, ଅମୃତଭଣ୍ଡା, ଲେମ୍ବୁ, ପିଆଜ, ଟମାଟୋ ଆଦିର ସମ୍ପୂର୍ଣ୍ଣ ଅଧ୍ୟୟନ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ଏକ ନିର୍ଦ୍ଦିଷ୍ଟ ଆକ୍ସନ ପ୍ଲାନ କରିବା ଆବଶ୍ୟକ। ପାଣି ସିଞ୍ଚନ ଓ କ୍ଷୁଦ୍ର ଜଳସେଚନକୁ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବୈଠକରେ ଯୋଗ ଦେଇ କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା କହିଛନ୍ତି ଯେ ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ଯାଜପୁର ଜିଲାରେ କଦଳୀ, ପିଜୁଳି ଓ ଅମୃତଭଣ୍ଡା ଆଦି ଚାଷ କରାଯାଉଛି। ୨୦୨୧-୨୨ରେ ଏହିସବୁ ଜିଲାରେ ୧୦୧୫ ହେକ୍ଟର ଜମିରେ ଚାଷ କରାଯାଇଛି। ଏଥିପାଇଁ ୭୨ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ବୈଠକରେ ପଞ୍ଚାୟତିରାଜ ବିଭାଗ ସଚିବ ଅଶୋକା ମୀନା, ଅର୍ଥ ବିଭାଗ ସଚିବ ବିଶାଳ ଦେବ, ଜଳ ସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ, କୃଷି ବିଭାଗ ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ଥୋମାସ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବ ଓଡ଼ିଶା

ଭୁବନେଶ୍ୱର,୭।୬(ବ୍ୟୁରୋ): ୧୪ଥର ଥୋମାସ କପ୍ ବିଜେତା ଇଣ୍ଡୋନେସିଆକୁ ପରାସ୍ତ କରି ଟାଇଟଲ ହାସଲ କରିଥିବା ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳକୁ ଓଡ଼ିଶା ସମ୍ବର୍ଦ୍ଧିତ କରିବ। ଜୁନ୍ ୮ରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ପ୍ରତ୍ୟେକ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ। ଏଥିଲାଗି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଉଛି। ଏହି ଉତ୍ସବରେ ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ପୁଲେଲା ଗୋପୀଚାନ୍ଦଙ୍କ ସମେତ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳକୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସ୍ୱାଭିମାନ ଅଞ୍ଚଳରୁ ୪ ମାଓବାଦୀ ଗିରଫ

ମାଲକାନଗିରି,୭।୬ (ଡି.ଏନ୍.ଏ.): ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରୁ ୪ଜଣ ମାଓବାଦୀଙ୍କୁ ମଙ୍ଗଳବାର ଆନ୍ଧ୍ର ପୋଲିସ ଗିରଫ କରିଛି। ସେମାନେ ହେଲେ ବନ୍ତଲା ରାମକ୍ରିଷ୍ଣା ଓରଫ ଅଶୋକ, କୋରା ଚିନ୍ନାୟା, କୋରା ସୁରିବାବୁ ଓ ବନ୍ତଲା ରାବଣା। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ବିଶାଖାପାଟଣା ଜିଲାର ପେଦାବାଇଲୁ ବ୍ଲକ ଇରି ଗ୍ରାମର ବନ୍ତଲା ରାମକ୍ରିଷ୍ଣା ମାଓବାଦୀ ସଙ୍ଗଠନରେ ଏସିଏମ୍ ଭାବେ ଏବଂ କୋରା ଓ କୋରା ସୁରିବାବୁ ମିଲିସିଆ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବନ୍ତଲା ରାବଣା ମଧ୍ୟ ମିଲିସିଆ ଭାବେ କାର୍ଯ୍ୟ କରୁଥିଲେ। ସମସ୍ତଙ୍କ ଘର ଇରି ଗ୍ରାମରେ ବୋଲି ଜଣାପଡ଼ିଛି। ସ୍ୱାଭିମାନ ଅଞ୍ଚଳ ସମେତ ବହୁ ସ୍ଥାନରେ ଏମାନେ ହିଂସା ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବିଶାଖାପାଟଣା ପୋଲିସ ସୂଚନା ଦେଇଛି।

## ଚିତ୍ରକୋଣ୍ଡା ଅଞ୍ଚଳରେ ଲାଗିଲା ମାଓବାଦୀ ପୋଷ୍ଟର

ଚିତ୍ରକୋଣ୍ଡା,୭।୬(ଡି.ଏନ୍.ଏ.): ଦୀର୍ଘଦିନର ବ୍ୟବଧାନ ପରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ଟନେଲ କ୍ୟାମ୍ପ ମୁଖ୍ୟ ରାସ୍ତାରେ ମାଓବାଦୀଙ୍କ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଦଣ୍ଡକାରଣ୍ୟ ଡିଭିଜନ ପକ୍ଷରୁ ଲାଗିଥିବା ଏହି ପୋଷ୍ଟରଗୁଡ଼ିକରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଉଲ୍ଲେଖ ରହିଛି। ଉକ୍ତ ଅଞ୍ଚଳରେ ବିଛାଯାଉଥିବା ପାଇପ ଲାଇନ କାର୍ଯ୍ୟକୁ ମଧ୍ୟ ପୋଷ୍ଟରରେ ବିରୋଧ କରାଯାଇଛି। ପୋଲିସ ଗଞ୍ଜେଇ ଗଛ କାଟିବା ଓ ଚୋରା ଚାଲାଣ ଆଳରେ ନିରୀହ ଆଦିବାସୀଙ୍କ ପ୍ରତି ଅତ୍ୟାଚାର କରିବା, ନିରୀହ ଆଦିବାସୀଙ୍କୁ ମାଓବାଦୀ ଆଖ୍ୟା ଦେଇ ଦଣ୍ଡିତ କରିବା ନେଇ ଉଲ୍ଲେଖ ରହିଛି। ଏହାକୁ ବନ୍ଦ କରା ନ ଗଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ ପରିଡ଼ାଙ୍କୁ ପଚାରିବାରୁ ସେ କହିଲେ, ପ୍ରକୃତରେ କିଏ ଏହି ପୋଷ୍ଟର, ବ୍ୟାନର ମାରିଛି ତାହା ସ୍ପଷ୍ଟ ହୋଇନାହିଁ। ଏହାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଥିଲେ।

# ଜନ୍ମମାଟିକୁ ଫେରିଲେ କେ-ପପ୍ ଷ୍ଟାର୍ ଶ୍ରେୟା



ଜିଲା ପୋଲିସ ତରଫରୁ ଏସ୍‌ପି ଶ୍ରେୟା ଓ ତାଙ୍କ ମା'ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜିଲା ପୋଲିସ ପକ୍ଷରୁ ଦିଆଗଲା ସମ୍ବର୍ଦ୍ଧନା

ଝାରସୁଗୁଡ଼ା ଅଫିସ,୭।୬

କେ-ପପ୍ ବା କୋରିଆନ ପପ୍ ବ୍ୟାଣ୍ଡ ବ୍ଲାକ୍ ସ୍ୱାନର ସଦସ୍ୟତା ଲାଭକରି ଆନ୍ତର୍ଜାତିକ ସଫଳତା ପାଇଛନ୍ତି ଓଡିଆ ଝିଅ ଶ୍ରେୟା ଲେଙ୍କା। ଦୀର୍ଘ ୬ମାସ ସାଉଥ୍ କୋରିଆରେ ଶ୍ରେୟା ପ୍ରଶିକ୍ଷଣ ନେଇ ସଫଳତା ପାଇବା ପରେ ମଙ୍ଗଳବାର ନିଜ ଜନ୍ମଭୂମିକୁ ଫେରିଛନ୍ତି। ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦରରେ ପହଞ୍ଚିବା ଖବରପାଇ ତାଙ୍କ ମା'ବାପାଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସେଠାରେ ତାଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ପୋଲିସ ତରଫରୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡ଼ା, ଏସ୍‌ଡିପି ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ବନଶ୍ରୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରେୟାଙ୍କ ସମେତ ତାଙ୍କ ବାପା ଅଭିନାଶ ଲେଙ୍କା ଓ ମା' ପ୍ରିୟତମା ଲେଙ୍କାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଏସ୍‌ପି ଜୈନ ତାଙ୍କ ବକ୍ତବ୍ୟରେ କହିଥିଲେ, ଆନ୍ତର୍ଜାତିକ ସଫଳତା ପାଇଥିବା ଶ୍ରେୟା ହେଉଛନ୍ତି ଦେଶ, ରାଜ୍ୟ ଓ ଝାରସୁଗୁଡ଼ା ଜିଲା ପାଇଁ ଗୌରବ। ଖାଲି ଗୌରବ ନୁହେଁ ଝିଅମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ। ସମାଜରେ ଝିଅ ଓ ନାରୀଶକ୍ତିକୁ ଦେଶର ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଫଳରେ ଶ୍ରେୟାଙ୍କ ଭଳି ଝିଅମାନେ ଆନ୍ତର୍ଜାତିକ ସ୍ତରରେ ସଫଳତା ପାଇପାରୁଛନ୍ତି। ସରକାରଙ୍କ ବେଟି ବଚାଓ ବେଟି ପଢାଓ ନାରା ସମାଜ ପାଇଁ ସଫଳତା ଆଣିଛି। ଯୁବପିଢିଙ୍କ ଉଦ୍ଦେଶ୍ୟରେ ଶ୍ରେୟା କହିଛନ୍ତି ନିଷ୍ଠାର ସହ କାର୍ଯ୍ୟ କଲେ ନିଶ୍ଚିତ ସଫଳତା ମିଳିବ। ସମାଜକୁ ବାର୍ତ୍ତା ଦେବାକୁ ଯାଇ ଶ୍ରେୟାଙ୍କ ମା' କହିଛନ୍ତି, କନ୍ୟାଭ୍ରୂଣ ହତ୍ୟା ନ କରି ଦୁନିଆକୁ ଆଣି ମଣିଷ ଭଳି ମଣିଷଟିଏ କରି ଗଢିତୋଳିବା। ଫଳରେ ଶ୍ରେୟା ଭଳି ସେ ଦିନେ ଦେଶ ଓ ଜାତିର ଟେକ ରଖିବ।

# ବନ୍ଦର, ପେଟ୍ରୋକେମିକାଲ୍‌ସ ପ୍ଲାଣ୍ଟକୁ ବିରୋଧ

## ଭିଟାମାଟି ସୁରକ୍ଷା କମିଟି ଆହ୍ୱାନରେ ବିଶାଳ ଜନସମାବେଶ

■ ଏକାଠି ଲଢ଼ିଲେ ଜିତିବା: ମେଧା ପାଟେକର

ବାଲିଆପାଳ,୭।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ୍‌ସ ପ୍ଲାଣ୍ଟ ବିରୋଧରେ ଜନଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଉପକୂଳ ଭିଟାମାଟି ସୁରକ୍ଷା କମିଟି ଆହ୍ୱାନରେ ମଙ୍ଗଳବାର ଦକ୍ଷିଣ ବାଲିଆପାଳର ବେତାଗଡ଼ିଆ ପଞ୍ଚାୟତ ନହରା ଛକରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସମାବେଶରେ ଯୋଗଦେଇ ଭିଟାମାଟିକୁ ସୁରକ୍ଷା କରିବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ଶପଥ ନେଇଥିଲେ। ଉପକୂଳ ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାମାଜିକ କର୍ମୀ ତଥା ନର୍ମଦା ବଞ୍ଚାଅ ଆନ୍ଦୋଳନ ନେତ୍ରୀ ଏବଂ ଜନ ଆନ୍ଦୋଳନ ସମୂହର ରାଷ୍ଟ୍ରୀୟ ସମନ୍ୱୟ କମିଟି ଅଧ୍ୟକ୍ଷା ମେଧା ପାଟେକର ଯୋଗଦେଇ ବକ୍ତବ୍ୟରେ କହିଥିଲେ ଏକତା ହିଁ ବଳ। ଆମେ ଏକ ହୋଇ ଲଢ଼ିବା। ଆମ ଭିଟାମାଟିକୁ ବଞ୍ଚାଇବା। ଏଇ ଲଢ଼େଇ ଆମ ସମସ୍ତଙ୍କର ଲଢ଼େଇ। ହମ୍ ଲଢ଼େଙ୍ଗେ ହମ୍ ଜିତେଙ୍ଗେ ବୋଲି ନାରା ଦେଇଥିଲେ। ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଲେଶ୍ୱର କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ଆଇନଜୀବୀ ଜୟନ୍ତ ଦାସ, ଓଡ଼ିଶା ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର, ଓଡ଼ିଶା ଏଆଇଏସ୍‌ଏଫ୍‌ର ସଭାପତି ସଂଘମିତ୍ରା ଜେନା, ବାଲିଆପାଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଜନ କୁମାର ନାୟକ, ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ୨୪ନଂ. ଜିଲା ପରିଷଦ ଜୋନ ସଦସ୍ୟ ବାବାଜୀ ଦେହୁରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏବଂ ଭିଟାମାଟି ସୁରକ୍ଷା କମିଟିର ସକ୍ରିୟ ସଂଗ୍ରାମୀ ସଦସ୍ୟ ଉପସ୍ଥିତ ରହି ଆନ୍ଦୋଳନରେ ସାମିଲ ହୋଇଥିଲେ।




ସମାବେଶରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# 'ମୁଁ ବଞ୍ଚିବାକୁ ଚାହେଁ, ଏହା ମୋର ଶେଷ ଇଚ୍ଛା'

■ କୋର୍ଟଙ୍କ ବାରଣ ସତ୍ତ୍ୱେ ନୂଆ ଭିଡିଓ ଜାରି କଲେ ଅନୁଭବ

କଟକ ଅଫିସ, ୭।୬



କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ପୁଣି ଏକ ଭିଡିଓ ନିଜର ୟୁ୍ୟଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ କରିଛନ୍ତି। କୋର୍ଟଙ୍କ ବାରଣ ସତ୍ତ୍ୱେ ସେ ଏହି ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଅନୁଭବ ଫ୍ୟାନ୍ସମାନଙ୍କୁ ନିଜେ ରହୁଥିବା ରୁମ୍ ବୁଲି ଦେଖାଇବା ସହ ତାଙ୍କ ଜୀବନଶୈଳୀ ସମ୍ପର୍କରେ କହିଛନ୍ତି। ଏଥିସହ ସେ ପରିବାର ଲୋକଙ୍କ ସହିତ ବିତାଇଥିବା ଖୁସିର ମୁହୂର୍ତ୍ତ ସମ୍ପର୍କରେ ଜଣାଇଛନ୍ତି। କାହାର ଭାବନା ସହ ନ ଖେଳିବାକୁ ସେ ଭିଡିଓରେ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମୁଁ ବହୁତ ବୋଝ ନେଲିଣି। ମୋତେ ମାରି ସାରିଲେଣି। ଆଉ ମରିବା ପାଇଁ ଭୟ ନାହିଁ। ସମସ୍ତଙ୍କ ପରି ମୋର ବି ଶେଷ ଇଚ୍ଛା ଅଛି। ମୁଁ ବଞ୍ଚିବାକୁ ଚାହେଁ। ଆଶା କରୁଛି ମୋର ଏହି ଶେଷ ଇଚ୍ଛା ପୂରଣ ହେବ। ଏହାପରେ ମୁଁ ଆଉ କିଛି କହିପାରିବିନି। ଯାହା ବି ସମସ୍ୟା ଆସିବ ସେସବୁର ସାମ୍ନା କରିବା ପାଇଁ ମୁଁ ପ୍ରସ୍ତୁତ ଅଛି। ଆଇନକୁ ମୁଁ ବିଶ୍ୱାସ କରେ। ମୁଁ ଏବଂ ମୋ ପରିବାର ପୁଣି ଥରେ ନୂଆ ସୂର୍ଯ୍ୟୋଦୟ ଦେଖିବ ବୋଲି ଆଶା କରୁଛି। ଏହି ଭିଡିଓରେ ଅନୁଭବ କାହାରି ନାଁ ନେଇ ନ ଥିଲେ ମଧ୍ୟ ନିଜ ଅସହାୟତା ଓ କ୍ଷୋଭ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ଅଭିନେତା ଅନୁଭବ ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାଦ ମାମଲା କୋର୍ଟରେ ବିଚାରାଧୀନ ରହିଛି। କିଛିଦିନ ତଳେ ଅନୁଭବ ସୋସିଆଲ ମିଡିଆରେ ବର୍ଷାଙ୍କ ବିରୋଧରେ କିଛି ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଥିଲେ। ଏହାକୁ ନେଇ ବର୍ଷା କଟକ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। କୋର୍ଟରେ ଏ ନେଇ ଏତଲା ଦାଏର ହୋଇଥିଲା। କୋର୍ଟ ଏହାର ଶୁଣାଣି କରି ବର୍ଷା ଓ ଅନୁଭବ କେହି କାହା ବିରୋଧରେ ସୋସିଆଲ ମିଡିଆରେ ମନ୍ତବ୍ୟ ନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜଙ୍ଗଲରୁ ଟିଫିନ୍‌ବୋମା ଠାବକଲେ ବିଏସ୍‌ଏଫ୍ ଯବାନ

କୋରାପୁଟ,୭।୬ (ସ୍ୱ.ପ୍ର.)

କୋରାପୁଟ ଜିଲାର ମନ୍ତ୍ରୀଆମ୍ବ ଗ୍ରାମ ନିକଟ ଜଙ୍ଗଲରୁ କୋମ୍ବିଂ ଅପରେଶନ ବେଳେ ବିଏସ୍‌ଏଫ୍ ଯବାନମାନେ ଟିଫିନ ବୋମା ଠାବ କରିଛନ୍ତି। ଯବାନଙ୍କୁ ଟାର୍ଗେଟ କରି ଏହି ବୋମା ଖଞ୍ଜାଯାଇଥିବା କୁହାଯାଉଛି। ଖବରରୁ ଜଣାପଡିଛି ବୈପାରିଗୁଡ଼ା ବିଏସ୍‌ଏଫ୍ ୧୫୧ ବାଟାଲିୟନ ଯବାନମାନେ ମଙ୍ଗଳବାର ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କେଲାର ପଞ୍ଚାୟତର ମନ୍ତ୍ରୀଆମ୍ବ ଗ୍ରାମ ତଥା ରାଞ୍ଚି -ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଟିଫିନ ବୋମା ଖଞ୍ଜାଯାଇଥିବା ସୂଚନା ପାଇଥିଲେ। ପରେ ବିଏସ୍‌ଏଫ୍ କ୍ୟାମ୍ପ ଯବାନମାନେ ସନ୍ଧାନୀ କୁକୁର ସହାୟତାରେ ଜଙ୍ଗଲରେ ତଲାସି କରିଥିଲେ। ମେଟାଲ ଡିଟେକ୍ଟର ଟିମ୍ ମଧ୍ୟ ଏଥିରେ ସାମିଲ ଥିଲେ। ଏହି ସମୟରେ ଜଙ୍ଗଲର ଏକ ସ୍ଥାନରେ ମାଟି ଖୋଳାଯାଇଥିବା ଯବାନମାନେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ବାଟାଲିୟନର କମାଣ୍ଡାଣ୍ଟ ଅଜୟ କୁମାରଙ୍କୁ ସୂଚନା ଦେଇଥିଲେ। କମାଣ୍ଡାଣ୍ଟଙ୍କ ସହ ଡିଏସ୍‌ପି ବିରଞ୍ଚି ନାରାୟଣ ଜଗତ ଓ ବୈପାରିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଟିଫିନ ବୋମା ଉଦ୍ଧାର କରି ପରେ ଏହାକୁ ନିଷ୍କ୍ରିୟ କରିଦେଇଥିଲେ। ବୋମା ଉଦ୍ଧାର ପରେ ଉକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଜାରି ରହିଥିବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ମନ୍ତ୍ରୀଆମ୍ବ ଅଞ୍ଚଳରେ ମାଓବାଦୀମାନେ ଅନେକ ହିଂସାକାଣ୍ଡ ଘଟାଇ ବ୍ୟାପକ ଧନଜୀବନ ହାନି କରିଛନ୍ତି।

# ଚିଲିକାରେ ଚାଲିବ ଓଡ଼ିଶାର ପ୍ରଥମ କ୍ରୁଜ୍ 'ଗରୁଡ଼'

## ୯ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୭।୬(ବ୍ୟୁରୋ)

ଓଡ଼ିଶାରେ ପର୍ଯ୍ୟଟକମାନେ ପାଇବେ କ୍ରୁଜ୍‌ର ମଜା। ଚିଲିକା ହ୍ରଦରେ ପ୍ରଥମ ଥର ପାଇଁ କ୍ରୁଜ୍ (ବୋଟ୍) ଚାଲିବ। ଚିଲିକାର ବରକୂଲରେ ଥିବା ବିକାଶ ଇକୋ ରିସର୍ଟ୍ସ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ଏହି କ୍ରୁଜ୍‌ର ନାମ 'ଗରୁଡ଼' ରଖାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୯ ତାରିଖରେ ଉଦ୍‌ଘାଟନ କରିବେ। ଚିଲିକା ସହ ସାତପଡ଼ାରେ ମଧ୍ୟ ଏହା ଉପଲବ୍ଧ ହେବ। ବରକୂଳରେ ଥିବା ପାନ୍ଥନିବାସ ଦ୍ୱାରା କ୍ରୁଜ୍‌ର ସେବା ମିଳିବ। ଏବେ ପର୍ଯ୍ୟଟକମାନେ ଏହି ବିଳାସପୂର୍ଣ୍ଣ ବୋଟ୍ (କ୍ରୁଜ୍) ମାଧ୍ୟମରେ ଚିଲିକାକୁ ଅଧିକ ଉପଭୋଗ କରିପାରିବେ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଦ୍ୱାରା ଏହି ପ୍ରକଳ୍ପକୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଅନୁମୋଦନ ଦେଇଛି। ଏଥିଲାଗି ଚିଲିକା ବିକାଶ ପ୍ରାଧିକରଣ, ବନ୍ଦର ନିର୍ଦ୍ଦେଶାଳୟ ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟରୁ ଆଇନଗତ ଅନୁମତି ଗ୍ରହଣ କରାଯାଇଛି। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ ଓଡ଼ିଶାରେ କ୍ରୁଜ ଚାଲିବା ନେଇ ନଦୀ ବା ସମୁଦ୍ରଭିତ୍ତିକ ଓ ରଣନୀତିକ ସୁବିଧାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ମେ ୧୪ ଓ ୧୫ ତାରିଖରେ ମୁମ୍ବାଇରେ ହୋଇଥିବା କ୍ରୁଜ୍ ସମ୍ମିଳନୀରେ ଦର୍ଶାଇଥିଲେ। ଉକ୍ତ କ୍ରୁଜ୍ ବୋଟ୍‌ରେ ୨ଟି ସୁବିଧାଜନକ ଓ ୪ଟି ପ୍ରମୁଖ କୋଠରି ରହିଛି। ଏହାବ୍ୟତୀତ ବୈଠକ ଲାଗି ଓପନ ଏୟାର ଲବି, ବାର୍, ରେସ୍ତୋରାଁ ଏବଂ ଛୋଟ ପିଲାଙ୍କ ପାଇଁ ସୁଇମିଂ ପୁଲ୍ ରହିଛି। ସେହିପରି ରାତ୍ରରହଣୀ, ଖାଦ୍ୟପେୟ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ରକ୍ତହୀନତା ମୁକାବିଲା ପାଇଁ ଆରମ୍ଭ ହେବ 'ଅମ୍ଳାନ'

ଭୁବନେଶ୍ୱର, ୭।୬(ବ୍ୟୁରୋ): ରାଜ୍ୟରେ ଶିଶୁ ଓ ଗର୍ଭବତୀଙ୍କଠାରେ ରକ୍ତହୀନତା ଅଧିକ ଦେଖାଯାଉଛି। ତେଣୁ ଏହାକୁ ମନିଟରିଂ ଓ ପରିଚାଳନା କରିବା ପାଇଁ ରାଜ୍ୟ ସରକାର ଏକ ନୂତନ ଯୋଜନା 'ଆନେମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ' ବା 'ଅମ୍ଳାନ' ଆରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତା ଜୁଲାଇ ମାସରେ ଏହାର ଶୁଭାରମ୍ଭ ହେବ ବୋଲି ଜଣାପଡ଼ିଛି। ନିକଟରେ ପ୍ରକାଶ ପାଇଥିବା ୨୦୨୦-୨୧ର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ (ଏନ୍‌ଏଫ୍‌ଏଚ୍‌ଏସ୍-୫) ରିପୋର୍ଟ ଅନୁସାରେ ଓଡ଼ିଶାରେ ପିଲାଙ୍କଠାରେ ରକ୍ତହୀନତା ୬୪.୨% ଥିଲା। ଯାହାକି ଏନ୍‌ଏଫ୍‌ଏଚ୍‌ଏସ୍-୪ ତୁଳନାରେ ଅଧିକ ଥିଲା। ୨୦୧୫-୧୬ରେ ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଏହା ୪୪.୬% ଥିଲା। ସେହିଭଳି ୧୫ ରୁ ୪୯ବର୍ଷ ବୟସ୍କ ଗର୍ଭବତୀଙ୍କ କ୍ଷେତ୍ରରେ ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ୫୧% ଥିବାବେଳେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ୬୪.୩% ରହିଥିଲା।

### ଇଗ୍ନୋରେ ୪ ବିଷୟରେ ଏମ୍‌ବିଏର ଶୁଭାରମ୍ଭ

ଭୁବନେଶ୍ୱର,୭।୬(ବ୍ୟୁରୋ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ଚଳିତ ବର୍ଷଠାରୁ ୪ଟି ବିଷୟରେ ଏମ୍‌ବିଏର ଶୁଭାରମ୍ଭ ହୋଇଛି। ସେଗୁଡ଼ିକ ହେଲା ହ୍ୟୁମାନ ରିସୋର୍ସ, ଅପରେଶନ, ଫାଇନାନ୍ସିଆଲ ଏବଂ ମାର୍କେଟିଂ ମ୍ୟାନେଜମେଣ୍ଟ। ଏଥିସହ ବ୍ୟାଙ୍କିଙ୍ଗ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କ ପାଇଁ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏଭଳି ଭାବେ ଏମ୍‌ବିଏରେ ୭ଟି ବିଷୟରେ ପାଠ୍ୟକ୍ରମ ଉପଲବ୍ଧ ହୋଇଛି। ଏ ନେଇ ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର କ୍ଷେତ୍ର ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏମ୍‌ବିଏ. ପାଠ୍ୟକ୍ରମଗୁଡ଼ିକ ଏଆଇସିଟିଆଇ ଦ୍ୱାରା ସ୍ୱୀକୃତି ପ୍ରାପ୍ତ। ଏଥିପାଇଁ କୌଣସି ପ୍ରବେଶିକା ପରୀକ୍ଷା ନାହିଁ। ଆବେଦନ କରିବା ଲାଗି ସାଧାରଣ ବର୍ଗଙ୍କ ପାଇଁ ୫୦% ମାର୍କ ଆବଶ୍ୟକତା ଥିବାବେଳେ ଅନୁସୂଚିତ ଜନଜାତି ଏବଂ ଜନଜାତିଙ୍କ ପାଇଁ ସ୍ନାତକରେ ୪୫% ମାର୍କର ଆବଶ୍ୟକତା ରହିଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ www.ignouadmission.samarth.edu.in ୱେବସାଇଟରେ ଆବେଦନ କରିପାରିବେ।

### ସୁନାବେଡ଼ା ଅଭୟାରଣ୍ୟରୁ ନରକଙ୍କାଳ ଠାବ

**ନୂଆପଡ଼ା ଅଫିସ,୭।୬:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟରୁ କୋମନା ଓ ତରବୋଡ ପୋଲିସ ମିଳିତ ଭାବେ ଏକ ନରକଙ୍କାଳ ଠାବ କରିଛି। କଙ୍କାଳର ହାତରେ ଚୂଡ଼ି ଥିବା ବେଳେ ମୁଣ୍ଡାରେ ଲମ୍ବା ଚୁଟି ରହିଥିବା ଦେଖି ଏହା ଜଣେ ମହିଳାଙ୍କର କଙ୍କାଳ ବୋଲି ଅନୁମାନ କରାଯାଉଛି। ସୂଚନାନୁସାରେ ସୁନାବେଡା ଅଭୟାରଣ୍ୟ ମଧ୍ୟସ୍ଥ ସୋସେଙ୍ଗ ପଞ୍ଚାୟତ ରୂପିଆମ ଗାଁ ନିକଟ ଜଙ୍ଗଲରେ ଏକ ନରକଙ୍କାଳ ପଡ଼ିଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇ ସେଠାରୁ ତାହା ଜବତ କରିଛି। ଗତ ୨ ମାସ ତଳେ କୋମନା ଅଞ୍ଚଳର ଜଣେ ଯୁବତୀ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ତେଣୁ କଙ୍କାଳଟି ସମ୍ପୃକ୍ତା ଯୁବତୀଙ୍କର ହୋଇଥାଇପାରେ ବୋଲି ସନ୍ଦେହ କରାଯାଇଛି। ଏ ନେଇ କୋମନା ପୋଲିସ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦେଇ ନ ଥିବାରୁ ବିଶେଷ ତଥ୍ୟ ମିଳିପାରିନାହିଁ।

# ଗ୍ରାମାଞ୍ଚଳରେ ଅବାଧ ଅଶ୍ଳୀଳ ନୃତ୍ୟ

## ୬ଯୁବତୀଙ୍କ ସମେତ ୭ ଗିରଫ

■ ଯାତ୍ରା ନାମରେ ଚାଲିଛି ଅଶ୍ଳୀଳ ପ୍ରଦର୍ଶନ
■ ସନ୍ଦେହ ଘେରରେ ପୋଲିସର କାର୍ଯ୍ୟାନୁଷ୍ଠାନ

ଗୁଣପୁର,୭।୬(ଡି.ଏନ୍.ଏ.)

ଅଶ୍ଳୀଳ ରେକର୍ଡ ଡ୍ୟାନ୍ସ ଉପରେ ଲଗାମ ଲାଗି ପାରୁନାହିଁ । ଯାତ୍ରା ନାମରେ ଚାଲିଛି ଅଙ୍ଗ ପ୍ରଦର୍ଶନ। ରାୟଗଡା ଜିଲା ଗୁଣପୁର ଏବଂ ରାମନାଗୁଡାର ବିଭିନ୍ନ ଗ୍ରାମାଞ୍ଚଳରେ ଏଭଳି ବେଧଡ଼କ କାରବାର ଚାଲିଛି। ବିଭିନ୍ନ ପର୍ବପର୍ବାଣି ଆଳରେ ଗାଁ ଗାଁରେ ଏହା ଚାଲୁଛି। ତାହାକୁ ବନ୍ଦ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି। ନାମକୁ ମାତ୍ର ବେଳେବେଳ ଧରପଗଡ଼ କରାଯାଏ। ହେଲେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ରେକର୍ଡ ଡ୍ୟାନ୍ସରେ ରାଜ୍ୟ ଏବଂ ରାଜ୍ୟ ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଦଲାଲମାନେ ଆଣି ନଚାଇଥାନ୍ତି। ଯୁବତୀମାନେ ନିଜ ପେଟପାଟଣା ପାଇଁ ଏପରି କରିବାକୁ ବାଧ୍ୟ ହେଉଥିବାବେଳେ ଦଲାଲମାନେ ଏଥିରେ ମାଲାମାଲ ହେଉଛନ୍ତି। ଗୁଣପୁର ପୋଲିସ ପଗଡବିଲିରେ ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ ଲାଗି ରେକର୍ଡ ଡ୍ୟାନ୍ସ କରିବାକୁ ଆସିଥିବା ୬ ଜଣ ଯୁବତୀଙ୍କ ସମେତ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ସନ୍ତୋଷ ସାହୁଙ୍କୁ ଗିରଫ କରିଛନ୍ତି। ଯୁବତୀମାନେ ଭୁବନେଶ୍ୱର, କଟକ, ମୟୂରଭଞ୍ଜ ଏବଂ ଓଡଗାଁ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ରବିବାର ଗିରଫ କରାଯାଇଥିବାବେଳେ ମଙ୍ଗଳବାର ଗୁଣପୁର ଏସ୍‌ଡିଜେଏମ୍‌ଙ୍କ ନିକଟରେ ହାଜର କରାଯାଇଛି। ୭ ଜଣ ଅଭିଯୁକ୍ତଙ୍କୁ ପୋଲିସ ଆଇପିସି ଦଫା ୨୯୪, ୧୧୪ ଏବଂ ୩୪ରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫର ୨ଦିନ ପର୍ଯ୍ୟନ୍ତ ୬ଜଣ ଯୁବତୀଙ୍କୁ ଥାନାରେ ରଖିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗିରଫ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଏସ୍‌ଡିଜେଏମ୍ ସେମାନଙ୍କୁ ଜାମିନରେ ଛାଡଥିବା ଅଭିଯୁକ୍ତଙ୍କ ଓକିଲ ଅକ୍ଷୟ ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଥାଉକି ଗଜପତି, ରାୟଗଡ଼ା ଓ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏପରି ଅଶ୍ଳୀଳ ନୃତ୍ୟର ଆୟୋଜନ କରାଯାଉଛି। ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିମାନେ ପୋଲିସ ସହାୟତାରେ ଏପରି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଏଥିରେ ଟିକେଟ ବ୍ୟବସ୍ଥା ମଧ୍ୟ ରହୁଛି। ଏଥିରୁ ବିପୁଳ ପରିମାଣର ଅର୍ଥ ଆଦାୟ ହେଉଛି, ଯାହାର ହିସ୍ସାଭାଗ ପୋଲିସ ବରିଷ୍ଠ ଅଧିକାରୀମାନଙ୍କ ପାଖରେ ପହଞ୍ଚୁଛି। ଆୟୋଜନରେ ଭାଗ ନେଉଥିବା ଦର୍ଶକଙ୍କୁ ଉକ୍ତ ନୃତ୍ୟର ଭିଡିଓ ଉତ୍ତୋଳନ କରିବାକୁ ବାରଣ କରାଯାଉଛି। ଏଥିପାଇଁ ଦର୍ଶକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ଭିଡିଓ ଉତ୍ତୋଳନ କଲେ ଗୁଳି କରି ହତ୍ୟା କରାଯିବାକୁ ମଧ୍ୟ ଆୟୋଜକମାନେ ଧମକ ଦେଉଥିବା କିଛିଦିନ ତଳେ ଗଜପତି ଜିଲାରୁ ଆସିଥିବା ଏକ ଅଭିଯୋଗରୁ ଜଣାପଡିଛି।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ



କାର୍ଯ୍ୟଭାର ଗ୍ରହଣ କରିବା ପରେ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ।

ଭୁବନେଶ୍ୱର, ୭।୬(ବ୍ୟୁରୋ)

ନୂତନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ଅଧିକାରୀଙ୍କୁ ଡକାଇ ଉଚ୍ଚଶିକ୍ଷା ବିଭାଗ ପାଇଁ ୫ଟି ଆକ୍ସନ୍ ପ୍ଲାନ୍ ଲାଗୁ କରିବା, ଉଚ୍ଚଶିକ୍ଷା କ୍ଷେତ୍ରରେ ଜନସାଧାରଣଙ୍କ ଲାଗି ଉତ୍ତମ ସେବା ଯୋଗାଇବା କିପରି ନିଶ୍ଚିତ ହେବ ସେଥିପ୍ରତି ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ଗବେଷଣାର ଗୁରୁତ୍ୱକୁ ମଧ ବଢ଼ାଇବା ସହିତ ରାଜ୍ୟରେ ଉଚ୍ଚଶିକ୍ଷାର ସାମଗ୍ରିକ ବିକାଶ ଆଣିବା ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପାଇବା ପରେ ପୂଜାରୀ କହିଥିଲେ, ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ମୋର କାର୍ଯ୍ୟ ହେଉଛି ତାହାକୁ ଆଗକୁ ନେବା ଏବଂ ଉଚ୍ଚସ୍ତରରେ ଉଚ୍ଚଶିକ୍ଷାର ଉନ୍ନତି ଆଣିବା। ନୂତନ ଶିକ୍ଷା ନୀତିର କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ ହେବ। ଆମେ ଡ୍ରପଆଉଟ୍ ଏବଂ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ପ୍ରସଙ୍ଗ ଉପରେ ଦୃଷ୍ଟି ଦେବୁ। ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ମିଶି ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲି। ବର୍ତ୍ତମାନ ଅନ୍ୟ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କରିବୁ ଏବଂ ଶିକ୍ଷା ବିକାଶ ଉପରେ ଧ୍ୟାନ ଦେବୁ ବୋଲି ପୂଜାରୀ ପ୍ରକାଶ କରିଛନ୍ତି।

# ପୁନ୍ୟାଙ୍କ ନୂଆ ଠିକଣା କଲୋରାଡୋ



ଜିଲାପାଳଙ୍କ କାର୍ଯ୍ୟାଳୟରେ ହେସଲେ ଦମ୍ପତି ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଛନ୍ତି।

## ପୋଷ୍ୟ ସନ୍ତାନ ଭାବେ ନେଲେ ଆମେରିକା ଦମ୍ପତି

କଟକ ଅଫିସ, ୭।୬

ଯୁକ୍ତରାଷ୍ଟ୍ର ଆମେରିକା କଲୋରାଡ଼ୋ ରାଜ୍ୟର ଡେଭିଡ ଆଲାନ ହେସଲେ ଓ ତାଙ୍କ ସ୍ତ୍ରୀ ଆବି କ୍ୟାମିଲେ ହେସଲେ କଟକ ବସୁନ୍ଧରାର ଅନ୍ତେବାସିନୀ ପୁନ୍ୟା (୨)ଙ୍କୁ ପୋଷ୍ୟ ସନ୍ତାନ ଭାବେ ମଙ୍ଗଳବାର ଗ୍ରହଣ କରିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ଆମେରିକା ଦମ୍ପତି ପୁନ୍ୟାଙ୍କୁ ନେଇଛନ୍ତି। ଏହି ଅବସରରେ ଜିଲାପାଳ ଚୟନୀ କହିଛନ୍ତି, ପୁନ୍ୟାଙ୍କ ନୂଆ ଠିକଣା ଏବେ ଯୁକ୍ତରାଷ୍ଟ୍ର ଆମେରିକାର କଲୋରାଡ଼ୋ। ସେ ପରିବାର, ଆବାସ, ମାତାପିତା ଓ ପରିଚୟ ପାଇଛି ବୋଲି ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଜିଲା ଶିଶୁ କଲ୍ୟାଣ ସମିତି ୨୦୨୧ ଜାନୁୟାରୀ ୧୯ ତାରିଖରେ ବିନା ପ୍ରତିବନ୍ଧକରେ ଆମେରିକା ଦମ୍ପତିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସଂସାଧନ ସଂସ୍ଥା (ସିଏଆର୍‌ଏ) ଏବଂ ରାଜ୍ୟ ପୋଷ୍ୟ ସନ୍ତାନ ସଂସାଧନ ସଂସ୍ଥା (ଏସ୍‌ଏଆର୍‌ଏ) ମଧ୍ୟ ଗତ ଫେବୃୟାରୀ ୧୧ ତାରିଖରେ ଅନୁମତି ଦେଇଥିଲେ। ଏହାପରେ ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ଜିଲାକୋର୍ଟ ହେସଲେ ଦମ୍ପତିଙ୍କୁ ଗତ ମେ' ୧୮ ତାରିଖରେ ଆଦେଶ ପ୍ରଦାନ କରିଥିଲେ। ହେସଲେ ଦମ୍ପତି ଓ ପୁନ୍ୟା ଆସନ୍ତା ୧୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡିଛି। ହେସଲେ ଦମ୍ପତି କହିଛନ୍ତି, ପୁନ୍ୟା ସେମାନଙ୍କୁ ଖୁବ୍ ଭଲ ପାଉଛି। ସେମାନେ ମଧ ପୁନ୍ୟାଙ୍କୁ ତତୋଧିକ ଭଲ ପାଉଛନ୍ତି। ପୁନ୍ୟାଙ୍କୁ ଏକ ନୂତନ ଜୀବନ ଓ ଦିଗ୍‌ଦର୍ଶନ ପ୍ରଦାନ ନିମନ୍ତେ ଦୀର୍ଘଯାତ୍ରାରେ ସମସ୍ତଙ୍କ ସହଯୋଗ ସେମାନଙ୍କୁ ଅଭୀଭୂତ କରିଛି।

## ଭିଜିଲାନ୍ସ ଜାଲରେ ଭେଜିପୁଟ ଫାଣ୍ଡି ଏଏସ୍‌ଆଇ

ଖଲ୍ଲିକୋଟ,୭।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡି ଏଏସ୍‌ଆଇ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କ ମାମଲା ରେଜିଷ୍ଟ୍ରେଶନ କରାଇବାକୁ ଏଏସ୍‌ଆଇ ମାନସ ରାଉତ ୩ ହଜାର ଟଙ୍କା ନେଇ ଗିରଫ ହୋଇଛନ୍ତି। ଭେଜିପୁଟ ଫାଣ୍ଡି ସମେତ ପୁରୀ ଓ ଏଏସ୍‌ଆଇ ରହୁଥିବା ଭଡ଼ା ଘରେ ଯାଞ୍ଚ ଚାଲୁ ରହିଛି।



ମାନସ ରାଉତ

ସୂଚନାନୁଯାୟୀ, ଭେଜିପୁଟ ଫାଣ୍ଡି ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଫୋନରେ କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଧମକ ଦେଇଥିଲେ। ଏ ନେଇ ସେ ଫାଣ୍ଡିରେ ଏତଲା ଦେଇଥିଲେ। ଉକ୍ତ କେଶକୁ ରେଜିଷ୍ଟ୍ରେଶନ କରିବା ପାଇଁ ଏଏସ୍‌ଆଇ ମାନସ ରାଉତ ୩ ହଜାର ଟଙ୍କା ମାଗିଥିଲେ। ବ୍ୟକ୍ତି ଜଣଙ୍କ ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ପରେ ଏଏସ୍‌ଆଇଙ୍କୁ ଧରିବାକୁ ଯୋଜନା ହୋଇଥିଲା। ଭେଜିପୁଟର ଏକ ଚା ଦୋକାନ ନିକଟରେ ଏଏସ୍‌ଆଇ ଟଙ୍କା ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଭିଜିଲାନ୍ସ କର୍ମଚାରୀ କାବୁ କରି ଦେଇଥିଲେ। ଡିଏସ୍‌ପି କ୍ରିଷ୍ଣା କୁମାରୀ ପ୍ରଧାନ, ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ନାଏକ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସମେତ ଭିଜିଲାନ୍ସ ଟିମ କାବୁ କରିଥିଲେ। ଭିଜିଲାନ୍ସ କେଶ ନଂ. ୭/୨୨ରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।

# ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୬(ବ୍ୟୁରୋ)

ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କମିଶନରେଟ ପୋଲିସର ଭୁବନେଶ୍ୱରସ୍ଥିତ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ବାଉଁଶଡ଼ା ଗ୍ରାମର ସରୋଜ କୁମାର ଦାସ। ପୋଲିସ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସରୋଜ ୨୦୧୮ରେ ବିବାହ କରିଥିଲେ। ଏହାପରେ ସ୍ତ୍ରୀଙ୍କୁ ନେଇ ତାମିଲନାଡୁରେ ରହୁଥିଲେ। ସରୋଜ ସେଠାରେ ପାଣିପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ରୋଜଗାର ଟଙ୍କାରେ ମଦ୍ୟପାନ କରିବା ସହ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ବିବାହ ପୂର୍ବରୁ ସ୍ତ୍ରୀ ରଖିଥିବା ସମସ୍ତ ସଞ୍ଚୟ ଟଙ୍କାକୁ ଖର୍ଚ୍ଚ କରିଦେବା ସହ ତାଙ୍କ ଆକାଉଣ୍ଟ ନମ୍ବରରେ ୨ଲକ୍ଷ ଟଙ୍କାର ଲୋନ୍ ମଧ୍ୟ କରିଥିଲେ। ୨୦୨୦ରେ ଲକ୍‌ଡାଉନ ପରେ ସ୍ତ୍ରୀ ଭୁବନେଶ୍ୱର ଚାଲିଆସି କ୍ୟାପିଟାଲ ଥାନା ଅଞ୍ଚଳରେ ଘରୋଇ ସହାୟକ ଭାବେ କାମ କରୁଛନ୍ତି। ଗତ ଫେବୃୟାରୀରେ ସରୋଜ ତାଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ନ ଦେବାରୁ ପୂର୍ବରୁ ରଖିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ବହୁ ବାଧ କରିବା ସତ୍ତ୍ୱେ ଟଙ୍କା ନ ପାଇବାରୁ ସରୋଜ ସ୍ତ୍ରୀଙ୍କ ୧୦ରୁ ଅଧିକ ସମ୍ପର୍କୀୟଙ୍କ ଫେସବୁକ୍ ମେସେଞ୍ଜରରେ ଅଶ୍ଳୀଳ ଭିଡିଓ ପଠାଇଥିଲେ। ସମ୍ପର୍କୀୟମାନେ ଏନେଇ ତାଙ୍କ ସ୍ତ୍ରୀଙ୍କୁ ଜଣାଇବାରୁ ସେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ସରୋଜଙ୍କ ନାଁରେ ଅଭିଯୋଗ କରିଥିଲେ। ପୋଲିସ ଫେବୃୟାରୀ ୭ରେ ଏକ ମାମଲା (ନଂ. ୩/୨୦୨୨) ରୁଜୁ କରିଥିଲା। ସରୋଜ ତାମିଲନାଡୁରୁ ଫେରିଥିବା ଖବର ମିଳିବା ପରେ ପୋଲିସ ତାଙ୍କ ଗାଁରେ ସୋମବାର ଚଢ଼ାଉ କରି ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ସରୋଜ କୁମାର ଦାସ


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625






ଶ୍ରମ ଏବଂ ଇଏସ୍‌ଆଇ ବିଭାଗ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରାମମନ୍ଦିର ନିକଟରୁ ବାହାରିଥିବା ଶିଶୁ ଶ୍ରମିକ ଉଚ୍ଛେଦ ସଂକ୍ରାନ୍ତ ସଚେତନତା ଶୋଭାଯାତ୍ରା।

## ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

**ପୁରୀ ଅଫିସ, ୭।୬:** ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ହେବ। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ବନକ ଲାଗିରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ ହୋଇ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବୁଧବାର ଅପରାହ୍ନ ୪ଟାଠାରୁ ୮ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608


# ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲିଲେ କେନ୍ଦ୍ରମନ୍ତ୍ରୀ

କଟକ ଅଫିସ, ୭।୬

କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ମଙ୍ଗଳବାର କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ବୋଷ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ସେଠାରେ ସେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ ଓ ଅନ୍ୟ କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିବା ସହ ସଂଗ୍ରହାଳୟ ବୁଲି ଦେଖାଇଥିଲେ। ଏହି ଅବସରରେ ସେ କହିଛନ୍ତି, ପ୍ରଥମଥର ପାଇଁ କଟକ ଆସି ସଂଗ୍ରହାଳୟରେ ନେତାଜୀଙ୍କ ବ୍ୟବହୃତ ଚିଠି, ଆସବାବପତ୍ର, ଫଟୋଚିତ୍ର, ଷଠିଘର ଓ ବାସଗୃହ ଦେଖି ଅତ୍ୟନ୍ତ ଖୁସି ଲାଗୁଛି। ଏହାକୁ ଭାଷାରେ ପ୍ରକାଶ କରିପାରୁନାହିଁ। ଏହି ପରିଦର୍ଶନରେ ତାଙ୍କ ସହିତ ରାଜ୍ୟର ବରିଷ୍ଠ ନେତା ଠାକୁର ରଣଜିତ୍ ଦାସ, ପାରାଦୀପ ପୋର୍ଟ ଟ୍ରଷ୍ଟର ଚେୟାରମ୍ୟାନ୍ ଓ ଅଧିକାରୀମାନେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରେଖା ଦାସ, ବୈଦେଶ୍ୱର ପଣ୍ଡା, ଗୋପାଳ ବେହେରା, ଅମିତ ମିତ୍ର, ଶନମିତା ମିଶ୍ର, ମହେନ୍ଦ୍ର ମହାନ୍ତି, ପ୍ରବୀଣା ମହାପାତ୍ର, ହେମନ୍ତ ବେହେରା, ଜୟକୃଷ୍ଣ ସ୍ୱାଇଁ, ମହମ୍ମଦ ସବିର, ସୁଶାନ୍ତ ମହାନ୍ତି, ସୁବାସ ମହାନ୍ତି ଓ ଶରତ ଭୋଳ ପ୍ରମୁଖ ଉପସ୍ଥିତଥିଲେ।



ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଫଟୋଚିତ୍ର ଦେଖୁଛନ୍ତି।


# ପୋଖରୀ ଖନନବେଳେ ପ୍ରାଚୀନ ମୂର୍ତ୍ତି ଉଦ୍ଧାର

**ଧର୍ମଶାଳା,୭।୬(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଚ୍ୟୁତପୁର ଗ୍ରାମରେ ପୋଖରୀ ଖନନ ବେଳେ ଏକ ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମରେ ଥିବା ରମାକାନ୍ତ ରାଉତଙ୍କ ପୋଖରୀ ପୁନରୁଦ୍ଧାର ଚାଲିଥିଲା। ତେବେ ମାଟି ତଡ଼ା ହେଉଥିଲାବେଳେ ମେଶିନରେ ବଡ଼ ପଥର ବାଜିଥିଲା। ଗ୍ରାମବାସୀ ପହଞ୍ଚି ପଥରକୁ ଉଦ୍ଧାର କରି ଆଣିବା ପରେ ଏହା ନାରାୟଣଙ୍କ ମୂର୍ତ୍ତି ବୋଲି ଜଣାପଡ଼ିଥିଲା। ତେବେ ଏହାର ନିକଟବର୍ତ୍ତୀ ଅଞ୍ଚଳ ରାଧାନଗର, ବଡ଼କାଏମା ଓ ଲାଙ୍ଗୁଡି ପାହାଡ଼ ଆଦି ଅଞ୍ଚଳରୁ ବହୁ ପ୍ରାଚୀନ ବୌଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇ ଥିବା ବେଳେ ଏହି ମୂର୍ତ୍ତିଟି ପ୍ରାଚୀନ କାଳର ହୋଇଥିବା ଅନୁମାନ କରାଯାଉଛି। ମୂର୍ତ୍ତିର ଉଚ୍ଚତା ୪ ଫୁଟ ହୋଇଥିବା ବେଳେ ଏହା ଉପରେ ଗବେଷଣା କରାଗଲେ ମୂର୍ତ୍ତିଟି କେଉଁ ଶତାବ୍ଦୀର ତାହା ଜଣାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏବେ ମୂର୍ତ୍ତିକୁ ଗ୍ରାମ୍ୟ ମନ୍ଦିର ନିକଟରେ ରଖାଯାଇଛି।




ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଜୟନ୍ତ କୁମାର ମିଶ୍ର
କାଲଟାକ୍ସ, ଢେଙ୍କାନାଳ
ଆବିର୍ଭାବ: ୧୦।୦୯।୧୯୫୫
ତିରୋଧାନ: ୧୨।୦୬।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହୁ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୯୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମ ଦ୍ୱିତୀୟ ଶ୍ରାଦ୍ଧଦିବସ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲ। ଯେଉଁଠାରେ ତମେ ଅଛ ଭଲରେ ଥାଅ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ତମର ସପରିବାର ଓ ଆତ୍ମୀୟସ୍ୱଜନ ।
ଧ-୬୮୦

# କୁଜିସାରୁର ଉନ୍ନତ କିସମ



ଜଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସ ମଧ୍ୟରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ,୧୬କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା . ପଟାସ ସାର ପ୍ରୟୋଗ କରନ୍ତୁ।

# ମହୁଚାଷ

ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।




# କପା ଗଛରେ କୋଡ଼ାଖୁସା



ଗଛ ଉଠିବାର ୬ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଏହାଦ୍ୱାରା ଗଛ ସିଧା ରହିବ ଓ ମୂଳରେ ପାଣିରେ ଜମିବ ନାହିଁ ଓ ଘାସ ମଧ୍ୟ ଅଧିକ ରହିବ ନାହିଁ। କୋଡ଼ାଖୁସା ସାରି ଉନ୍ନତ କିସମରେ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ ଏବଂ ହାଇବ୍ରିଡ୍ କିସମରେ ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ଜଉପୋକ ପତ୍ରଡିଆଁ ପୋକ ଭଳି ଶୋଷକ ପୋକ ତଥା ଘୋଡ଼ା ପୋକ , ପତ୍ରମୋଡ଼ା ପୋକ ଏବଂ ଶଁବାଳୁଆର ଆକ୍ରମଣ ଏହି ସମୟରେ ଫସଲର ବିଶେଷ କ୍ଷତି କରିପାରନ୍ତି ନାହିଁ। ପତ୍ର ପ୍ରତି ଦୁଇଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ମି.ଲି. ମିଥାଇଲ୍ ଅକ୍ସି ଡେମିଟନ ମିଶାଇ ସକାଳ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।

# ଜିଆ ଜଳ



ମାନସ ରଞ୍ଜନ ପଟ୍ଟନାୟକ

''ଜିଆ ଏକ ଅମେରୁଦଣ୍ଡୀ ମାଂସଳ ପ୍ରାଣୀ। ଏହାର ଶରୀରରେ ଅସଂଖ୍ୟ କ୍ଷୁଦ୍ର ରନ୍ଧ୍ର ଥାଏ। ଉକ୍ତ ରନ୍ଧ୍ର ଦେଇ ଏକ ନିର୍ଦ୍ଦିଷ୍ଟ ଲାଳୁଆ ପଦାର୍ଥ ନିର୍ଗତ ହୁଏ। ଏହି ଲାଳୁଆ ପଦାର୍ଥରେ ବିଭିନ୍ନ ହର୍‌ମୋନ ସହିତ କେତେକ ଅଣୁସାର ଏବଂ ଫସଲ ନିରୋଧକ ଆଣ୍ଟିବାୟୋଟିକ୍ ରହିଥାଏ। ଉକ୍ତ ପଦାର୍ଥକୁ ଜିଆଠାରୁ ସଂଗ୍ରହକରି ପାଣିରେ ଦ୍ରବଣ ପ୍ରସ୍ତୁତକରି ବିଭିନ୍ନ ଫସଲରେ ପ୍ରୟୋଗ କରାଯାଏ। ଏହାକୁ ପ୍ରୟୋଗକଲେ ଫସଲରୁ ଭଲ ଅମଳ ମିଳିଥାଏ। ଏହାକୁ 'ଭର୍ମି ୱାସ୍' ବା ଜିଆ ଜଳ କୁହାଯାଏ।''









ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବରେ ପରିଗଣିତ। ଏହାର ପ୍ରାୟ ୬୫-୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। କେବଳ ଓଡ଼ିଶା ନୁହେଁ ,ଆମ ଦେଶରେ ଅନେକ ରାଜ୍ୟରେ ମଧ୍ୟ କୃଷିକୁ ଅଧିକାଂଶ ଲୋକ ମୁଖ୍ୟ ଜୀବିକା ଭାବରେ ଗ୍ରହଣ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ ଆମ ରାଜ୍ୟର ଅର୍ଥନୀତି ମଧ୍ୟ କୃଷି ଉପରେ ନିର୍ଭରଶୀଳ। କୃଷକମାନେ ନିଜ କ୍ଷେତରୁ ଅଧିକ ଅମଳ ପାଇବା ପାଇ ଲାଭବାନ୍ ହୋଇ ଚାଷୀ ପରିବାର ମଧ୍ୟରେ ଆନନ୍ଦର ଲହରି ଖେଳିଯାଏ। ଫଳରେ ଚାଷୀ ପରିବାର ସ୍ୱଚ୍ଛଳ ହୁଏ। ଏହାଦ୍ୱାରା ଚାଷୀମାନେ ବର୍ଷ ସାରା କ୍ଷେତରେ ହେଉଥିବା ତଥା ଭାଗୀଦାରି କ୍ଷେତରେ ବିଭିନ୍ନ ପ୍ରକାର ଫସଲ ତଥା ସମନ୍ୱିତ ପ୍ରଣାଳୀରେ ଚାଷକରି ରାଜ୍ୟ ତଥା ଦେଶକୁ ଖାଦ୍ୟ ଯୋଗାଇଥାନ୍ତି। ଆଜିର ଦିନରେ ଚାଷୀ ରାସାୟନିକ ସାର ପରିବର୍ତ୍ତେ ଜୈବିକ ଫସଲକୁ ବେଶି ପସନ୍ଦ କରୁଛନ୍ତି। କାରଣ ବାୟୁମଣ୍ଡଳର ପ୍ରଦୂଷଣ ରୋକିବା ପାଇଁ ସେମାନେ ସର୍ବଦା ତତ୍ପର।

ହର୍‌ମୋନ ଏକ ରାସାୟନିକ ପଦାର୍ଥ, ଯାହା ଅଭିବୃଦ୍ଧିରେ ସାହାଯ୍ୟ କରେ। ହର୍‌ମୋନ ଅଭାବରେ ଫସଲର ଉଚ୍ଚତା ହ୍ରାସ ପାଏ, ଫୁଲ, ଫଳ ଡେରିରେ ଆସେ। ଫୁଲ ଓ ଫଳ ଆସିଲେ ମଧ୍ୟ ପରିପକ୍ୱ ପୂର୍ବରୁ ଝଡ଼ିପଡ଼େ। ଏହିପରି ଲକ୍ଷଣ ଦେଖାଦେଲେ କୃଷି ବୈଜ୍ଞାନିକମାନେ ରାସାୟନିକ ହର୍‌ମୋନ ପ୍ରୟୋଗ କରିବାକୁ ଅନୁମୋଦନ କରିଥାଆନ୍ତି। ତେଣୁ ଚାଷୀ ନିଜେ ପ୍ରସ୍ତୁତ କରିପାରୁଥିବା ଏକ ଜୈବିକ ହର୍‌ମୋନକୁ ଫସଲରେ ପ୍ରୟୋଗ କଲେ ଶସ୍ତାରେ ଏବଂ ବିନା କ୍ଷତିରେ ଅମଳ ମିଳିଥାଏ। ଉକ୍ତ ହର୍‌ମୋନଟି ସରଳ ଉପାୟରେ ଜିଆଠାରୁ ପ୍ରସ୍ତୁତ ହୋଇଥାଏ। ଜିଆ ଏକ ଅମେରୁଦଣ୍ଡୀ ମାଂସଳ ପ୍ରାଣୀ। ଏହାର ଶରୀରରେ ଅସଂଖ୍ୟ କ୍ଷୁଦ୍ର ରନ୍ଧ୍ର ଥାଏ। ଉକ୍ତ ରନ୍ଧ୍ର ମଧ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଲାଳୁଆ ପଦାର୍ଥ ନିର୍ଗତ ହୁଏ। ଉକ୍ତ ଲାଳୁଆ ପଦାର୍ଥରେ ବିଭିନ୍ନ ହର୍‌ମୋନ ସହିତ କେତେକ ଅଣୁସାର ଏବଂ ଫସଲ ନିରୋଧକ ଆଣ୍ଟିବାୟୋଟିକ୍ ରହିଥାଏ। ଉକ୍ତ ପଦାର୍ଥକୁ ଜିଆଠାରୁ ସଂଗ୍ରହକରି ପାଣିରେ ଦ୍ରବଣ ପ୍ରସ୍ତୁତ କରି ବିଭିନ୍ନ ଫସଲରେ ପ୍ରୟୋଗ କରାଯାଏ। ଏହାକୁ ପ୍ରୟୋଗକଲେ ଫସଲରୁ ଭଲ ଅମଳ ମିଳିଥାଏ। ଏହାକୁ 'ଭର୍ମି ୱାସ' ବା ଜିଆ ଜଳ କୁହାଯାଏ। ବିଭିନ୍ନ ପ୍ରଣାଳୀରେ ଜିଆମାନଙ୍କଠାରୁ ଜିଆ ଜଳ ସଂଗ୍ରହ କରାଯାଇପାରିବ।

**ପ୍ରଣାଳୀ-୧ :** ପ୍ରାୟ ୯୦ରୁ ୧୦୦ ଲିଟର ପାଣି ଧରୁଥିବା ଏକ ପ୍ଲାଷ୍ଟିକ ବାଲ୍‌ଟି ନେଇ ଏହାର ନିମ୍ନ ଭାଗରେ ଏକ ପାଇପ ଲଗାନ୍ତୁ। ଉକ୍ତ ବାଲ୍‌ଟି ଭିତରେ ଅର୍ଦ୍ଧଗୋଲାକାର ପ୍ଲାଷ୍ଟିକ ଝୁଡିକୁ ଓଲଟାଇ ରଖନ୍ତୁ, ଯେପରି ଝୁଡ଼ିଟି ଭିତରେ ସମ୍ପୂର୍ଣ୍ଣ ଖାପ ଖୁଆଇ ରହିବ। ବାଲ୍‌ଟିର ପାର୍ଶ୍ୱ ଭାଗକୁ ଲାଗିଥିବା ଝୁଡି ଚାରିପାଖ ଦୁଇ ଇଞ୍ଚ ଉଚ୍ଚତାରେ ୪ଟି ଛୋଟ ଇଟା ରଖି ସେଗୁଡିକୁ ଏକ ଇଞ୍ଚ ବହଳର ବାଲିରେ ଘୋଡାଇ ଦିଅନ୍ତୁ। ବାଲଟିର ୭୫ ଭାଗ ଗୋବର ଏବଂ ଏକ ଭାଗ ବାଲିର ମିଶ୍ରଣକୁ ରଖି ଏହା ଉପରେ ୩୦୦-୬୦୦ ପୂର୍ଣ୍ଣାଙ୍ଗ ଜିଆ ଛାଡନ୍ତୁ। ଜିଆଗୁଡିକ ଧୀରେ ଧୀରେ ବାଲି ମିଶା ଗୋବର ଭିତରେ ପ୍ରବେଶ କରିବେ। ଏହା ଉପରେ ସଦ୍ୟ ପରିବା ଚୋପାକୁ ବିଛାଇ ଦିଅନ୍ତୁ। ବାଲ୍‌ଟିକୁ ଛାଇରେ ରଖନ୍ତୁ। ପ୍ରତିଦିନ ୫୦ ଗ୍ରାମ ଗୋବରକୁ ଦୁଇ ଲିଟର ପାଣିରେ ଗୋଳାଇ ଉକ୍ତ ମିଶ୍ରଣକୁ ଛିଞ୍ଚନ୍ତୁ। ଜିଆ ଏହାକୁ ଖାଦ୍ୟ ରୂପେ ବ୍ୟବହାର କରି ବଢ଼ିବେ ଏବଂ ବଂଶ ବୃଦ୍ଧି କରିବେ।

ଜିଆର ମାଂସଳ ଦେହର ରକ୍ତରୁ ତରଳ ପଦାର୍ଥ ନିର୍ଗତ ହୋଇ ଗୋବର ମିଶା ପାଣିରେ ମିଶିବ ଏବଂ ବାଲି ମଧ୍ୟ ଦେଇ ଛାଣିହୋଇ ବାଲି ତଳ ଅଂଶରେ ସଂଗ୍ରହ ହେବ। ଉକ୍ତ ପାଣିକୁ ବାଲଟିର ଟ୍ୟାପ୍ ଦ୍ୱାରା ଅନ୍ୟ ଏକ ପ୍ଲାଷ୍ଟିକ୍ ପାତ୍ରରେ ସଂଗ୍ରହ କରନ୍ତୁ। ଏହାକୁ ଜିଆଇମେନ୍ ବା ଜୈବିକ ହର୍‌ମୋନ କୁହାଯାଏ। ସାଧାରଣତଃ ଆମେ ଏହି ହରମୋନ୍‌କୁ ବ୍ୟବହାର କରିବା ଦ୍ୱାରା ଗଛ ବୃଦ୍ଧି ପାଇବା ସହିତ ଚାଷର ମଧ୍ୟ ଅଧିକ ଉତ୍ପାଦନ ବଢ଼ାଏ।

**ଜିଆ ଜଳ ସାରର ଉପାଦେୟତା**

- ଏହି ସାର ପ୍ରୟୋଗକଲେ ଗଛର ଅମଳ ବୃଦ୍ଧି ହୋଇଥାଏ।
- ଗଛରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।
- ଫସଲର ଆଲୋକ ସଂଶ୍ଲେଷଣ ପ୍ରକ୍ରିୟା ତ୍ୱରାନ୍ୱିତ କରେ।
- କ୍ଷେତରେ ଖତ ପ୍ରକ୍ରିୟାକରଣ ହାର ବଢ଼ାଏ।
- ଏହାକୁ ବୁନ୍ଦା ଜଳସେଚନ ସାହାଯ୍ୟରେ ବ୍ୟବହାର କରାଯାଇପାରିବ।
- ଜିଆ ଜଳ ସଂଗ୍ରହ ପରେ ପାତ୍ରରେ ଥିବା ପଦାର୍ଥକୁ କମ୍ପୋଷ୍ଟ ରୂପେ ବ୍ୟବହାର କରିପାରିବେ।

**ବ୍ୟବହାର**

ଏହି ହର୍‌ମୋନକୁ ସିଧାସଳଖ ଫୁଲଗଛ ଓ ପରିବା ଫସଲ ମୂଳରେ ପ୍ରୟୋଗ କରାଯାଇପାରିବ। ନଚେତ୍ ଏହାକୁ କନାରେ ଛାଣି ଏଥିରେ ୧:୧ ଅନୁପାତରେ ପାଣି ମିଶାଇ ଫସଲରେ ପତ୍ର ଛିଞ୍ଚା କରିପାରିବେ। ହର୍‌ମୋନକୁ ଠିକ୍ ସୂର୍ଯ୍ୟାସ୍ତ ପୂର୍ବରୁ ଅର୍ଥାତ୍ ଅପରାହ୍ନ ୪-୫ଟା ମଧ୍ୟରେ ପ୍ରୟୋଗକଲେ ଭଲ ଫଳ ମିଳିଥାଏ। ଏହାକୁ ୧ :୧୦ ଅନୁପାତରେ ଗୋମୂତ୍ର ସହ ମିଶାଇ ପ୍ରୟୋଗ କଲେ କୀଟନାଶକ ପରି କାମ କରିଥାଏ।

**ଜିଆ ଜଳରୁ କ'ଣ ମିଳେ :** ଦ୍ରବଣ ପିଏଚ୍ - ୬.୯, ଯବକ୍ଷାରଜାନ -୨୦୦ ପିପିଏମ୍ ଫସ୍‌ଫରସ -୬୦ ପିପିଏମ, ପୋଟାସିୟମ - ୬୯ ପିପିଏମ୍, ମ୍ୟାଗ୍ନେସିୟମ-୨୫ ପିପିଏମ, ଜିଙ୍କ୍-୨୦ ପି.ପି.ଏମ୍, କପର-୫୦ ପିପିଏମ୍, କ୍ୟାଲସିୟମ-୪୦ପିପିଏମ୍, ଲୌହ-୨୦ ପିପିଏମ୍, ସଲ୍‌ଫର-୧୭୭ ପିପିଏମ୍ ଏବଂ ସୋଡିୟମ -୧୨୨ ପିପିଏମ୍।

-ପ୍ରିନ୍ସିପାଲ, ଆଗ୍ରୋ ପଲିଟେକନିକ୍ ସେଣ୍ଟର, ଓୟୁଏଟି ବୌଦ୍ଧ
ମୋ : ୯୪୩୯୬୩୮୦୦୪

# ଅଣଧାନ ଫସଲ



ଧାନ ବଦଳରେ ଅଣଧାନ ଫସଲ ଯଥା ମକା,ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଅମ୍ଳ ମାଟିରେ ଚୂନ,କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧକ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ ,ବିରି, ହରଡ଼,ମାଣ୍ଡିଆ,ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ। ଧାନ ବିହନକୁ ସୋଡିୟମ୍ ଫସ୍‌ଫେଟ ଦ୍ରବଣ (୧ ଲିଟର ପାଣିରେ ୩୫୮ମିଲିଗ୍ରାମ) ୬ଘଣ୍ଟା ବତୁରାନ୍ତୁ ଓ ତାପରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ।

## ଅଳ୍ପରେ...

- ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।
- ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇ ଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଯୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।
- ଜମି ପ୍ରସ୍ତୁତକରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦାଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର।



# ପ୍ରାଣୀଙ୍କ ପ୍ରତିଷେଧକ ବ୍ୟବସ୍ଥା

(ଶେଷ ଭାଗ)

**ଫାଟୁଆ ରୋଗ :** ଏହା ଏକ ଭୂତାଣୁଜନିତ ରୋଗ ଏବଂ ସମସ୍ତ ଖୁରଯୁକ୍ତ ପ୍ରାଣୀଙ୍କଠାରେ ଦେଖାଦେଇ ଅଧାମରା ପରିସ୍ଥିତି ସୃଷ୍ଟି କରିଥାଏ। ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ଡିଗ୍ରୀରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ପାଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ପ୍ରାଣୀର ଖୁରା ସନ୍ଧି, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨-୩ଦିନ ମଧ୍ୟରେ ଘା' ସୃଷ୍ଟି ହୁଏ। ପାଟିରୁ ଲାଳ ବାହାରେ। ବେଳେବେଳେ ଗର୍ଭବତୀ ଗାଈ ବା ଛଡ଼ାର ଗର୍ଭପାତ ହୋଇଥାଏ। ଏହି ରୋଗରୁ ଆରୋଗ୍ୟ ଲାଭ ପରେ ଗୋରୁ ବହୁଦିନ ଧରି ରୁଗ୍‌ଣ ବା ଅଧାମରା ପରି ଦେଖାଯାଆନ୍ତି।

**ପ୍ରତିଷେଧକ ବ୍ୟବସ୍ଥା :** ସମସ୍ତ ଦୁଧିଆଳୀ ସଙ୍କର ଗାଈ ଓ ୨ ମାସରୁ ଉର୍ଦ୍ଧ୍ୱ ବାଛୁରୀଙ୍କୁ ଏଫ୍‌ଏମ୍‌ଡି ଟିକା ଦିଅନ୍ତୁ। ଏହି ଟିକା ବଜାରରେ ୨ ପ୍ରକାରର ମିଳିଥାଏ। ଗୋଟିଏ ହେଲା ଆଲାମଯୁକ୍ତ ଯାହାକି ୬ ମାସ ପର୍ଯ୍ୟନ୍ତ କାମ କରିଥାଏ। ଅନ୍ୟଟି ହେଲା ତୈଳଯୁକ୍ତ ଫାଟୁଆ ଯାହାକି ୧ବର୍ଷ ପର୍ଯ୍ୟନ୍ତ ଶରୀରକୁ ସୁରକ୍ଷା ପ୍ରଦାନ କରେ। ଏହି ପ୍ରତିଷେଧକ ଟିକା ସରକାରଙ୍କୁ ବାହାରୁ କିଣିବାକୁ ପଡ଼ିଥାଏ। ତେଣୁ ଉକ୍ତ ଟିକାକୁ ସରକାର ଗୋପାଳକମାନଙ୍କୁ ଅଧା ଦାମ୍‌ରେ ଯୋଗାଇ ଦେଇଥାଆନ୍ତି। ଏହାବ୍ୟତୀତ ଆକ୍ରାନ୍ତ ଗୋରୁଙ୍କୁ ସୁସ୍ଥ ଗୋରୁଙ୍କଠାରୁ ଦୂରେଇ ରଖନ୍ତୁ। ଆକ୍ରାନ୍ତ ପଶୁଙ୍କୁ ଗୋରୁଙ୍କ ଗୋଠରେ ଚରିବାକୁ ଛାଡ଼ନ୍ତୁ ନାହିଁ। ସଂକ୍ରମିତ ଗୋରୁଙ୍କୁ ଡାକ୍ତରଖାନା ନ ଆଣି ଘରୋଇ ଭାବେ ଚିକିତ୍ସା କରନ୍ତୁ। ଗୁହାଳ, ପାଣିପାତ୍ର, ଖାଦ୍ୟପାତ୍ର ନିୟମିତ ବିଶୋଧନ କରନ୍ତୁ।

**କୃମିଜନିତ ରୋଗ :** ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି ଯୋଗୁ କୃମିମାନଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। କୃମି ଜମିରେ ପତିତ ଅଣ୍ଡାଗୁଡ଼ିକର ଅନୁକୂଳ ପରିବେଶ ପାଇ ଲାର୍ଭା ସୃଷ୍ଟି ହେବା ସହିତ ଘାସପତ୍ରରେ ଲାଗି ରହିଥାଆନ୍ତି। ପାଣି ପଶୁଥିବା ବା ସନ୍ତସନ୍ତିଆ





ସ୍ଥାନରେ କଲିଜା କୃମିର ଲାର୍ଭାଗୁଡିକ ସକ୍ରିୟ ରୂପ ଧାରଣ କରିବା ନିମିତ୍ତ ଗେଣ୍ଡା ଏକ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ ଏବଂ ଏହାଦ୍ୱାରା ଏପରି କୃମିର ବଂଶବୃଦ୍ଧି ହୋଇଥାଏ। ଗୋରୁ ଚରିବା ସମୟରେ ଏହି ସକ୍ରିୟ କୃମିର ଲାର୍ଭାଗୁଡ଼ିକ ସହଜରେ ପ୍ରାଣୀଙ୍କ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟି କରନ୍ତି। ଗୋରୁଙ୍କ ଶରୀରରେ କୃମି ହେଲେ ସେମାନେ ଅତ୍ୟନ୍ତ ଦୁର୍ବଳ ଦେଖାଯାଆନ୍ତି। ବେଳେବେଳେ ପତଳା ତ ବେଳେବେଳେ ପିଚକାରୀ ମାରିଲା ଭଳି ଝାଡ଼ା ହୁଏ। ସମୟେ ସମୟେ ଝାଡ଼ା ମଧ୍ୟ ବହଳ ହୋଇଥାଏ। ଗୋରୁ, ଛେଳି, ମେଣ୍ଢାଙ୍କ ମୁହଁର ତଳ ଅଂଶ ଫୁଲିଯାଏ। ବାଛୁରୀମାନଙ୍କର ଗୋଲାକୃତି କିମ୍ବା ଅଙ୍କୁଶ କୃମି ଯୋଗୁ ପେଟ ବାହାରି ଆସେ ଏବଂ ସେମାନେ ରୁଗ୍‌ଣ ପରି ଦେଖାଯାଆନ୍ତି। ସଦ୍ୟଜାତ ବାଛୁରୀର ପତଳା ଧଳାରଙ୍ଗର ଝାଡ଼ା ହୁଏ। ପଶୁମାନଙ୍କର ଆଖି ପଶିଯିବା ସହ ରକ୍ତ ହଳଦିଆ ଦେଖାଯାଏ ଏବଂ ଲୋମଗୁଡ଼ିକ ଛିଡ଼ା ହୋଇ ପାଉଁଶିଆ ଦେଖାଯାଏ।

**ପ୍ରତିଷେଧକ ବ୍ୟବସ୍ଥା :** ଓଦା କିମ୍ବା ସନ୍ତସନ୍ତିଆ ଅଞ୍ଚଳ କିମ୍ବା ନଈକୂଳ, ଗାଡ଼ିଆ, ପୋଖରୀ ପାଖକୁ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ସଙ୍କର ଜାତୀୟ ଗୋରୁଙ୍କୁ ବାହାରକୁ ନ ଛାଡ଼ି ଘରେ ବାନ୍ଧି ସୁଷମ ଖାଦ୍ୟ ଦେବା ସହ ସବୁଜ ଘାସ କାଟି ଖାଇବାକୁ ଦିଅନ୍ତୁ। ଗୋରୁଙ୍କ ମଳ ପରୀକ୍ଷାକରି ନିକଟସ୍ଥ ପଶୁ ଚିକିତ୍ସାଳୟରେ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଖାଲି ପେଟରେ ସକାଳୁ କୃମି ଔଷଧ ଖାଇବାକୁ ଦିଅନ୍ତୁ। ଗେଣ୍ଡା, ଶାମୁକାର ବଂଶଲୋପ କରିବାକୁ କପର ସଲ୍‌ଫେଟ୍ କିମ୍ବା ବଜାରରେ ମିଳୁଥିବା ଅନ୍ୟାନ୍ୟ ଔଷଧ ବ୍ୟବହାର କରନ୍ତୁ। ତେଣୁ ବର୍ଷାଦିନ ପ୍ରାରମ୍ଭରେ ଉପରୋକ୍ତ କେତୋଟି ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ଆପଣ ପାଳିତ ଗୋରୁଙ୍କୁ ଦେଇ ନିଶ୍ଚିନ୍ତ ରୁହନ୍ତୁ ଏବଂ ପଶୁ ସମ୍ପଦର ବିକାଶରେ ସହାୟକ ହୁଅନ୍ତୁ।

-ଡା. ବୀରକିଶୋର ପରିଡ଼ା, ଜିଲା
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ବୁଧବାର, ଜୁନ୍ ୮/୨୦୨୨ Rayagada, Wednesday, June 8/ 2022






**ବାରବାଟୀ ଟି୨୦:** କଟକ ମେୟର ସୁବାସ ସିଂ ମଙ୍ଗଳବାର ଟିକେଟ କ୍ରୟ କରୁଛନ୍ତି। ପିଚ୍ ଓ ପଡ଼ିଆକୁ ନେଇ ବିସିସିଆଇ କ୍ୟୁରେଟର ଓ ଓଡ଼ିଶା କ୍ୟୁରେଟରଙ୍କ ମଧ୍ୟରେ ଆଲୋଚନା। ଅଗ୍ନିଶମ ବିଭାଗ ନିର୍ଦ୍ଦେଶକ ଓ ଅଧିକାରୀଙ୍କ ବାରବାଟୀ ପରିଦର୍ଶନ। ବର୍ଷାରୁ ରକ୍ଷାପାଇଁ ପଡ଼ିଆକୁ କଭର କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ବାରବାଟୀ ଟି୨୦: ଅନୁବନ୍ଧିତ ଅନୁଷ୍ଠାନକୁ ଟିକେଟ ବିକ୍ରି

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି):** କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୫୦୦୦ ଅନ୍‌ଲାଇନ୍ ଟିକେଟ ବିକ୍ରି ପରେ ସୋମବାର ଅଫ୍ ଲାଇନ୍‌ରେ ପ୍ରଥମ ଟିକେଟ କ୍ରୟ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମଙ୍ଗଳବାର ଅନୁବନ୍ଧିତ ଅନୁଷ୍ଠାନ ଗୁଡ଼ିକୁ ଟିକେଟ ବିକ୍ରି କରାଯାଇଛି। କୋଟା ପର୍ଯ୍ୟାୟର ପ୍ରଥମ ଟିକେଟ କିଣିଥିଲେ କଟକ ମେୟର ସୁବାସ ସିଂ। ସେ ହେଉଛନ୍ତି କଟକ ଜିଲା ଆଥଲେଟିକ୍ ଆସୋସିଏଶନ ସ୍ୱିକୃତିପ୍ରାପ୍ତ ପ୍ରତିନିଧି।

# କୁଲଦୀପଙ୍କୁ ସ୍ୱର୍ଣ୍ଣ, ସବିତାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ମଙ୍ଗଳବାର ଓଡ଼ିଶାକୁ ୨ଟି ପଦକ ମିଳିଛି। ପୁରୁଷ ୭୩

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

କେଜି ବର୍ଗ ଭାରୋତ୍ତୋଳନରେ କୁଲଦୀପ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୁଲଦୀପ ମୋଟ ୨୬୯ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି।




ପଦକ ସହ କୁଲଦୀପ ସାହୁ ଓ ସବିତା ଟପ୍ପୋ।

ଚଳିତ ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସ୍ୱର୍ଣ୍ଣିମ ସଫଳତା ପାଇ ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ଯୁବ ଭାରୋତ୍ତୋଳକ। ରାଜ୍ୟ ପାଇଁ ଦ୍ୱିତୀୟ ପଦକ ଆଣିଛନ୍ତି ସବିତା ଟପ୍ପୋ। ରିଲାଏନ୍ସ ଫାଉଣ୍ଡେଶନ ହାଇପରଫର୍ମାନ୍ସ ସେଣ୍ଟର ଜମ୍ପର ସବିତା ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୫.୬୦ ମିଟର ଜମ୍ପ କରି ଏହି ସଫଳତା ପାଇଛନ୍ତି। ହରିୟାଣା କ୍ରୀଡ଼ାମନ୍ତ୍ରୀ ସନ୍ଦୀପ ସିଂ ଓ ଭାରତର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଆଥଲେଟ୍ ଅଞ୍ଜୁ ବବି ଜର୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫଳରେ ସବିତାଙ୍କ ଖୁସି ଦ୍ୱିଗୁଣିତ ହୋଇଛି।


## ଚେସ୍ ଅଲିମ୍ପିଆଡ୍ ପୂର୍ବରୁ ମଶାଲ ରିଲେ

**ଚେନ୍ନାଇ, ୭।୬ (ପି.ଟି.):** ୪୪ତମ ଚେସ୍ ଅଲିମ୍ପିଆଡ୍ ଚେନ୍ନାଇ ନିକଟସ୍ଥ ମହାବଳିପୁରମଠାରେ ଜୁଲାଇ ୨୮ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଆୟୋଜନ ହେବ। ଏଥର ଇଭେଣ୍ଟ ପୂର୍ବରୁ ପ୍ରଥମ ଥର ପାଇଁ ଅଲିମ୍ପିକ ଭଳି ମଶାଲ ରିଲେ ହେବ ବୋଲି ଖେଳର ପରିଚାଳନା ପରିଷଦ ମଙ୍ଗଳବାର ସୂଚନା ଦେଇଛି। ଏହି ରିଲେ ଖେଳର ଜନ୍ମସ୍ଥାନ ଭାରତରୁ ଆରମ୍ଭ ହୋଇ ସମସ୍ତ ମହାଦେଶ ପରିକ୍ରମା କରିବା ପରେ ଆୟୋଜକ ଦେଶରେ ପହଞ୍ଚିବ। ସମୟର ଅଭାବ ଏବଂ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ଜଣେ ପ୍ରତିଯୋଗୀ ହୋଇଥିବାରୁ ଏଥର ମଶାଲ ରିଲେ କେବଳ ଭାରତରେ ହେବ। ଚେନ୍ନାଇ ଅଲିମ୍ପିଆଡ୍ ହେବାକୁ ଆଉ ୫୦ ଦିନ ବାକି ରହିଛି। ସରକାର, ଫିଡେ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା ପରେ ତାରିଖ ଘୋଷଣା କରାଯିବ ବୋଲି ଅଲିମ୍ପିଆଡ ଇଭେଣ୍ଟ ନିର୍ଦ୍ଦେଶକ ଭରତ ସିଂ ଚୌହାନ କହିଛନ୍ତି। ମଶାଲ ରିଲେ ଦ୍ୱାରା ସମଗ୍ର ବିଶ୍ୱରେ ଚେସ୍ ଖେଳର ଲୋକପ୍ରିୟତା ବୃଦ୍ଧି ପାଇବ ବୋଲି ଫିଡେ ସଭାପତି ଆର୍କାଡି ଡିଭୋରକୋଭିଚ୍ କହିଛନ୍ତି। ଭାରତ ପ୍ରଥମ ଥର ଚେସ୍ ଅଲିମ୍ପିଆଡ୍ ଆୟୋଜନ କରିବାକୁ ଯାଉଛି।

# ଅବନୀ ଲେଖାରାଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୭।୬ (ପି.ଟି.)**

ଫ୍ରାନ୍ସର ଚାଟେରକ୍ସଠାରେ ଅନୁଷ୍ଠିତ ପାରା ଶୁଟିଂ ବିଶ୍ୱକପ୍ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍.ଏସ୍-୧ ଇଭେଣ୍ଟରେ ୨୫୦.୬ ସ୍କୋର କରି ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ଟୋକିଓ ପାରାଲିମ୍ପିକ୍ସ ଚାମ୍ପିୟନ ଅବନୀ ଲେଖାରା। ଏହି ୨୦ ବର୍ଷୀୟା ଶୁଟର ତାଙ୍କ ନିଜ ବିଶ୍ୱ ରେକର୍ଡ ୨୪୯.୬କୁ ଭଙ୍ଗ ଦେଇଛନ୍ତି। ଏଥିସହିତ ସେ ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୋଲାଣ୍ଡର ଏମିଲିଆ ବାବସ୍କା (୧୪୭.୬) ରୌପ୍ୟ ଏବଂ ସୁଇଡେନର ଆନ୍ନା ନର୍ମାନ (୨୨୫.୬) ବ୍ରୋଞ୍ଜ ଜିତିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ଅନୁଷ୍ଠିତ ଟୋକିଓ ପାରାଲିମ୍ପିକ୍ସ ଏସ୍‌ଏଚ୍-୧ କାଟେଗୋରି ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂରେ



ଅବନୀ ଲେଖାରା

ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହାଛଡ଼ା ସେ ମହିଳା ୫୦ ମିଟର ରାଇଫଲ-୩ ପୋଜିଶନ ଏସ୍‌ଏଚ୍-୧ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ସେପ୍ରଥମ ଭାରତୀୟ ମହିଳା ଭାବେ ପାରାଲିମ୍ପିକ୍ସରେ ଏକାଧିକ ପଦକ ହାସଲ କରିପାରିଥିଲେ।




# କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଦଳରେ ସ୍ଥାନ ମିଳିଲା

**ନୂଆଦିଲ୍ଲୀ,୭।୬**

ଆସନ୍ତା ଜୁଲାଇ-ଅଗଷ୍ଟରେ ବର୍ମିଂହାମଠାରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଘୋଷିତ ଭାରତୀୟ ମହିଳା ଟେବୁଲ ଟେନିସ ଦଳରେ ସ୍ଥାନ ପାଇଛନ୍ତି ଯୁବା ଖେଳାଳି ଦିୟା ଚିଟାଲେ। ଏହି ଦଳରେ ସ୍ଥାନ ନ ପାଇବାରୁ ସେ ଦିଲ୍ଲୀ ହାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ମଙ୍ଗଳବାର ଅର୍ଚ୍ଚନା କମାଥଙ୍କ ବଦଳରେ ମହିଳା ଟିଟି ଦଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ମନୁଶ ଶାହା ଦଳରେ ସ୍ଥାନ ନ ପାଇବାରୁ ସେ ଦିଲ୍ଲୀ ହାଇକୋର୍ଟରେ ଏକ ରିଟ୍ ଦାଖଲ କରିଛନ୍ତି। ତାଙ୍କୁ ରିଜର୍ଭ ଖେଳାଳିଙ୍କ ତାଲିକାରେ ରଖାଯାଇଥିବା ବେଳେ ପୂର୍ବରୁ ଘୋଷିତ ପୁରୁଷ ଦଳରେ କିଛି ପରିବର୍ତ୍ତନ କରାଯାଇନାହିଁ।

ଏବେ ବାସନ୍ଦାଦେଶ ଭୋଗୁଥିବା ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫ୍ଆଇ)କୁ ପ୍ରଶାସନିକ କମିଟି (ସିଓଏ) ପରିଚାଳନା କରୁଛି। ଗତ ସପ୍ତାହରେ ସମ୍ଭାବିତ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଥିଲା। ଦଳରେ ମନିକା ବାତ୍ରା, କମାଥ, ଶ୍ରୀଜା ଅକୁଲା ଓ ରିଥ ରିଶ୍ୟାଙ୍କ ସ୍ଥାନ ପାଇଥିବା ବେଳେ ୧୯ ବର୍ଷୀୟା ଚିଟାଲେ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ଯାଗ ପାଇଥିଲେ। ଏହି ଦଳକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଅନୁମତି ଆବଶ୍ୟକ ଥିବା ବେଳେ ପ୍ରଶାସନିକ କମିଟି ମୁଖ୍ୟ ଏସ୍ ଡି ମୁଦଗିଲ ସୋମବାର ସାଇ ଅଧିକାରୀଙ୍କୁ ଭେଟି ଦଳ ଚୂଡ଼ାନ୍ତ କରିଥିଲେ। ମନିକାଙ୍କ ସହ ଡବଲ୍ସରେ ଖେଳିବା ପାଇଁ ଦଳରେ ସ୍ଥାନ ପାଇଥିବା କମାଥଙ୍କୁ ବାଦ୍ ଦିଆଯାଇଛି। ସ୍ୱସ୍ତିକା ଘୋଷଙ୍କୁ ଷ୍ଟାଣ୍ଡବାଇ ଭାବେ ରଖାଯାଇଛି।

"ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଅର୍ଚ୍ଚନାଙ୍କ ବଦଳରେ ଦିୟାଙ୍କୁ ସାମିଲ କରାଯାଇଛି। ଅର୍ଚ୍ଚନା ମାନଦଣ୍ଡ ପୂରଣ କରିପାରି ନ ଥିଲେ। କିନ୍ତୁ ସେ ମନିକାଙ୍କ ସହ ବିଶ୍ୱର ୪ର୍ଥ ର୍‍ୟାଙ୍କରେ ଥିବାରୁ ଆମେ ତାଙ୍କୁ ପଦକ ଲାଗି ଦାବିଦାର ଚିନ୍ତା କରିଥିଲୁ। ମାତ୍ର ଆମେ ଦ୍ୱନ୍ଦ୍ୱରେ ଥିଲୁ। ଏଣୁ ଆମେ ସାଇ ମାର୍ଗଦର୍ଶନ ମାଗିଥିଲୁ। ଶେଷରେ ଚୟନକର୍ତ୍ତା ଘରୋଇ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ଦିୟାଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଡବଲ୍ସରେ ଖେଳିବେ" ବୋଲି ମୁଦଗିଲ କହିଛନ୍ତି। ମହିଳା ଟିଟି ଦଳ: ମନିକା ବାତ୍ରା, ଦିୟା ଚିଟାଲେ, ରିଥ ରିଶୟା, ଶ୍ରୀଜା ଅକୁଲା, ସ୍ୱସ୍ତିକା ଘୋଷ (ଷ୍ଟାଣ୍ଡବାଇ)।

# ବ୍ୟାଡ୍‌ମିଣ୍ଟନ କୋଚିଂ କ୍ୟାମ୍ପ ଉଦ୍‌ଯାପିତ



ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ।

**ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କୋଚିଂ କ୍ୟାମ୍ପ ଶେଷ ହୋଇଛି। ଏଥି ସହିତ କୋଚ୍‌ମାନଙ୍କର ଟ୍ରେନିଂ ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ ୮୧ ଖେଳାଳି ଓ ୨୦ କୋଚ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଇତିହାସରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ କୋଚିଂ କ୍ୟାମ୍ପ ଏବଂ ଟ୍ରେନିଂ ପ୍ରୋଗ୍ରାମ ଆୟୋଜିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଶୁଭ୍ରାଂଶୁ ମିଶ୍ର, ବ୍ୟାଡ୍‌ମିଣ୍ଟନ ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ୍ସ ଆସୋସିଏଶନ ସମ୍ପାଦକ ରାଜୀବ ମେହେଟା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ କୋଚ୍ ସଚିନ ରାଣା, କିଟ୍ ଓ କିସ୍‌ର ମହାକ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରୋହିତ ପୂଜାରୀ କିଟ୍ ପରିସରରେ କୋଚିଂ କ୍ୟାମ୍ପରେ ଟ୍ରେନିଂ ନେଉଥିବା ଭାରତୀୟ ସିନିୟର ମହିଳା ଭଲିବଲ ଦଳର ଖେଳାଳିଙ୍କ ସହିତ ଭାବ ବିନିମୟ କରିଥିଲେ। ଫିଲିପାଇନ୍ସର ମାନିଲାଠାରେ ହେବାକୁଥିବା ଏସିଆନ ଭଲିବଲ ଚାମ୍ପିୟନଶିପ୍ ପାଇଁ ଭାରତୀୟ ମହିଳା ଦଳ ଟ୍ରେନିଂ ଜାରି ରଖିଛି।

# ପ୍ରଥମ ଟି୨୦: ୯୪ ପ୍ରତିଶତ ଟିକେଟ ଶେଷ

**ନୂଆଦିଲ୍ଲୀ,୭।୬:** ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଆସନ୍ତା ଗୁରୁବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ୩୫ ହଜାର ଦର୍ଶକଙ୍କ କ୍ଷମତା ରଖିଥିବା ଷ୍ଟାଡିୟମର ୯୪ ପ୍ରତିଶତ ଟିକେଟ୍ ବିକ୍ରି ହୋଇଯାଇଛି। "୯୪ ପ୍ରତିଶତ ଟିକେଟ୍ ବିକ୍ରି ହୋଇଯାଇଛି। କେବଳ ୪୦୦ରୁ ୫୦୦ ଟିକେଟ୍ ବଳିଛି" ବୋଲି ଡିଡିସିଏ ଯୁଗ୍ମ ସମ୍ପାଦକ ରାଜନ ମନଚନ୍ଦା କହିଛନ୍ତି। ୨୦୧୯ ନଭେମ୍ବର ପରେ ଦିଲ୍ଲୀରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରାୟ ୨୭ ହଜାର ଟିକେଟ୍ ବିକ୍ରି ପାଇଁ ରଖାଯାଇଥିଲା। ଦର୍ଶକଙ୍କ ଅନୁଭୂତିକୁ ସୁଧାରିବା ପାଇଁ ଷ୍ଟାଡିୟମରେ ବରିଷ୍ଠ ନାଗରିକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଷ୍ଟ୍ରାଇକର୍ସ ବିଜୟୀ

**ଭୁବନେଶ୍ୱର, ୭।୬ (ସ୍ପୋର୍ଟ୍ସ ବ୍ୟୁରୋ):** ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ପାରାମାଉଣ୍ଟ ଷ୍ଟ୍ରାଇକର୍ସ ୯ ଉଇକେଟରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୭.୨ ଓଭରରେ ମାତ୍ର ୬୨ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ପାରାମାଉଣ୍ଟ ପକ୍ଷରୁ ସୟଦ ଟି. ଅହମ୍ମଦ ସର୍ବାଧିକ ୩ ଉଇକେଟ ନେଇଥିଲେ। ପାରାମାଉଣ୍ଟ ଷ୍ଟ୍ରାଇକର୍ସ ୧୪ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସର୍ବାଧିକ ଉଇକେଟ ଅର୍ଜନ କରିଥିବା ସୟଦ ଟି ଅହମ୍ମଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ରୁଦ୍ର ପି ମଲିକଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ରଣଜୀ ଖେଳାଳି ଦେବାଶିଷ ସାମନ୍ତରାୟ ଯୋଗଦେଇଥିଲେ।

# ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ କିସ୍‌ର ୨୦ ଖେଳାଳି

**ଭୁବନେଶ୍ୱର, ୭।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ-୨୦୨୧ରେ ଓଡ଼ିଶା ତରଫରୁ ବିଭିନ୍ନ କ୍ରୀଡ଼ା ଲାଗି ପ୍ରତିନିଧିତ୍ୱ କରିବାକୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(କିସ୍)ର ୨୦ଜଣ ଖେଳାଳି (୮ ବାଳକ ଓ ୧୨ ବାଳିକା) ଏବଂ ଜଣେ ଜୁଡୋ କୋଚ୍ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଲାଲୁ ପ୍ରସାଦ ଭୋଇ (ପୁରୁଷ ଆଥଲେଟିକ୍ସ), ରୋହିତ ହେମ୍ବ୍ରମ (ପୁରୁଷ ସାଇକ୍ଲିଂ), ଜେମା ସଏ (ମହିଳା ଫୁଟ୍‌ବଲ), ଅର୍ଜୁନ ସିଂ (ପୁରୁଷ, ଖୋଖୋ), କରଣ ମାର୍ଣ୍ଡି (ପୁରୁଷ ଖୋଖୋ), ଦିଲୀପ ସବର (ପୁରୁଷ ଖୋଖୋ), ସଞ୍ଜିତ ଚାଟୋମ୍ବା (ପୁରୁଷ ଖୋଖୋ), କାଦମ୍ବିନୀ ମାଝି (ମହିଳା ଖୋଖୋ), ଅର୍ଚ୍ଚନା ମାଝି (ମହିଳା ଖୋଖୋ), ଶୁଭଶ୍ରୀ ସିଂ (ମହିଳା ଖୋଖୋ), ମାଗାଇ ମାଝି (ମହିଳା ଖୋଖୋ), ଶଙ୍କରା ମାଝି (ପୁରୁଷ ଜୁଡୋ), ସୁଲେନ୍ଦ୍ରୀ ଛଲାନ୍ (ମହିଳା ଜୁଡୋ), ଗାୟତ୍ରୀ ସବର (ମହିଳା ଜୁଡୋ), ଜ୍ୟୋତ୍ସ୍ନା ସବର (ମହିଳା ଭାରୋତ୍ତୋଳନ), ଲଳିତା ଭାତ୍ରା (ମହିଳା ଭାରୋତ୍ତୋଳନ), ମମିତା ମଲିକ (ମହିଳା ଭାରୋତ୍ତୋଳନ), ମୀନା ଶାନ୍ତା (ମହିଳା ଭାରୋତ୍ତୋଳନ) ଓ ସଦାନନ୍ଦ ବରିହା (ପୁରୁଷ ଭାରୋତ୍ତୋଳନ)। କନ୍ଦନ ମୁର୍ମୁ (ପୁରୁଷ ଜୁଡୋ କୋଚ୍)।



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ କିସ୍ ଖେଳାଳିମାନେ ଏମ୍‌ପି ଅଚ୍ୟୁତ ସାମନ୍ତ ଓ କର୍ମକର୍ତ୍ତାଙ୍କ ଗହଣରେ।

## ଦ୍ୱିତୀୟ ଦିବସରେ ୨୧ ଉଇକେଟର ପତନ

**ଅଲୁର (କର୍ଣ୍ଣାଟକ), ୭।୬ (ପି.ଟି.):** ଏଠାରେ ଉତ୍ତର ପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲ ମ୍ୟାଚର ଦ୍ୱିତୀୟ ଦିବସରେ ୨୧ଟି ଉଇକେଟର ପତନ ଘଟିଛି। ପ୍ରଥମ ଇନିଂସରେ ପଛୁଆ ଥିବା ଉତ୍ତର ପ୍ରଦେଶ ପ୍ରତ୍ୟାବର୍ତ୍ତନ କରିବାରୁ ମ୍ୟାଚ ନାଟକୀୟ ମୋଡ଼ ନେଇଛି। ପ୍ରଥମ ଦିବସରେ ୭ ଉଇକେଟରେ ୨୧୩ରନ କରିଥିବା କର୍ଣ୍ଣାଟକ ୨୫୩ରନରେ ଅଲଆଉଟ ହୋଇଯାଇଥିଲା। ଉତ୍ତର ପ୍ରଦେଶ ୧୫୫ ରନରେ ଅଲଆଉଟ ହୋଇଥିଲା। କର୍ଣ୍ଣାଟକ ଦ୍ୱିତୀୟ ଇନିଂସ ଖେଳି ୮ ଉଇକେଟରେ ୧୦୦ରନ କରିଛି। **କର୍ଣ୍ଣାଟକ ପ୍ରଥମ ଇନିଂସ:** ୨୫୩। **ଉତ୍ତର ପ୍ରଦେଶ ପ୍ରଥମ ଇନିଂସ:** ୧୫୫। **କର୍ଣ୍ଣାଟକ ଦ୍ୱିତୀୟ ଇନିଂସ:** ୧୦୦/୮ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ